॥ ଓ୩ମ୍ ॥

# ବୈଦିକ ଧର୍ମ ଆର୍ଯ୍ୟସମାଜ ପ୍ରଶ୍ନୋତ୍ତରୀ


-: ଲେଖକ :-

ପଣ୍ଡିତ ଧର୍ମଦେବ ସିଦ୍ଧାନ୍ତାଲଙ୍କାର ବିଦ୍ୟାବାଚସ୍ପତି

-: ଅନୁବାଦକ :-

ଆଚାର୍ଯ୍ୟ ବିଶିକେସନ ଶାସ୍ତ୍ରୀ ସାହିତ୍ୟାଚାର୍ଯ୍ୟ



ପ୍ରକାଶକ

ଉତ୍କଳ ସାହିତ୍ୟ ସଂସ୍ଥାନ

ଗୁରୁକୁଳ ଆଶ୍ରମ ଆମସେନା, ଖରିଆର ରୋଡ଼,

ନୂଆପଡ଼ା (ଓଡ଼ିଶା) ୭୬୬୧୦୯

ଦ୍ୱିତୀୟ ସଂସ୍କରଣ ମୂଲ୍ୟ ଟ ୧୨ ଙ୍କା


## ଏ ପ୍ରକାଶନର ଆଭିମୁଖ୍ୟ :-

ଆଜିକୁ ୪୩ ବର୍ଷପୂର୍ବେ ଅର୍ଥାତ୍ ୧୯୬୮ ମସିହାରେ ପୂଜ୍ୟ ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀ (ସେତେବେଳର ବ୍ର. ଧର୍ମଦେବ ସ୍ନାତକ) ଶସ୍ୟ ଶ୍ୟାମଳା ଚିର ସବୁଜିମା ସୁଦୂର ହରିୟାନା ପ୍ରଦେଶରୁ ଓଡ଼ିଶାର ଚିର ଅବହେଳିତ, ଅନୁନ୍ନତ, ଅନଗ୍ରସର ଉପାନ୍ତ ଜିଲ୍ଲା କଳାହାଣ୍ଡି (ନୂଆପଡ଼ା)କୁ ଆସି ଅଖ୍ୟାତ ପଲ୍ଲି ଆମସେନାର ଶାନ୍ତ କାନ୍ତ ପ୍ରଶାନ୍ତ ପରିବେଶରେ କେବଳ ପାଞ୍ଚଜଣ ବ୍ରହ୍ମଚାରୀଙ୍କୁ ନେଇ କ୍ଷୁଦ୍ର ଓ ସୀମିତ ପରିସରରେ ଗୁରୁକୁଳରୂପୀ ଏକ ବୀଜବପନ କରନ୍ତି । କ୍ଷୁଦ୍ର ବାରାବରଣ ମଧ୍ୟରେ କାର୍ଯ୍ୟାରମ୍ଭ ହୁଏ ସତ କିନ୍ତୁ ସ୍ୱାମୀଜୀ ମହୋଦୟଙ୍କ ହୃଦ୍‌ଦେଶରେ କେତେ ଯେ ଅତିମହତ୍ ଆଶା ଆକାଂକ୍ଷାମାନ ଲୁକ୍କାୟିତ ହୋଇ ରହିଥାଏ, ତାହା କାହାକୁ ଜଣା ନଥାଏ । ସେହି କ୍ଷୁଦ୍ର ବୀଜଟି ସ୍ୱାମୀଜୀ ମହୋଦୟଙ୍କ ଅଧ୍ୟବସାୟ, ସଦୁଦ୍ୟମରୂପୀ ସୁଶୀତଳ ଜଳ ଲାଭ କରି କ୍ଷୁଦ୍ର ଅଙ୍କୁରଟିଏ ଉଦ୍ଭବହୁଏ, ସେହି କ୍ଷୁଦ୍ର ଅଙ୍କୁରଟି ଆଜି ସୁବିଶାଳ ଦ୍ରୁମରେ ପରିଣତ ହୋଇ ଶାଖା-ପ୍ରଶାଖା ବିସ୍ତାର କରି ଆର୍ଯ୍ୟ ଜନତା ସମେତ ଇତର ଲୋକଙ୍କୁ ମଧ୍ୟ ସୁଶୀଳତ ଛାୟା ପ୍ରଦାନ କରି ଶ୍ରାନ୍ତ କ୍ଳାନ୍ତ ପଥିକମାନଙ୍କର ଶ୍ରମଲାଘବ କରିବା ସଙ୍ଗେ ସଙ୍ଗେ ସୁରଭିତ କୁସୁମ ଓ ସୁମଧୁର ଫଳମାନ ପ୍ରଦାନକରି ଜନତା ଜନାର୍ଦ୍ଦନର ଆଶା ଆକାଂକ୍ଷାର କେନ୍ଦ୍ରସ୍ଥଳୀରୂପେ ପରିଗଣିତ ହେବାର ଗୌରବ ଅର୍ଜନ କରେ ।

ବର୍ତ୍ତମାନ ଏହି ଗୁରୁକୁଳ ମହାବିଦ୍ୟାଳୟରେ ଓଡ଼ିଶା, ଛତିଶଗଡ଼, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ୍ ପ୍ରଭୃତି ପ୍ରଦେଶରେ ଦ୍ୱିଶତାଧିକ ବ୍ରହ୍ମଚାରୀ ତତ୍‌ସହିତ ଆର୍ଷ କନ୍ୟା ଗୁରୁକୁଳରେ ଶତାଧିକ କନ୍ୟା, ତପଶ୍ଚରଣ ପୂର୍ବକ ବେଦାଧ୍ୟୟନକରି ନିଜନିଜ ଭାବୀ ଜୀବନକୁ ସୁଖସମୃଦ୍ଧମୟ କରିବାପାଇଁ ପ୍ରଗାଢ଼ ପ୍ରଯତ୍ନ କରୁଛନ୍ତି ।

ସାଧୁ-ସନ୍ଥ, ଋଷି-ମହର୍ଷି ତଥା ମହାତ୍ମା-ମହାପୁରୁଷମାନେ କ୍ଷୁଦ୍ରପରିସର

ମଧ୍ୟରେ ଆବଦ୍ଧ ହୋଇ ରହିବାକୁ ତଥା ସୀମିତ କାର୍ଯ୍ୟକଳାପରେ ସନ୍ତୁଷ୍ଟ ହୋଇ କେବେ ମଧ୍ୟ ରହି ପାରନ୍ତି ନାହିଁ । ତେଣୁ ସ୍ୱାମୀଜୀ ମହୋଦୟ "କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍"ର ମହନୀୟ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ଅନେକାନେକ ଯୋଜନା ପ୍ରଣୟନ କରି ଜନତାଜନାର୍ଦ୍ଦନ ବୈଦିକ ବାଙ୍ମୟ ସହିତ ଯେପରି ପରିଚ଼ିତ ହୋଇ ପାରିବେ, ତାପାଇଁ ସତତ ଉଦ୍ୟମରତ ଅଛନ୍ତି । ଆଜିର ବାଳକ-ବାଳିକା ଆସନ୍ତାକାଲିର ନାଗରିକ ହୋଇ ଦେଶର କର୍ଣ୍ଣଧାର ମଧ୍ୟ ହେବେ । ବର୍ତ୍ତମାନର ଜଟିଳ ପରିସ୍ଥିତି କୁଟିଳ ରାଜନୀତି, ଜନତାର ଦୁରାବସ୍ଥା, ପାଶ୍ଚାତ୍ୟ ଗ୍ବକଚକ୍ୟର ମୋହ, ଭୌତିକବାଦର ଆକର୍ଷଣ ଛାତ୍ର ସମାଜକୁ ଅଧଃପତନର ଅତଳଗହ୍ୱରରେ ନେଇ ନିପତିତ କରିଦେଉଛି । ଏସବୁ ପରିସ୍ଥିତିକୁ ଦେଖି କେବଳ ନୈରାଶ୍ୟଜର୍ଜରିତ ହେବାକୁ ପଡୁଛି ।

ଅଧ୍ୟୟନରତ ସରଳ-ତରଳ କୋମଳମତି ଛାତ୍ରଛାତ୍ରୀଙ୍କ ହୃଦ୍‌ଦେଶରେ ଯଦି ଧାର୍ମିକ ମନୋଭାବ, ବୈଦିକ ଆଗ୍ବର ବିଗ୍ବର, ପ୍ରାଚୀନ କାଳୀନ ସଭ୍ୟତା ସଂସ୍କୃତି, ପାପପୁଣ୍ୟର ପରିଣତି ପ୍ରଭୃତିର ସାରମର୍ମ ପୂରାଇ ଦିଆଯାଏ, ତେବେ ସଂପୂର୍ଣ୍ଣରୂପେ ନହେଲେ ମଧ୍ୟ କିୟଦଂଶରେ ଦେଶ, ସମାଜ ନତୁବା ପରିବାରର ଅବସ୍ଥା ସୁଖ-ଶାନ୍ତିମୟ ହୋଇପାରିବ ସେହି ମହନୀୟ ଆଶା ଆକାଂକ୍ଷାକୁ ପାଥେୟ କରି ଆମସେନା ଗୁରୁକୁଳ ଆନୁକୂଲ୍ୟରେ ହିନ୍ଦୀ ଓ ଓଡ଼ିଆ ଭାଷାଭାଷୀ ଛାତ୍ର-ଛାତ୍ରୀଙ୍କ ପାଇଁ ଆର୍ଯ୍ୟ କୁସୁମ, ଆର୍ଯ୍ୟ ଭୂଷଣ ଓ ଆର୍ଯ୍ୟରତ୍ନ ନାମକ ଧାର୍ମିକ ପରୀକ୍ଷାତ୍ରୟ ପ୍ରଚ଼ଳନ କରାଯାଇଥିଲା । ଆର୍ଯ୍ୟ କୁସୁମ ପରୀକ୍ଷା ପାଇଁ ପଣ୍ଡିତ ଧର୍ମଦେବଜୀ ସିଦ୍ଧାନ୍ତାଲଙ୍କାରଙ୍କ ପ୍ରଣୀତ **"ବୈଦିକ ଧର୍ମ ଆର୍ଯ୍ୟସମାଜ ପ୍ରଶ୍ନୋତ୍ତରୀ"** ନାମକ ପୁସ୍ତକ ମନୋନୀତ ହୋଇଥିଲା । ଉଭୟ ଭାଷାଭାଷୀ ପରୀକ୍ଷାର୍ଥୀମାନଙ୍କ ମାନଦଣ୍ଡ ଯେପରି ଭାରସାମ୍ୟ ହୋଇ ରହିବ ଓ ଓଡ଼ିଆ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ଯେପରି ହେବେ ନାହିଁ, ତାପାଇଁ ପୁସ୍ତକକୁ ଓଡ଼ିଆରେ ପ୍ରକାଶ କରିବା ଅତ୍ୟନ୍ତ ଆବଶ୍ୟକ



ହୋଇପଡିଲା । ସେହି ଗୁରୁଦାୟିତ୍ୱ ମୋ ଉପରେ ନ୍ୟସ୍ତ ହୋଇଥିଲା । ତେଣୁ ଅନୁଦିତ ପୁସ୍ତକର ପ୍ରଥମ ସଂସ୍କରଣ ଅନେକ ଦିନରୁ ଶେଷ ହୋଇଥିଲା । ଏବେ ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହେବାକୁ ଯାଉଛି । ଆଶା ପୂର୍ବ ପ୍ରକାଶନପରି ଏ ସଂସ୍କରଣ ମଧ୍ୟ ଜନତାଜନାର୍ଦ୍ଦନଙ୍କ ଆଦର ଲାଭକରିବ, ଏ ଦୃଢ଼ ବିଶ୍ୱାସ ମୋର ରହିଛି । କିମଧିକଂ ବିଦ୍ୱତ୍ ପ୍ରବରେଷୁ ॥ ଇତ୍ୟୋମ୍ ॥

ବିଦୁଷାଂ ବଶମ୍ବଦଃ
**ଆଗ୍ବର୍ଯ୍ୟ ବିଶିକେସନ ଶାସ୍ତ୍ରୀ**
କାର୍ଯ୍ୟକାରୀ ସଭାପତି
ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭ

ଗୁରୁକୁଳ ଆଶ୍ରମ ଆମସେନା
ତା ୧୫-୭-୨୦୧୧

# ବୈଦିକ ଧର୍ମ ଆର୍ଯ୍ୟସମାଜ ପ୍ରଶ୍ନୋତ୍ତରୀ

## ପ୍ରଥମଭାଗ - ପ୍ରଥମ ପାଠ

### -: ଈଶ୍ୱର୍ :-

ପ୍ରଶ୍ନ :- ସଂସାରରେ ଯେଉଁ ସବୁ ପାହାଡ଼, ପର୍ବତ, ସୂର୍ଯ୍ୟ-ଚନ୍ଦ୍ର, ଗ୍ରହ-ନକ୍ଷତ୍ରାଦି ଆମେ ଦେଖୁଛୁ, ସେଗୁଡ଼ିକୁ କିଏ ରଚନା କରିଛନ୍ତି ?

ଉତ୍ତର :- ଈଶ୍ୱର ରଚନା କରିଛନ୍ତି ।

ପ୍ର :- କୌଣସି ମନୁଷ୍ୟ କିମ୍ବା ଅନ୍ୟପ୍ରାଣୀ ସେସବୁକୁ କଣ ରଚନା କରି ପାରିବେ ନାହିଁ ?

ଉ :- ନା, କରିପାରିବେ ନାହିଁ । କାରଣ ଈଶ୍ୱରଙ୍କ ବ୍ୟତୀତ ଏପରି ଦଆଶ୍ଚର୍ଯ୍ୟ ଜିନିଷ ଅନ୍ୟ କେହି ତିଆରି କରିପାରିବେ ନାହିଁ ।

ପ୍ର :- ଈଶ୍ୱରଙ୍କ ସ୍ୱରୂପ କିପରି ? ସେ କେଉଁଠି ରହନ୍ତି ? ଆଖିରେ ଆମେ ତାଙ୍କୁ ଦେଖିପାରିବା ନା ନାହିଁ ?

ଉ :- ଈଶ୍ୱର ପ୍ରତ୍ୟେକ ସ୍ଥାନରେ ବ୍ୟାପି ରହିଛନ୍ତି । ଏପରି କୌଣସି ସ୍ଥାନ କିମ୍ବା ଏପରି କୌଣସି ଜିନିଷ ନାହିଁ, ଯା ଭିତରେ କି ସେ ରହିନାହାନ୍ତି । ତାଙ୍କର ଶରୀର କିମ୍ବା କୌଣସି ରୂପରେଖ ନାହିଁ । ତେଣୁ ତାଙ୍କୁ ଆଖିରେଦେଖିବା କଦାପି ସମ୍ଭବପର ନୁହେଁ ।

ପ୍ର :- ଆମ ଶରୀରରେ ମଧ୍ୟ ଈଶ୍ୱର କଣ ରହିଛନ୍ତି ?

ଉ :- ନିଶ୍ଚୟ, ସର୍ବବ୍ୟାପକ ସେହି ପରମେଶ୍ୱର ଆମ ବାହାର-ଭିତର, ତଳ-ଉପର, ଶରୀରର ପ୍ରତ୍ୟେକ ଅଂଶରେ ଅଛନ୍ତି । ସେହି ପରମେଶ୍ୱର ସର୍ବଦା ଆମ ନିକଟରେ ରହିଛନ୍ତି । ଏ ବିଷୟକୁ ଭୁଲି ନଯାଇ ଏହାକୁ ସବୁବେଳେ ଆମକୁ ମନେ ରଖିବାକୁ ହେବ ।



ପ୍ର :- ଏହାକୁ ମନେ ରଖିଲେ କଣ ଆମର ଲାଭ ହେବ ?

ଉ :- ପରମେଶ୍ୱର ସବୁଠାରେ ଅଛନ୍ତି, ସେସବୁକିଛିକୁ ଦେଖୁଛନ୍ତି ଓ ଜାଣୁଛନ୍ତି, ଏପରି ଧାରଣା ଆମର ଯେବେ ରହିବ, ତେବେ ଆମେ କେବେ କୁତ୍ସିତ କର୍ମ କରିବା ନାହିଁ । ହୃଦୟରେ ମଳିନ ବିଗ୍ଚର ଧାରାକୁ କେବେ ସ୍ଥାନ ଦେବାନାହିଁ । ପରମେଶ୍ୱର ହେଉଛନ୍ତି ବିଶ୍ୱବ୍ରହ୍ମାଣ୍ଡର ରାଜା । ସେ ଆମର ପ୍ରତ୍ୟେକ କାର୍ଯ୍ୟକଳାପକୁ ଦେଖୁଛନ୍ତି, ତେଣୁ ଆମେ କିପରି ଗ୍ଚେରି କରିବା ? କିପରି ଅନ୍ୟକୁ ଠକିବା ବା ମିଛ କହିବା ? କିପରି ବା ଦୁଷ୍କର୍ମ କରିବା ? କେବଳ ସେତିକି ନୁହେଁ ଦୁଷ୍କର୍ମ କରିବାପାଇଁ ମନରେ ବିଗ୍ଚର ମଧ୍ୟ କରିବା ନାହିଁ । "ଈଶ୍ୱରଙ୍କୁ ସର୍ବବ୍ୟାପକ ବିଗ୍ଚରି ସର୍ବଦା ଦୁଷ୍କର୍ମରୁ ଦୂରେଇ ରହ । ଏହା ହେଉଛି ଧର୍ମର ଏକ ମହାନ୍ ଶିକ୍ଷା ।

ବେଦରେ କଥିତ ହୋଇଛି :-

''**ଈଶା ବାସ୍ୟମିଦଂ ସର୍ବଂ ଯକିଞ୍ଚ ଜଗତ୍ୟାଂ ଜଗତ୍" ।** (ଯଜୁ ଅ. ୪୦-ମ.୧)

(ସଂସାରର ପ୍ରତ୍ୟେକ ପଦାର୍ଥରେ ସେହି ପରମେଶ୍ୱର ବ୍ୟାପକ ହୋଇ ରହିଛନ୍ତି ।

ପ୍ର:- ସଂସାରରେ ଈଶ୍ୱରଙ୍କ ସଂଖ୍ୟା କେତୋଟି ?

ଉ:- ଈଶ୍ୱର ହେଉଛନ୍ତି ଏକ । ସେ ପ୍ରତ୍ୟେକ ସ୍ଥାନରେ ବ୍ୟାପି ରହିଛନ୍ତି । ସବୁକିଛିକୁ ସେ ଜାଣନ୍ତି । ସକଳ ସଂସାର ମଧ୍ୟରେ ସେ ହେଉଛନ୍ତି ଏକମାତ୍ର ସର୍ବଶକ୍ତିମାନ୍ ।

ବେଦରେ କୁହାଯାଇଛି :-

**"ଯ ଏକ ଇତ୍ ତମୁଷ୍ଟୁହି"** (ଋକ୍ ୬-୪୫)

ହେ ମନୁଷ୍ୟ ! ଈଶ୍ୱର ହେଉଛନ୍ତି ଏକ । ତୁମେ ତାଙ୍କୁ ସର୍ବଦା ସ୍ତୁତି ପ୍ରାର୍ଥନା କର ।

ଉପନିଷଦ୍‌ରେ ପୁଣି କୁହାଯାଇଛି :-

**"ଏକୋ ଦେବଃ ସର୍ବଭୂତେଷୁ ଗୂଢ଼ଃ । ସର୍ବବ୍ୟାପୀ ସର୍ବ ଭୂତାନ୍ତରାତ୍ମା "**

(ଶ୍ୱେତାଶ୍ୱେତର୍ ଉପନିଷଦ୍)

ପରମେଶ୍ୱର ହେଉଛନ୍ତି ଏକ "ପ୍ରତ୍ୟେକ ପ୍ରାଣୀଙ୍କ ଆତ୍ମା ଭିତରେ ଲୁକ୍କାୟିତ ଭାବେ ସେ ରହିଛନ୍ତି । ସେ ସର୍ବବ୍ୟାପକ, ପ୍ରତ୍ୟେକ ପ୍ରାଣୀଙ୍କ ଆତ୍ମାଭିତରେ ସେ ବିଦ୍ୟମାନ"।

## ଦ୍ୱିତୀୟ ପାଠ
## ( ବେଦ )

ପ୍ରଶ୍ନ :- ବେଦ କାହାକୁ କହନ୍ତି ?

ଉତ୍ତର :- ବେଦ ଶବ୍ଦର ଅର୍ଥ ହେଉଛି ଜ୍ଞାନ ।

ପ୍ରଶ୍ନ :- ସେହି ବେଦ କେତେ ଭାଗରେ ବିଭକ୍ତ ? ବେଦରେ କ'ଣ ସବୁ ଶିକ୍ଷା ଦିଆଯାଇଛି ?

ଉ :- ଋକ୍, ଯଜୁ, ସାମ ଓ ଅଥର୍ବ, ଏହିପରି ବେଦ ଚାରି ଭାଗରେ ବିଭକ୍ତ । ମନୁଷ୍ୟ କିପରି କାର୍ଯ୍ୟମାନ କରିବ, ଦେଶ, ସମାଜ ଓ ପରିବାର ପ୍ରତି ତାର କର୍ତ୍ତବ୍ୟ କଣ ? ସଂସାରରେ ଶାନ୍ତି ପ୍ରତିଷ୍ଠାପାଇଁ କି ପ୍ରକାର ପଦକ୍ଷେପ ନିଆଯିବ ? ଈଶ୍ୱରଙ୍କ ଉପାସନା କିପରି କରିବାକୁ ହେବ ? ଏପରି ସାରଗର୍ଭକ ଉପଦେଶମାନ ବେଦରେ ଶିକ୍ଷା ଦିଆଯାଇଛି । ସେସବୁକୁ ଜାଣିଲେ ନିଶ୍ଚିତଭାବେ ମନୁଷ୍ୟର ଉନ୍ନତି ସାଧିତ ହେବ ।

ପ୍ର :- ବେଦଜ୍ଞାନ କିଏ ଦେଇଛି ? ସେସବୁ ଦେବାର ଉଦ୍ଦେଶ୍ୟ କ'ଣ ?

ଉ :- ଯେଉଁ ଈଶ୍ୱର ସର୍ବଜ୍ଞ ଅର୍ଥାତ୍ ସବୁକିଛିକୁ ଜାଣନ୍ତି, ସେହିଁ ବେଦଜ୍ଞାନ ଦେଇଛନ୍ତି । ମନୁଷ୍ୟ ସମାଜ ସୁଖଶାନ୍ତିରେ ଆନନ୍ଦ ଉପଭୋଗକରି କିପରି ରହିବ, ତାପାଇଁ ଈଶ୍ୱର ବେଦଜ୍ଞାନ ଦେଇଛନ୍ତି "ପିତାମାତାଙ୍କପରି ଈଶ୍ୱରଙ୍କ ଦୟା ଆମ ଉପରେ ରହିଛି" ସନ୍ତାନ-ସନ୍ତତିଙ୍କ ଉନ୍ନତିପାଇଁ ପିତାମାତା ସବୁବେଳେ ସେମାନଙ୍କୁ ଉତ୍ତମ ଶିକ୍ଷା ଦେବାପରି ସମସ୍ତଙ୍କ ପରମପିତା ଓ ଦୟାଳୁ ମାତା ସେହି ପରମେଶ୍ୱର ଆମରି କଲ୍ୟାଣ ପାଇଁ ବେଦଜ୍ଞାନ ଦେଇଛନ୍ତି । କାରଣ ସବୁବେଳେ ସେ ଆମ ସମସ୍ତଙ୍କ ମଙ୍ଗଳକାମନା କରିଥାନ୍ତି ।

ପ୍ର:- ବେଦର ସେହି ଜ୍ଞାନଗୁଡ଼ିକୁ ଈଶ୍ୱର କେବେ ଦେଇଛନ୍ତି ?

ଉ :- ଏହିଜ୍ଞାନ ଈଶ୍ୱର ମନୁଷ୍ୟକୁ ସୃଷ୍ଟିର ପ୍ରାରମ୍ଭରେ ଦେଇଛନ୍ତି । ସୃଷ୍ଟିପରେ ଈଶ୍ୱର ଯଦି ଏହିଜ୍ଞାନ ଦେଇଥାନ୍ତେ, ତେବେ ପୂର୍ବରୁ ସୃଷ୍ଟିହୋଇଥିବା ମନୁଷ୍ୟମାନେ ସେହିଲାଭ ପାଇପାରି ନଥାନ୍ତେ ।

ପ୍ର:- ଈଶ୍ୱର ବେଦଜ୍ଞାନ କାହାକୁ ଓ କାହିଁକି ଦେଇଛନ୍ତି ?



ଉ :- ଈଶ୍ୱର ସୃଷ୍ଟିର ପ୍ରାରମ୍ଭରେ ଏହି ବେଦଜ୍ଞାନ ଋଷିମାନଙ୍କୁ ଦେଇଥିଲେ । ପ୍ରାରମ୍ଭରେ ଯଦି ଏପରି ଜ୍ଞାନ ଦେଇ ନଥାନ୍ତେ ତେବେ ମନୁଷ୍ୟ କିଛି ଶିଖି ପାରିନଥାନ୍ତା । କିମ୍ବା କେଉଁ କାମ କରିବାକୁ ହେବ ତାହାମଧ୍ୟ ଜାଣିପାରି ନ ଥାନ୍ତା । ସାଧାରଣ ଭାବେ ଦେଖିବାକୁଗଲେ କେହିଜଣେ ମନୁଷ୍ୟକୁ ନଶିଖାଇବା ପର୍ଯ୍ୟନ୍ତ ସେ କିଛି ଲେଖିଜାଣେନାହିଁ କିମ୍ବା ପଢ଼ିପାରେ ନାହିଁ । ସୃଷ୍ଟିର ପ୍ରାରମ୍ଭରେ ଈଶ୍ୱରଙ୍କ ବ୍ୟତୀତଅନ୍ୟ କିଏବା ମନୁଷ୍ୟକୁ ଉପଦେଶ ଦେଇଥାନ୍ତା ? ତେଣୁ ଈଶ୍ୱର ଅଗ୍ନି, ବାୟୁ, ଆଦିତ୍ୟ ଓ ଅଙ୍ଗିରା ଏପରି ଚାରିଜଣ ଋଷିଙ୍କୁ ବେଦଜ୍ଞାନ ପ୍ରଦାନ କରିଥିଲେ ।

ପ୍ର :- ଈଶ୍ୱର କାଗଜ, କଲମ ଓ କାଳୀରେ କଣ ସେସବୁ ଲେଖିଦେଲେ ? ନା ଅନ୍ୟ କେଉଁ ଉପାୟରେ ଋଷିମାନଙ୍କୁ ସେହି ବେଦଜ୍ଞାନ ଦେଇଥିଲେ ?

ଉ :- ଈଶ୍ୱର ସମସ୍ତଙ୍କ ହୃଦୟରେ ବ୍ୟାପି ରହିଛନ୍ତି । ସେହିଚାରିଜଣ ଋଷିଙ୍କ ହୃଦୟ ଅତ୍ୟନ୍ତ ପବିତ୍ର ଥିଲା । ତେଣୁ ସେମାନଙ୍କ ହୃଦୟରେ କେବଳ ବେଦଜ୍ଞାନ ପ୍ରକଟ କରିଥିଲେ । ଈଶ୍ୱର ହେଉଛନ୍ତି ସର୍ବବ୍ୟାପକ ଓ ସର୍ବଶକ୍ତିମାନ୍ । ତେଣୁ ଜ୍ଞାନଦେବାପାଇଁ ସେ କାଗଜ, କଲମ କିମ୍ବା କାଳୀ ଲୋଡ଼ିନଥିଲେ । କିମ୍ବା ମୁହଁରେ ତାଙ୍କୁ କହିବାକୁ ପଡ଼ିନଥିଲା କେବଳ ହୃଦ୍‌ଦେଶରେ ପ୍ରେରଣା ପ୍ରଦାନ ହିଁ ତାଙ୍କପକ୍ଷରେ ଜ୍ଞାନ ଉଦ୍ରେକର ଯଥେଷ୍ଟ କାରଣ ଥିଲା ।

ପ୍ର :- ଈଶ୍ୱରଙ୍କ ପ୍ରଦତ୍ତଜ୍ଞାନ ସାମୟିକଭାବେ ପରିବର୍ତ୍ତନ ହୋଇଥାଏ କି ?

ଉ :- ନାଁ, ଈଶ୍ୱରଙ୍କ ପ୍ରଦତ୍ତଜ୍ଞାନ ସବୁଦିନ ପାଇଁ ଠିକ୍ ସେହିପରି ରହିଥାଏ । ତାକୁ ପରିବର୍ତ୍ତନ କରିବାର ଆବଶ୍ୟକତା କେବେ ପଡ଼େନାହିଁ ।

ପ୍ର :- ବେଦ କଣ କୌଣସି ଏକ ଜାତି ବିଶେଷ କିମ୍ବା କୌଣସି ଏକ ଦେଶର ଲୋକଙ୍କପାଇଁ ଏହା ଉଦ୍ଦିଷ୍ଟ ?

ଉ :- ସଚରାଚର ସକଳ ପ୍ରାଣୀ ସୁଖରେ ବସବାସ କରନ୍ତୁ, ଏହାହିଁ ହେଉଛି ଈଶ୍ୱରଙ୍କ ମୁଖ୍ୟ ଉଦ୍ଦେଶ୍ୟ । ତେଣୁ ବେଦ ସମଗ୍ର ସଂସାରର ପ୍ରତ୍ୟେକ ମନୁଷ୍ୟଙ୍କ ପାଇଁ ଉଦ୍ଦିଷ୍ଟ । ଈଶ୍ୱର କୌଣସି ଜାତିବିଶେଷ, କିମ୍ବା କୌଣସି ଏକ ଦେଶର ପିତା

ନୁହନ୍ତି, ସେ ହେଉଛନ୍ତି ସକଳ ସଂସାରର ପିତା । ତେଣୁ ଯେକୌଣସି ଦେଶର ବ୍ୟକ୍ତି ଯଦି ଉତ୍ତମ ହେବାପାଇଁ ଇଚ୍ଛାକରେ, ତେବେତାର ବେଦପଢ଼ିବାର ସଂପୂର୍ଣ୍ଣ ଅଧିକାର ରହିଅଛି । ତେଣୁ ବେଦରେ ନିର୍ଦ୍ଦେଶ ଦିଆଯାଇଛି :-

**"ଯଥେମାଂ ବାଚଂ କଲ୍ୟାଣୀମାବଦାନି ଜନେଭ୍ୟଃ ।**
**ବ୍ରହ୍ମରାଜନ୍ୟାଭ୍ୟାଂ ଶୂଦ୍ରାୟ ଚାର୍ଯ୍ୟାୟଚ ସ୍ୱାୟ ଚାରଣାୟ ।"**

(ଯଜୁ ଅ୨୬-ମ୨)

ପରମାତ୍ମା ଉପଦେଶ ଦେଇଛନ୍ତି "ଏହି କଲ୍ୟାଣକାରିଣୀ ବେଦଜ୍ଞାନକୁ ମୁଁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ନିର୍ବିଶେଷରେ ସମସ୍ତ ମନୁଷ୍ୟଙ୍କୁ ପ୍ରଦାନ କରୁଅଛି । ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ପ୍ରଣୀତ ଆର୍ଯ୍ୟସମାଜର ଦଶନିୟମ ମଧ୍ୟରୁ ତୃତୀୟ ନିୟମ ହେଉଛି "ବେଦ ହେଉଛି ସମସ୍ତ ସତ୍ୟ ବିଦ୍ୟାର ପୁସ୍ତକ । ବେଦକୁ ପଢ଼ିବା-ପଢ଼ାଇବା- ଓ ଶୁଣିବା-ଶୁଣାଇବା ପ୍ରତ୍ୟେକ ଆର୍ଯ୍ୟଙ୍କର ପରମ ଧର୍ମ ଅଟେ । ତାଙ୍କର ଏହି ମହନୀୟ ଉପଦେଶକୁ ଭୁଲିଯିବା କଦାପି ଉଚିତ ନୁହେଁ । ସର୍ବଦା ବେଦାଧ୍ୟୟନ ଦ୍ୱାରା ମନୁଷ୍ୟ ଜୀବନକୁ ସରସ-ସୁନ୍ଦର କରିବା ଏକାନ୍ତ ଆବଶ୍ୟକ ।"

--- ୦୦୦ ---

## ତୃତୀୟ ପାଠ
## (ବୈଦିକ ସାହିତ୍ୟ ତଥା ଋଷିକୃତ ଗ୍ରନ୍ଥ)

(ଉପବେଦ, ବ୍ରାହ୍ମଣ, ବେଦାଙ୍ଗ, ଉପାଙ୍ଗ ଓ ଉପନିଷଦ୍)

ପ୍ରଶ୍ନ :- ଉପବେଦ କେତୋଟି ? ଓ ସେଗୁଡ଼ିକର ନାମ କଣ ?

ଉତ୍ତର :- ଉପବେଦ ଚାରୋଟି । ଯଥା -ଆୟୁର୍ବେଦ, ଧନୁର୍ବେଦ, ଗାନ୍ଧର୍ବବେଦ ଓ ଅର୍ଥବେଦ । ଋଗ୍‌ବେଦର ଉପବେଦ-ଆୟୁର୍ବେଦ । ଏଥିରେ କେବଳ ଶରୀରର ସୁରକ୍ଷା, ଆରୋଗ୍ୟତାଲାଭ, ସ୍ୱାସ୍ଥ୍ୟରକ୍ଷାର ନୀତିନିୟମ, ଯାବତୀୟ ଔଷଧିର ଗୁଣ ଓ ରୋଗର ଚିକିତ୍ସା ପ୍ରଣାଳି ବର୍ଣ୍ଣିତ ହୋଇଛି । ବର୍ତ୍ତମାନ ଚିକିତ୍ସା ଜଗତରେ ଚରକ ସଂହିତା ଓ ସୁଶ୍ରୁତ ସଂହିତା ଏହି ଆୟୁର୍ବେଦ ଗ୍ରନ୍ଥଦ୍ୱୟ ପ୍ରସିଦ୍ଧି ଲାଭକରିଛି । ଧନୁର୍ବେଦ ଯଜୁର୍ବେଦର



ଉପବେଦ । ଧନୁର୍ବାଣ ଚାଳନାର ଅଦ୍ଭୁତ କୌଶଳ ମାନ ଏଥିରେ ଉଲ୍ଲେଖ କରାଯାଇଛି । ଗାନ୍ଧର୍ବବେଦ ସାମବେଦର ଉପବେଦ । ଏଥିରେ ସଙ୍ଗୀତକଳାର ଚର୍ଚ୍ଚା ଦେଖିବାକୁ ମିଳେ । ଅଥର୍ବବେଦର ଉପବେଦ ଅର୍ଥବେଦ । ଏଥିରେ ଶିଳ୍ପଶାସ୍ତ୍ରର ବିଷୟବସ୍ତୁ ବର୍ଣ୍ଣନା କରାଯାଇଛି । ଅନେକଲୋକ ଆୟୁର୍ବେଦକୁ ଅଥର୍ବବେଦର ଉପବେଦ ବୋଲି ମତଦେଇଥାନ୍ତି । ଏହାର କାରଣ ହେଉଛି ଋଗ୍‌ବେଦପରି ଅଥର୍ବ ବେଦରେ ମଧ୍ୟ ଔଷଧି ସମ୍ବନ୍ଧୀୟ କେତୋଟି ସୂକ୍ତ ଦେଖିବାକୁ ମିଳେ ।

ପ୍ର :- କେଉଁଟି ବେଦର ପ୍ରାଚୀନ ଭାଷ୍ୟ ? ବେଦକୁ ଜାଣିବାପାଇଁ ଯାହାର ସାହାଯ୍ୟ ନିଆଯାଇପାରେ ?

ଉ :- ବ୍ରାହ୍ମଣ ଗ୍ରନ୍ଥ ହେଉଛି ବେଦର ପ୍ରାଚୀନ ଭାଷ୍ୟ "ମହୀଦାସ, ଐତରେୟ, ଯାଜ୍ଞ୍ୟବଲ୍କ୍ୟ ଆଦି ଋଷିମାନେ ଏହାକୁ ରଚନା କରିଛନ୍ତି" ସେମାନଙ୍କ ମଧ୍ୟରେ ପ୍ରସିଦ୍ଧି ଲାଭ କରିଛି  ଋଗ୍‌ବେଦର ବ୍ରାହ୍ମଣ :- ଐତରେୟ ବ୍ରାହ୍ମଣ । ଯଜୁର୍ବେଦର ବ୍ରାହ୍ମଣଃ- ଶତପଥ ବ୍ରାହ୍ମଣ, ସାମବେଦର ବ୍ରାହ୍ମଣ :- ସାମ ବା ତାଣ୍ଡ୍ୟ ମହାବ୍ରାହ୍ମଣ ଓ ଅଥର୍ବବେଦର ବ୍ରାହ୍ମଣ :- ଗୋପଥ ବ୍ରାହ୍ମଣ "ଏଥିରେ ବେଦରେ ପ୍ରୟୋଗ କରାଯାଇଥିବା ଶବ୍ଦ ଗୁଡ଼ିକର ଅର୍ଥ ସୁନ୍ଦରଭାବେ ବୁଝାଇଦିଆଯାଇଛି। ସେଗୁଡ଼ିକର ପ୍ରୟୋଗ ଯଜ୍ଞରେ କିପରି କରାଯିବ ତାମଧ୍ୟ ଉଲ୍ଲେଖ କରାଯାଇଛି ।"

ପ୍ରଃ- ବେଦାଙ୍ଗ କ'ଣ ? ଏହା କେତୋଟି ?

ଉ :- ବେଦାଙ୍ଗ ଛଅଟି, ଯଥା -ଶିକ୍ଷା (ବର୍ଣ୍ଣୋଚ୍ଚାରଣ ବିଦ୍ୟା) କଳ୍ପ (ଧର୍ମସୂତ୍ର. ଶ୍ରୌତସୂତ୍ର ଓ ଗୃହ୍ୟସୂତ୍ର) ବ୍ୟାକରଣ (ବୈଦିକ ଶବ୍ଦର ଗଠନ ପ୍ରଣାଳୀ) ନିରୁକ୍ତ (ବେଦାର୍ଥ ପ୍ରକ୍ରିୟା) ଛନ୍ଦ (ପଦ୍ୟ ରଚନାର ନୀତିନିୟମ) ଜ୍ୟୋତିଷ (ମହାକାଶ ବିଷୟକ ଗଣିତ ବିଦ୍ୟା) "ଏଗୁଡ଼ିକୁ ପାଠକଲେ ବେଦମନ୍ତ୍ରର ଅର୍ଥ ସହଜରେ ବୁଝିହୁଏ । ବ୍ୟାକରଣ ମଧ୍ୟରେ ପାଣିନି ମୁନିକୃତ ଅଷ୍ଟାଧ୍ୟାୟୀ ଓ ପତଞ୍ଜଳି ମୁନିକୃତ ମହାଭାଷ୍ୟ ହେଉଛି ଅତ୍ୟନ୍ତ ପ୍ରସିଦ୍ଧ "ଯାସ୍କାଚାର୍ଯ୍ୟ କୃତ ନିରୁକ୍ତ ଯେପରି ପ୍ରସିଦ୍ଧ ସେହିପରି ଉପାଦେୟ ମଧ୍ୟ "ପିଙ୍ଗଳମୁନିକୃତ ଛନ୍ଦଶାସ୍ତ୍ର ମଧ୍ୟ ଅତ୍ୟନ୍ତ ପ୍ରସିଦ୍ଧି ଲାଭ କରିଛି ।

ପ୍ର :- ଉପାଙ୍ଗ କ'ଣ ?

ଉ :- ଏଗୁଡ଼ିକୁ ଦର୍ଶନଶାସ୍ତ୍ର ମଧ୍ୟ କୁହାଯାଏ "'ଦର୍ଶନ ଛଅଟି' ଯଥା -ନ୍ୟାୟ, ବୈଶିଷିକ, ସାଂଖ୍ୟ, ଯୋଗ, ବେଦାନ୍ତ ଓ ମୀମାଂସା ଏଗୁଡ଼ିକରେ ଆତ୍ମା, ପରମାତ୍ମା, ପ୍ରକୃତି, ଜଗତର ଉତ୍ପତ୍ତି ଓ ମୋକ୍ଷଲାଭ ପ୍ରଭୃତି କଠିନ ପ୍ରଶ୍ନ ଗୁଡ଼ିକର ସାବଲୀଳ ଉତ୍ତର ସହଜଭାବରେ ବୁଝାଇଦିଆଯାଇଛି ।

ପ୍ର :- କେଉଁ କେଉଁ ଋଷି ଦର୍ଶନଶାସ୍ତ୍ର ରଚନା କରିଛନ୍ତି ?

ଉ :- ନ୍ୟାୟଶାସ୍ତ୍ର- ଗୌତମ ମୁନି, ବୈଶେଷିକ ଶାସ୍ତ୍ର-କଣାଦମୁନି, ସାଂଖ୍ୟଶାସ୍ତ୍ର - କପିଳ ମୁନି, ଯୋଗଶାସ୍ତ୍ର -ପତଞ୍ଜଳି ମୁନି, ଉତ୍ତର ମିମାଂସା ଶାସ୍ତ୍ର ବା ବେଦାନ୍ତ ଶାସ୍ତ୍ର -ବେଦବ୍ୟାସମୁନି, ପୂର୍ବ ମୀମାଂସା ଶାସ୍ତ୍ର ଜୈମିନି ମୁନି ।

ପ୍ର :- ଋଷିକୃତ ଉପନିଷଦ୍‌ର ସଂଖ୍ୟା କେତୋଟି ? ତହିଁରେ କେଉଁ ବିଷୟଗୁଡ଼ିକୁ ବର୍ଣ୍ଣନା କରାଯାଇଛି ?

ଉ :- ସେପରି ଦେଖିବାକୁ ଗଲେ ଆଜିକାଲି ପ୍ରାୟ ୧୫୦ଟି ଉପନିଷଦ୍ ବଜାରରେ ମିଳୁଛି । କିନ୍ତୁ ପ୍ରାମାଣିକ ଋଷିକୃତ ଉପନିଷଦ୍‌ର ସଂଖ୍ୟା ହେଉଛି ଏଗାର । ଯଥା - ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ଏତରେୟ, ତୈତ୍ତରୀୟ, ଛାନ୍ଦୋଗ୍ୟ, ବୃହଦାରଣ୍ୟକ ଓ ଶ୍ୱେତାଶ୍ୱେତର । ଏହି ଉପନିଷଦ ଗୁଡ଼ିକରେ ଋଷି ମହର୍ଷିଗଣ ବେଦାନୁକୂଳ ଓ ନିଜ ଅନୁଭୂତ ବିଷୟକୁ କେନ୍ଦ୍ରବିନ୍ଦୁ କରି ବ୍ରହ୍ମବିଦ୍ୟାର ଉପଦେଶ ଦେଇଛନ୍ତି । ସେ ସବୁ ଅତ୍ୟନ୍ତ ଶାନ୍ତି ପ୍ରଦାୟକ ଓ ଜୀବନର ପଥ ପ୍ରଦର୍ଶକ ଅଟେ ।

ପ୍ର :- ଧର୍ମଶାସ୍ତ୍ର ସଂଖ୍ୟା କେତୋଟି ? ସେଗୁଡ଼ିକ ମଧ୍ୟରେ କେଉଁଗୁଡ଼ିକୁ ପ୍ରାମାଣିକ କୁହାଯିବ ?

ଉ :- ଆମେ ପ୍ରଥମରୁ ଉଲ୍ଲେଖ କରିଛୁ :- ସବୁଠାରୁ ଅଧିକ ପ୍ରାମାଣିକ ଓ ଗ୍ରହଣଯୋଗ୍ୟ ଧର୍ମଶାସ୍ତ୍ର ହେଉଛି କେବଳ ବେଦ "ବେଦ ବିରୁଦ୍ଧ ବିଷୟ ଯେ କୌଣସି ଗ୍ରନ୍ଥରେ ଥାଉନା କାହିଁକି ତାହା କଦାପି ଗ୍ରହଣଯୋଗ୍ୟ ହୋଇପାରିବ ନାହିଁ । କାରଣ ପ୍ରାଚୀନ ମୁନିଋଷିଙ୍କ ନାମରେ କେତେକ ଧୂର୍ତ୍ତ ସ୍ୱାର୍ଥପରବ୍ୟକ୍ତି ଅନେକ ଗ୍ରନ୍ଥ ରଚନା



କରିଛନ୍ତି । ତା ସଙ୍ଗେ ସଙ୍ଗେ ଉକ୍ତ କୋଟୀର ଗ୍ରନ୍ଥରେ କେତେକ ଆପତ୍ତି ଜନକ ବିଷୟ ମିଶ୍ରଣ କରିଦେଇଛନ୍ତି । ଫଳରେ ପୁସ୍ତକର କେଉଁ ଅଂଶ ମୂଳଗ୍ରନ୍ଥର ବିଷୟ ବସ୍ତୁ ଓ କେଉଁ ଅଂଶ ମିଶ୍ରଣ କରାଯାଇଛି, ତାଜାଣିବା କଷ୍ଟକର ହୋଇପଡୁଛି । କିନ୍ତୁ ବୁଦ୍ଧି ବିବେକ ଖଟାଇ ଯଦି ପାଠ କରାଯାଏ ତେବେ ମିଶ୍ରିତ ଅଂଶ ସ୍ୱତଃ ଜଣାପଡ଼ିଯାଏ । ଧର୍ମଶାସ୍ତ୍ର ଓ ସ୍ମୃତିମାନଙ୍କ ମଧ୍ୟରେ ମନୁସ୍ମୃତିକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । କାରଣ ମହର୍ଷି ମନୁ ବେଦକୁ ପାଥେୟ କରି ସ୍ମୃତିଶାସ୍ତ୍ର ରଚନା କରିଛନ୍ତି । କିନ୍ତୁ ଅନେକ ସମୟରେ ଏଥିରେ ମଧ୍ୟ କେତେକ ବିଷୟ ମିଶ୍ରଣ କରାଯାଇଛି । ତେଣୁ ପ୍ରକ୍ଷେପ ଅଂଶକୁ ତ୍ୟାଗକରି ତାଙ୍କର ବେଦ ପ୍ରତିପାଦ୍ୟ ବିଷୟଗୁଡ଼ିକୁ ଗ୍ରହଣ କରି ଅନ୍ୟଗୁଡ଼ିକୁ ତ୍ୟାଗକରିବା ଉଚିତ । ବଶିଷ୍ଠ, ଗୌତମ, ଅତ୍ରିବୌଧାୟନ, ହାରିତ, ଯମ, ପରାଶର, କୃତ ସ୍ମୃତିଗୁଡ଼ିକୁ ଆଜିକାଲି ଦେଖିବାକୁ ମିଳୁଛି । କିନ୍ତୁ ସେହି ସ୍ମୃତିମାନଙ୍କରେ ଯେଉଁ ଉତ୍ତମ ବିଷୟଗୁଡ଼ିକ ରହିଛି, ସେସବୁ ମନୁସ୍ମୃତିରେ ଦେଖିବାକୁ ମିଳେ, ଅନ୍ୟାନ୍ୟ ଅନେକ ବିଷୟ ବେଦ ବିରୁଦ୍ଧ ଓ ବୁଦ୍ଧିର ବିପରୀତ ହୋଇଥିବାରୁ ସେସବୁକୁ ଋଷିକୃତ ବୋଲି ସ୍ୱୀକାର କରାଯିବା ଉଚିତ ନୁହେଁ, କିମ୍ବା ଧର୍ମ ସଂପର୍କରେ ସେସବୁକୁ ପ୍ରାମାଣିକ ବୋଲିଗ୍ରହଣ କରାଯାଇ-ନପାରେ "ଆପସ୍ତମ୍ବ, ପାରସ୍କର, ଆଶ୍ୱଳାୟନ, ଗୋଭିଲ, ଜୈମିନି, ସାଂଖ୍ୟାୟନ, କୃତ ଗୃହ୍ୟସୂତ୍ର ଗୁଡ଼ିକ ମଧ୍ୟ ମିଳୁଛି । ସେହି ଗ୍ରନ୍ଥରେ ସଂସ୍କାର ଗୁଡ଼ିକ ପ୍ରତିପାଦନ କରାଯାଇଛି । ଏ ସବୁକୁ ମଧ୍ୟ ପ୍ରାୟଶଃ ସ୍ମୃତିଶାସ୍ତ୍ର ରୂପେ ଗ୍ରହଣ କରାଯାଉଛି । ବେଦବିରୁଦ୍ଧ ଅଂଶକୁ ପରିତ୍ୟାଗ କରି ଏହି ସୂତ୍ରଗ୍ରନ୍ଥ, ସଂସ୍କାର ତଥା ଆଶ୍ରମଧର୍ମାଦି ବିଷୟ ଅତ୍ୟନ୍ତ ଉପାଦେୟ ଅଟେ । ବେଦର କେତେକ ଶାଖା, ତଥା ଅନ୍ୟାନ୍ୟ ଅନେକ ପ୍ରାଚୀନ ଗ୍ରନ୍ଥ ଲୁପ୍ତ ହୋଇଗଲାଣି "ସେଗୁଡ଼ିକୁ ଉଦ୍ଧାରକରି ଲୋକ ଲୋଚନକୁ ଆଣିଲେ ତଦ୍ଦ୍ୱାରା ଲୋକେ ଅଧିକାଧିକ ଭାବେ ଉପକୃତ ହୁଅନ୍ତେ ।"

--- ୦୦୦ ---

## ଚତୁର୍ଥ ପାଠ
## ( ଧର୍ମ )

ପ୍ରଶ୍ନ :- ଧର୍ମ କାହାକୁ କହନ୍ତି ?

ଉ:- ଉତ୍ତମକର୍ମ ଆଚରଣ କରିବା ହିଁ ଧର୍ମ । ତଦ୍ଦ୍ୱାରା ମନୁଷ୍ୟର ଉନ୍ନତି ସାଧିତ ହୋଇଥାଏ । ଧର୍ମଦ୍ୱାରା ହିଁ ମନୁଷ୍ୟ ସମାଜର ଧାରଣ ଅବା ରକ୍ଷଣାବେକ୍ଷଣ କରିବାରେ ସମର୍ଥ ହୋଇଥାଏ । ଧର୍ମାଚରଣ ଦ୍ୱାରା ପ୍ରକୃତ ସୁଖ-ଶାନ୍ତି ମିଳିଥାଏ ।

ପ୍ର :- ପ୍ରାଚୀନ ମୁନିଋଷିଗଣ ଧର୍ମଶବ୍ଦର ଅର୍ଥ କଣ କହିଛନ୍ତି ?

ଉ :- ମହାଭାରତର ରଚୟିତା ପ୍ରସିଦ୍ଧ ଋଷି ବେଦବ୍ୟାସ ଧର୍ମଶବ୍ଦର ଅର୍ଥ ନିମ୍ନ ମତେ ଉଲ୍ଲେଖ କରିଛନ୍ତି :-

**ଧାରଣାଦ୍‌ଧର୍ମ ଇତ୍ୟାହୁର୍ଧର୍ମୋ ଧାରୟତେ ପ୍ରଜାଃ ।**
**ଯତ୍ ସ୍ୟାଦ୍ ଧାରଣ ସଂଯୁକ୍ତଂ ସ ଧର୍ମ ଇତି ନିଶ୍ଚୟଃ ॥**

ପୂର୍ବରୁ ଶ୍ଲୋକର ଅଭିପ୍ରାୟ ଉଲ୍ଲେଖ କରାଯାଇଛି । ସମସ୍ତଙ୍କ ପକ୍ଷରେ ଯାହା ହେଉଛି ଧାରଣ ଯୋଗ୍ୟ, କିମ୍ବା ଯଦ୍ଦ୍ୱାରା ସମସ୍ତଙ୍କ ପ୍ରକୃତ ଉନ୍ନତି ହୁଏ, ଏବଂ ଯାହା ପ୍ରେମପୂର୍ବକ ସମସ୍ତଙ୍କୁ ମିଳିତ କରାଏ, ତାହାହିଁ ହେଉଛି ଧର୍ମ । ଯେଉଁ ନୀତିନିୟମ ବା ବିଷୟବସ୍ତୁ ସମାଜର କ୍ଷତି କରେ, ଯଦ୍ଦ୍ୱାରା ମଣିଷମଣିଷ ଭିତରେ ଶତ୍ରୁତା, ମୋନୋମାଳିନ୍ୟ ବା ତିକ୍ତତା ବୃଦ୍ଧିପାଏ, ତା କଦାପି ଧର୍ମ ହୋଇ ନ ପାରେ ।

ପ୍ର :- ଧର୍ମ ଓ ମତଭିତରେ କ'ଣ ପାର୍ଥକ୍ୟ ରହିଛି ?

ଉ :- ବୈଶେଷିକ ଦର୍ଶନର ପ୍ରଣେତା କଣାଦଋଷି ଧର୍ମର ଲକ୍ଷଣ କହିବାକୁ ଯାଇ ମତ ଦେଇଛନ୍ତି :-

**ଯତୋଽଭ୍ୟୁଦୟ ନିଃଶ୍ରେୟସସିଦ୍ଧିଃ ସ ଧର୍ମଃ ।** (ବୈ.୧.୨)

ଯତଃ -ଯାହାଦ୍ୱାରା ଅଭ୍ୟୁଦୟ- ସମଗ୍ର ସଂସାରର ଉନ୍ନତି, ଓ ନିଃଶ୍ରେୟସିଦ୍ଧିଃ ସର୍ବଦା ଏକରସରେ ବିଦ୍ୟମାନ ଆନନ୍ଦ ବା ମୋକ୍ଷମିଳେ, ସ ଧର୍ମଃ-ତା ପ୍ରକୃତରେ ଧର୍ମ । ତେଣୁ ସେ ସମସ୍ତ ଉପାୟ, ଯାଦ୍ୱାରା ସମଗ୍ର ସଂସାରର ଉନ୍ନତି ହୋଇଥାଏ, ପ୍ରକୃତ ଆନନ୍ଦ ଓ ଶାନ୍ତି ମିଳେ, ତାକୁ ଧର୍ମ ବୋଲି କୁହାଯାଏ । ଆମଜୀବନର ଯାବତୀୟ କାର୍ଯ୍ୟକଳାପ ସହିତ ଧର୍ମର ନିବିଡ଼ ସଂପର୍କ ରହିଛି । ଶରୀର, ମନ, ଆତ୍ମା, ସମାଜ, ଦେଶ ଓ ଜଗତର ଉନ୍ନତି ସକାଶେ ଯେଉଁ ସବୁ ଉପାୟମାନ ରହିଛି ସେଗୁଡ଼ିକୁ ଧର୍ମ ବୋଲି କହନ୍ତି । ବ୍ୟକ୍ତିବିଶେଷ ଯେଉଁ ସିଦ୍ଧାନ୍ତଗୁଡ଼ିକୁ ପ୍ରଚଳନ କରିଛନ୍ତି, ଯେଉଁ ଗୁଡ଼ିକୁ ପାଳନକଲେ ସାମ୍ପ୍ରଦାୟିକତାର ଦ୍ୱେଷଭାବନା ସୃଷ୍ଟିହୁଏ, ତାହାକୁ ମତ ବୋଲି କହିଥାନ୍ତି ।



ପ୍ର :- ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷରେ ଧାରଣଯୋଗ୍ୟ ଧର୍ମର ଲକ୍ଷଣ କଣ ?

ଉ :- ମହର୍ଷିମନୁ ସ୍ୱପ୍ରଣୀତ ମନୁସ୍ମୃତିରେ ଧର୍ମର ଦଶଟି ସୁନ୍ଦର ଲକ୍ଷଣ ଉଲ୍ଲେଖ କରିଛନ୍ତି :-

**ଧୃତିଃ କ୍ଷମା ଦମୋଽସ୍ତେୟଂ ଶୌଚମିନ୍ଦ୍ରିୟ ନିଗ୍ରହଃ ।**
**ଧୀର୍ବିଦ୍ୟା ସତ୍ୟମକ୍ରୋଧୋ ଦଶକଂ ଧର୍ମଲକ୍ଷଣମ୍ ॥**

**ଧୃତିଃ :-** ଧୈର୍ଯ୍ୟ ଧାରଣ, ଯେତେବଡ଼ ଆପଦ ବିପଦ, ଝଡ଼ଝଞ୍ଜାର ସମ୍ମୁଖୀନ ହେଲେ ମଧ୍ୟ ବିଚଳିତ ନହେବା -

**କ୍ଷମା :-** କୌଣସି ବ୍ୟକ୍ତିର ଦୋଷ ପରିଲକ୍ଷିତ ହେଲେ, ଅନ୍ୟୂନ ତାକୁ ତିନିଥର କ୍ଷମା ପ୍ରଦାନ କରିବା ।

**ଦମଃ :-** ସବୁବେଳେ ନିଜମନକୁ ନିଜ ଆୟତ୍ତରେ ରଖିବା ।

**ଅସ୍ତେୟମ୍ :-** ଅପରବ୍ୟକ୍ତିର କୌଣସି ଜିନିଷକୁ ଅପହରଣ ନକରିବା, କିମ୍ବା ସେପରି ମନୋଭାବକୁ ହୃଦୟମଧ୍ୟରେ ସ୍ଥାନ ନ ଦେବା ।

**ଶୌଚମ୍ :-** କାୟମନୋବାକ୍ୟରେ ପବିତ୍ର ରହିବା । ପ୍ରତ୍ୟହ ସ୍ନାନ, ପରିଷ୍କୃତ ବସନ ବ୍ୟବହାର, ନିଜ ବାସସ୍ଥାନକୁ ପରିଷ୍କାର ପରିଛନ୍ନରଖିବା, ସେପରି ସର୍ବଦା ମନବଚନକୁ ମଧ୍ୟ ପବିତ୍ର ରଖିବା ।

**ଇନ୍ଦ୍ରିୟ ନିଗ୍ରହଃ :-** ଚକ୍ଷୁ, କର୍ଣ୍ଣ, ଜିହ୍ୱା ପ୍ରଭୃତି ସକଳ ଇନ୍ଦ୍ରିୟକୁ ନିଜ ଅଧୀନରେ ରଖିବା, କେବେହେଁ ତାର ଅଧୀନତାକୁ ସ୍ୱୀକାର ନ କରିବା ।

**ଧୀଃ :-** ନିଜ ବୁଦ୍ଧିବୃତ୍ତିକୁ ବଢ଼ାଇବାପାଇଁ ସର୍ବଦା ଉଦ୍ୟତ ରହିବା । ମାଦକଦ୍ରବ୍ୟ ଗଞ୍ଜାଇ, ଅଫିମ, ମଦ୍ୟ ପ୍ରଭୃତି ଭୁଲ୍‌ରେସୁଦ୍ଧା ସେବନକରି ବୁଦ୍ଧିକୁ ନଷ୍ଟ ନ କରିବା ।

**ବିଦ୍ୟା :-** ବିଦ୍ୟାର ବୃଦ୍ଧି ଓ ଅବିଦ୍ୟାର ନାଶପାଇଁ ଯତ୍ନଶୀଳ ହେବା ।

**ସତ୍ୟମ୍ :-** ସବୁବେଳେ ସତ କହିବା । ଯେତେବଡ଼ ଆପଦବିପଦର ସମ୍ମୁଖୀନ ହେଲେ ମଧ୍ୟ, ପ୍ରଲୋଭନ ଦେଖାଇଲେ ମଧ୍ୟ, ସନ୍ମାର୍ଗରୁ ବିଚ୍ୟୁତ ନହେବା । ପ୍ରଚୁର ଧନସମ୍ପତ୍ତି ଲାଭହେଲେହେଁ ମିଥ୍ୟାର ଆଶ୍ରୟ ନନେବା ।

ଶାସ୍ତ୍ରରେ କୁହାଯାଇଛି :-

**"ନାସ୍ତି ସତ୍ୟାତ୍ପରୋ ଧର୍ମୋ ନାନୃତାତ୍ପାତକଂ ପରମ୍ ।"**

ଦୁନିଆଁରେ ସତ୍ୟଠାରୁ ବଳି ଶ୍ରେଷ୍ଠଧର୍ମ, ମିଥ୍ୟାଠାରୁ ବଳି ମହାପାପ ଅନ୍ୟ କିଛି ନାହିଁ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର, ସତ୍ୟବାଦୀ ରାଜାହରିଶ୍ଚନ୍ଦ୍ର, ମହର୍ଷି ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ, ମହାତ୍ମାଗାନ୍ଧୀ ପ୍ରଭୃତି ମହାତ୍ମା ମହାପୁରୁଷମାନେ କେବଳ ସତ୍ୟଯୋଗୁହିଁ ଆଜି ସମଗ୍ର ସଂସାରରେ ପ୍ରସିଦ୍ଧି ଲାଭ କରିଛନ୍ତି । ସେମାନଙ୍କପରି ସତ୍ୟବାଦୀ ହେବାପାଇଁ ଦୃଢ଼ସଙ୍କଳ୍ପ କରିବା ଉଚିତ ।

**ଅକ୍ରୋଧ :-** କ୍ରୋଧ ପ୍ରକାଶ ନ କରିବା ଅର୍ଥାତ୍ ନ ରାଗିବା । କ୍ରୋଧ ହେଉଛି ଏପରି ଏକ ଜିନିଷ ଯାହାକି ମନୁଷ୍ୟର ବୁଦ୍ଧିବୃଦ୍ଧିକୁ ଏକାବେଳକେ ନଷ୍ଟ କରିଦିଏ । କର୍ତ୍ତବ୍ୟ, ଅକର୍ତ୍ତବ୍ୟର ବିଚାରକୁ ଲୋପ କରିଦିଏ । ମନୁଷ୍ୟ କ୍ରୋଧର ବଶବର୍ତ୍ତୀ ହୋଇ ନିଜ ପିତା-ମାତା, ଗୁରୁଜନ ଓ ସମ୍ମାନନୀୟ ବ୍ୟକ୍ତିମାନଙ୍କୁ ମଧ୍ୟ ଅପମାନିତ କରିବାକୁ କୁଣ୍ଠବୋଧ କରେନାହିଁ ବା ପଶ୍ଚାତ୍ପଦ ହୁଏ ନାହିଁ । କ୍ରୁଦ୍ଧବ୍ୟକ୍ତି ଏପରି ଅପଶବ୍ଦ ଗୁଡ଼ିକ ବ୍ୟବହାରକରେ ଯା'କୁ ଶୁଣି ଅନ୍ୟମାନେ ଦୁଃଖିତ ହୋଇଥାନ୍ତି, ତାପାଇଁ ପରେ ନିଜେ ମଧ୍ୟ ପଶ୍ଚାତ୍ତାପ କରିଥାଏ । ତେଣୁ କ୍ରୋଧ ନିକଟରୁ ସର୍ବଦା ଦୂରେଇ ରହିବା ଆବଶ୍ୟକ । କୌଣସି କାରଣ ବଶତଃ କ୍ରୋଧ ଯଦିଜାତ ହୁଏ, ତେବେ ତହିଁରୁ ରକ୍ଷାପାଇବାପାଇଁ ଶୀତଳଜଳ ପାନକର, ନତୁବା ସେସ୍ଥାନ ପରିତ୍ୟାଗ କର,



କାରଣ ଏହାଦ୍ୱାରା ଶାନ୍ତିଜାତ ହୁଏ । ଏପରି ଧର୍ମର ଦଶଟି ଲକ୍ଷଣ କଥିତ ହୋଇଅଛି । ଏହାକୁ ଧାରଣକଲେ ମନୁଷ୍ୟ ଉନ୍ନତି ପଥରେ ଅଗ୍ରସର ହୁଏ, ସମସ୍ତଙ୍କ ଦ୍ୱାରା ଆଦୃତ ହୋଇ ସୁଖ-ଶାନ୍ତିରେ କାଳାତିପାତ କରେ । ମନୁଷ୍ୟମାତ୍ରକେ ସମସ୍ତେ ଧର୍ମର ଏହି ଦଶଟି ଲକ୍ଷଣକୁ ଧାରଣକରିବା ପାଇଁ ଯତ୍ନଶୀଳହେବା ଏକାନ୍ତ ଆବଶ୍ୟକ ।

ପ୍ର :- କେତେ ପ୍ରକାର ଧର୍ମ ଅଛି ?

ଉ :- ବ୍ୟକ୍ତିଗତ ଧର୍ମ ପାରିବାରିକ ଧର୍ମ, ସାମାଜିକ ଧର୍ମ ଓ ରାଷ୍ଟ୍ରୀୟ ଧର୍ମ, ଏପରି ଚାରିପ୍ରକାରର ଧର୍ମ ରହିଛି ।

ପ୍ର :- ବ୍ୟକ୍ତିଗତ ଓ ପାରିବାରିକ ଧର୍ମ କାହାକୁ କହନ୍ତି ?

ଉ :- ଧର୍ମର ଯେଉଁ ଦଶଗୋଟି ଲକ୍ଷଣ କୁହାଯାଇଛି, ସେସବୁ ବ୍ୟକ୍ତିଗତ ଧର୍ମ ସମସ୍ତଙ୍କ ସହିତ ଯାହାର ସୁସଂପର୍କ ଥାଏ, ଏବଂ ଯାହାକୁ ପାଳନ କରିବା ଦ୍ୱାରା କେବଳ ନିଜର ଉନ୍ନତି ହୁଏ, ତାକୁ ବ୍ୟକ୍ତିଗତ ଧର୍ମ କହନ୍ତି । ପିତା-ମାତା, ପତ୍ନୀ-ପୁତ୍ର, ଭାଇ-ଭଉଣୀ, ଏବଂ ପରିବାରର ଅନ୍ୟମାନଙ୍କ ସହିତ ଧର୍ମର ଯେଉଁ ସଂପର୍କ ରହିଛି, ତାକୁ ପାରିବାରିକ ଧର୍ମ କହନ୍ତି । ସେସବୁକୁ ଜାଣି କାର୍ଯ୍ୟରେ ତାକୁ ପରିଣତ କଲେ ନିଜନିଜ ମଧ୍ୟରେ ଥିବା ସଂପର୍କ ସୁଦୃଢ଼ ହୋଇଥାଏ । ତଦ୍ଦ୍ୱାରା ପ୍ରକୃତ ସୁଖ-ଶାନ୍ତି ମିଳେ । ଯେଉଁ ପରିବାରରେ ସମସ୍ତେ ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତି ଓ ସେମାନଙ୍କ ଆଦେଶ-ନିର୍ଦ୍ଦେଶକୁ ପାଳନ କରନ୍ତି, ନିଜନିଜ ମଧ୍ୟରେ ସୁସଂପର୍କ ରକ୍ଷାକରନ୍ତି, ସବୁବେଳେ ସନ୍ତୁଷ୍ଟ ହୋଇ ରହନ୍ତି, ଜଣକର ଆପଦ-ବିପଦ ଦେଖିଲେ ତାକୁ ଦୂରକରିବାପାଇଁ ଅନ୍ୟମାନେ ଆଗେଇ ଆସନ୍ତି, ଏଗୁଡ଼ିକୁ ପାରିବାରିକ ଧର୍ମ ବୋଲି କହନ୍ତି । ଯେଉଁ ପରିବାରରେ ଏସବୁ ଲକ୍ଷଣ ଦେଖିବାକୁ ମିଳେ ସେହି ପରିବାର ସର୍ବଦା ସୁଖ-ଶାନ୍ତିରେ କାଳଯାପନ କରେ ।

ପ୍ର :- ସାମାଜିକ ଧର୍ମ କାହାକୁ କହନ୍ତି ?

ଉ :- କୌଣସିବ୍ୟକ୍ତି କେବେହେଲେ ଏକୁଟିଆ ରହିବାପାଇଁ ଭଲପାଏ ନାହିଁ । ସାରାଜୀବନ ଏକାକୀ ରହୁଥିବା ବ୍ୟକ୍ତି ସକଳପ୍ରକାର ଉନ୍ନତି କରିପାରେ ନାହିଁ ।

ତେଣୁ ସମାଜରେ ରହିବାପାଇଁ ସମସ୍ତେ ଚାହିଁଥାନ୍ତି, କାରଣ ସମାଜଦ୍ୱାରା ସମସ୍ତଙ୍କର ଲାଭ ହୋଇଥାଏ । ଯେଉଁ ସମାଜରେ ମନୁଷ୍ୟ ବସବାସ କରୁଛି, ସେ ସମାଜପ୍ରତି ମଧ୍ୟ ତାର ଅନେକ କିଛି କର୍ତ୍ତବ୍ୟ ରହିଛି । ସେହି କର୍ତ୍ତବ୍ୟକୁ ସାମାଜିକ ଧର୍ମ କହନ୍ତି । ନିଜ ନିଜର ଶକ୍ତିସାମର୍ଥ୍ୟ ଅନୁଯାୟୀ ସମସ୍ତେ ସମାଜର ସେବାକରିବା ଏକାନ୍ତ ଆବଶ୍ୟକ । ସମସ୍ତଙ୍କ ଉନ୍ନତିପାଇଁ ଦୃଷ୍ଟିଦେବା ଉଚିତ । ସମାଜର କ୍ଷତି ସାଧିତ ହେବାପରି କୌଣସି କାର୍ଯ୍ୟକରିବା ଉଚିତ ନୁହେଁ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ପରିବାରର ଭାଇ-ବନ୍ଧୁଭଳି ଦେଖିବା ଉଚିତ । ସମସ୍ତଙ୍କ ଉନ୍ନତିରେ ନିଜର ମଧ୍ୟ ଉନ୍ନତି ନିହିତ, ଏପରି ମନୋଭାବ ପୋଷଣ କରିବା ଉଚିତ । ସମାଜରେ ପ୍ରଚଳିତ କୁରୀତିନୀତିର ମୂଳୋତ୍ପାଟନପାଇଁ ସର୍ବଦା ଚେଷ୍ଟିତ ହେବା ଆବଶ୍ୟକ । ନିଜ ଉପାର୍ଜିତ ଅର୍ଥ ତଥା ଶରୀର ସମାଜର ସେବାରେ ଯେପରି ବ୍ୟୟିତ ହେବ, ତାପାଇଁ ଯତ୍ନଶୀଳହେବା ଆବଶ୍ୟକ ।

ପ୍ର :- ରାଷ୍ଟ୍ରୀୟ ଧର୍ମ କାହାକୁ କହନ୍ତି ?

ଉ :- ଯେଉଁ ଦେଶରେ ଆମେ ଜନ୍ମଗ୍ରହଣ କରିଛୁ, ଯାହାର ପାଣି ପବନରେ ଆମ ଶରୀର ଗଠିତ ଓ ବର୍ଦ୍ଧିତ, ସେ ଦେଶପାଇଁ ମଧ୍ୟ ଆମର କେତେକ ଅପରିହାର୍ଯ୍ୟ କର୍ତ୍ତବ୍ୟ ରହିଛି । ସେହି କର୍ତ୍ତବ୍ୟକୁ ରାଷ୍ଟ୍ରୀୟ ଧର୍ମ କହନ୍ତି । ରାଷ୍ଟ୍ରର ଉନ୍ନତିପାଇଁ ପ୍ରତ୍ୟେକ ବ୍ୟକ୍ତି ଚିନ୍ତାକରିବା ଓ ତାପାଇଁ କାର୍ଯ୍ୟକରିବା ସର୍ବାଦୌ ଆବଶ୍ୟକ । ଦେଶର ସକଳପ୍ରକାର ଉନ୍ନତିପାଇଁ ନିଜ ସାମର୍ଥ୍ୟାନୁସାରେ କାର୍ଯ୍ୟକରିବା ଉଚିତ । ସମସ୍ତଙ୍କ ମଧ୍ୟରେ ଏକତା ଯେପରି ସୁଦୃଢ଼ ହୋଇ ରହିବ ତାପାଇଁ ଦୃଷ୍ଟିଦେବା ଆବଶ୍ୟକ । ନିଜନିଜ ଭିତରେ କଳହ ସୃଷ୍ଟିକରି ଏକତାକୁ ନଷ୍ଟକରିବା ଶୋଭନୀୟ ନୁହେଁ । ଦେଶର ସବୁ ଅଞ୍ଚଳରେ ଗୋଟିଏ ଭାଷା ପ୍ରଚଳିତ ହେଲେ ଦେଶର ଉନ୍ନତି ଓ ଲୋକଙ୍କ ଭିତରେ ସୌହାର୍ଦ୍ଦ୍ୟ ବୃଦ୍ଧି ପାଇବ । ଏଥିପାଇଁ ହିନ୍ଦୀ ଉପଯୁକ୍ତ ଭାଷା, ତେଣୁ ସମସ୍ତେ ହିନ୍ଦୀ ଭାଷା ଶିଖିବା ଆବଶ୍ୟକ । ସମସ୍ତେ ସ୍ୱଦେଶୀ ଜିନିଷ ବ୍ୟବହାରପାଇଁ ବ୍ରତୀ ହେବା ଆବଶ୍ୟକ । ଶୁଦ୍ଧ ସ୍ୱଦେଶୀ ବସ୍ତ୍ର (ଖଦଡ଼) ପରିଧାନ



ପାଇଁ ସମସ୍ତେ ଯତ୍ନଶୀଳ ହେବା ଆବଶ୍ୟକ । ବିଦେଶୀ ବସ୍ତ୍ର ବ୍ୟବହାର କରିବା ଦ୍ୱାରା ଆମ ଦେଶର କୋଟି କୋଟି ଟଙ୍କା ବିଦେଶକୁ ଗ୍ଲିଯାଉଛି । ତଦ୍ୱାରା ଆମଦେଶ ଦିନକୁ ଦିନ ଦରିଦ୍ର ହେବାରେ ଲାଗିଛି । କଳକାରଖାନା ଦେଶରେ ଯେପରି ବୃଦ୍ଧିପାଏ, ତାପାଇଁ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । ସମସ୍ତେ ଯେପରି ସ୍ୱାବଲମ୍ବୀ ହେବେ, ଦେଶର ସ୍ୱାଧୀନତା ଯେପରି ଅକ୍ଷୁର୍ଣ୍ଣ ରହେ ତା ମଧ୍ୟ ଆମର ଧ୍ୟେୟ ହେବା ଆବଶ୍ୟକ, ମାତୃଭୂମିର ସେବାପାଇଁ କଟୀବଦ୍ଧ ହେବା ଆବଶ୍ୟକ । ପ୍ରତ୍ୟେକ ବାଳକ ବାଳିକା ନିଜନିଜ ପିତାମାତାଙ୍କପରି, ଭାରତମାତାଙ୍କୁ ମଧ୍ୟ ଭକ୍ତିକରିବା, ସେବାକରିବାରେ ତତ୍ପର ରହିବା ଆବଶ୍ୟକ । ଏଥିପାଇଁ ମହାରାଣା ପ୍ରତାପ, ଛତ୍ରପତିଶିବାଜୀ, ଲୋକମାନ୍ୟ ବାଳଗଙ୍ଗାଧର ତିଳକ, ମହର୍ଷି ଦୟାନନ୍ଦ, ମହାତ୍ମାଗାନ୍ଧୀ ପ୍ରଭୃତି ଦେଶହିତୈଷୀଙ୍କ ଜୀବନୀ ପାଠ କରିବାପାଇଁ ସର୍ବାଦୌ ଧ୍ୟାନଦେବା ଆବଶ୍ୟକ ।

--- ୦୦୦ ---

# ଦ୍ୱିତୀୟ ଭାଗ

## ପଞ୍ଚମ ପାଠ

## ( ବର୍ଣ୍ଣଧର୍ମ )

ପ୍ରଶ୍ନ :- ମନୁଷ୍ୟ ସମାଜକୁ ମୁଖ୍ୟତଃ କେତେଭାଗରେ ବିଭକ୍ତ କରାଯାଇଛି ? ସେଗୁଡ଼ିକୁ କଣ କୁହାଯାଏ ?

ଉତ୍ତର :- ମନୁଷ୍ୟ ସମାଜକୁ ଶାସ୍ତ୍ରମାନଙ୍କରେ ଚାରିଭାଗରେ ବିଭକ୍ତ କରାଯାଇଛି । ତାକୁ ବର୍ଣ୍ଣବୋଲି କହନ୍ତି ।

ପ୍ର :- ବର୍ଣ୍ଣଶବ୍ଦର ଅର୍ଥ କ'ଣ ?

ଉ :- ପ୍ରବୃତ୍ତି ଓ ଯୋଗ୍ୟତା ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ଯେଉଁ ସାମାଜିକ କର୍ତ୍ତବ୍ୟକୁ ବରଣକରନ୍ତି, ତାହାକୁ ବର୍ଣ୍ଣ କହନ୍ତି । ମନୁଷ୍ୟ ଏକ ସାମାଜିକ ପ୍ରାଣୀ, ତେଣୁ ତାକୁ ସମାଜ ନିକଟରେ ଋଣୀ ହୋଇ ରହିବାକୁ ପଡ଼େ । ସେହି ଋଣ ପରିଶୋଧ କରିବାର ନାମ ବର୍ଣ୍ଣ ।

ପ୍ର :- ବର୍ଣ୍ଣ କେତେ ପ୍ରକାର ? ସେଗୁଡ଼ିକର ନାମ କଅଣ ?

ଉ:-ବର୍ଣ୍ଣ ଚାରି ପ୍ରକାର । ସେଗୁଡ଼ିକ ହେଲା -ବ୍ରାହ୍ମଣ ,କ୍ଷତ୍ରିୟ,ବୈଶ୍ୟ ଓ ଶୂଦ୍ର ।

ପ୍ର:-ବ୍ରାହ୍ମଣ ବର୍ଣ୍ଣର ଧର୍ମ କ'ଣ ?କେଉଁ ମନୁଷ୍ୟଙ୍କୁ ବ୍ରାହ୍ମଣ କହନ୍ତି ?

ଉ:-ବ୍ରହ୍ମଣ ଶବ୍ଦର ଅର୍ଥ- ଯେଉଁ ବ୍ୟକ୍ତି ବ୍ରହ୍ମ ଅର୍ଥାତ୍ ଈଶ୍ୱରଙ୍କ ଓ ବେଦର ସ୍ୱରୂପକୁ ଯଥାର୍ଥ ଭାବେ ଜାଣେ । ତେଣୁ କଥିତ ହୋଇଛି :- **"ବ୍ରହ୍ମଜାନାତି ବ୍ରାହ୍ମଣଃ "**। ମହର୍ଷିମନୁ ବ୍ରାହ୍ମଣ ର ମୁଖ୍ୟଧର୍ମ ବେଦକୁ ଆଧାର କରି କହିଛନ୍ତ :-

**ଅଧ୍ୟୟନମଧ୍ୟାପନଂ ଯଜନଂ ଯାଜନଂ ତଥା ।**
**ଦାନଂ ପ୍ରତିଗ୍ରହଶ୍ଚୈବ ବ୍ରାହ୍ମଣାନାମକଳ୍ପୟତ୍ ॥** (ମନୁ ଅ୧-ଶ୍ଳୋ ୮୮)

ବ୍ରାହ୍ମଣମାନଙ୍କ ପାଇଁ ଛଅଗୋଟି ମୁଖ୍ୟଧର୍ମ ବା କର୍ମ କୁହାଯାଇଛି ।

୧ - ବେଦାଦି ସତ୍‌ଶାସ୍ତ୍ର ଗୁଡ଼ିକୁ ପଢ଼ିବା ।

୨ - ନିଜେ ପଢ଼ି ଅନ୍ୟମାନଙ୍କ ଦ୍ୱାରା ସତ୍‌ଶାସ୍ତ୍ର ପଢ଼ାଇବା ବା ପ୍ରଚାର କରିବା ।

୩ - ନିଜେ ଯଜ୍ଞ କରିବା (ଯଜ୍ଞର ବ୍ୟାଖ୍ୟା ପରେ କରାଯାଇଛି) ।

୪ - ସମସ୍ତଙ୍କ ମଙ୍ଗଳବିଧାନ ପାଇଁ ଅନ୍ୟମାନଙ୍କଦ୍ୱାରା ଯଜ୍ଞ କରାଇବା ।

୫ - ସ୍ୱଶକ୍ତି ସାମର୍ଥ୍ୟ ଅନୁଯାୟୀ ଦାନ ଦେବା ।

୬ - ମର୍ଯ୍ୟାଦା ଭିତରେ ରହି ଶ୍ରଦ୍ଧାପୂର୍ବକ ପ୍ରଦତ୍ତ ଦାନକୁ ଗ୍ରହଣ କରି ସମାଜର ହିତପାଇଁ ବିନିଯୋଗ କରିବା । ଯେଉଁମାନେ ଏହି ଧର୍ମକୁ ନିଷ୍ଠାର ସହିତ ପାଳନକରି ସମାଜର ସେବା କରନ୍ତି, ସମସ୍ତଙ୍କ ଉନ୍ନତିପାଇଁ ଧ୍ୟାନ ଦିଅନ୍ତି ସେପରି ଜ୍ଞାନୀ, ପରୋପକାରୀ, ଧାର୍ମିକ, ସଦାଚାରୀ ବ୍ୟକ୍ତିମାନଙ୍କୁ ବ୍ରାହ୍ମଣ କହନ୍ତି ।

ପ୍ର :- ଉଚ୍ଚକୁଳରେ ଜନ୍ମ ହୋଇଥିଲେ ମଧ୍ୟ, ଯେଉଁ ଗୁଣବ୍ୟତୀତ ମନୁଷ୍ୟ ବ୍ରାହ୍ମଣ ହୋଇପାରେ ନାହିଁ, ମୁଖ୍ୟତଃ ସେହି ଗୁଣଗୁଡ଼ିକ କଅଣ ?

ଉ :- ବେଦକୁ ଆଧାର କରି ଏଗୁଣ ସଂପର୍କରେ ମହାଭାରରେ କୁହାଯାଇଛି :-

**ସତ୍ୟଂ ଦାନଂ କ୍ଷମାଶୀଳମ୍ ଆନୃଶଂସ୍ୟ ତ୍ରପାଃଘୃଣା ।**
**ତପଶ୍ଚ ଦୃଶ୍ୟତେ ଯତ୍ର ସ ବ୍ରାହ୍ମଣ ଇତି ସ୍ମୃତଃ ।** (ଶାନ୍ତିପର୍ବ ଅ. ୧୮୯)



ନିମ୍ନଲିଖିତ ଗୁଣଗୁଡ଼ିକ ଯେଉଁମାନଙ୍କ ନିକଟରେ ରହିଛି ସେମାନେ ବ୍ରାହ୍ମଣରୂପେ ପରିଗଣିତ ହୋଇଥାନ୍ତି :-

୧ - ସତ୍ୟମ୍- ମନ, ବଚନ, କର୍ମରେ ସର୍ବଦା ସତ୍ୟବ୍ରତକୁ ପାଳନ କରିବା ।

୨- ଦାନମ୍ - ନିଜ ଶକ୍ତିସାମର୍ଥ୍ୟ ଅନୁଯାୟୀ ଦୀନ-ଦୁଃଖୀ, ଅସହାୟ ଓ ଅସମର୍ଥ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ଏବଂ ସମାଜର କଲ୍ୟାଣ କରୁଥିବା ଉତ୍ତମସଂସ୍ଥାକୁ ଧନ ଦେବା ।

୩- କ୍ଷମା - କୌଣସି ବ୍ୟକ୍ତି ଦୋଷ କଲେ ଅନ୍ୟୁନ ତାକୁ ତିନିଥର କ୍ଷମା କରିବା ।

୪- ଶୀଳମ୍ - ଉତ୍ତମ, ପ୍ରୀତିଶୀଳ, ମଧୁମୟ ସ୍ୱଭାବକୁ ଧାରଣ କରିବା ।

୫- ଆନୃଶଂସ୍ୟମ୍ - କ୍ରୂରତାଶୂନ୍ୟ ହେବା । ମନୁଷ୍ୟ ଓ ପଶୁ ସମସ୍ତଙ୍କ ସହିତ ପ୍ରେମପୂର୍ବକ ମଧୁର ବ୍ୟବହାର କରିବା ।

୬- ତ୍ରପା- କୌଣସି ଦୁଷ୍କର୍ମ କଲେ ଲଜ୍ଜିତହୋଇ ତାଠାରୁ ଦୂରେଇ ରହିବା ।

୭- ଅଘୃଣା - ସର୍ବଦା ଦୟାଳୁ ହେବା, ଦୟାସ୍ୱଭାବକୁ ଧାରଣ କରିବା ।

୮- ତପଃ - ଭୟଙ୍କର ଶୀତ-ଗରମ, ସୁଖ-ଦୁଃଖ, ମାନ-ଅପମାନ ପ୍ରଭୃତିକୁ ସାହାସ୍ୟ ବଦନରେ ସହନକରିବା, ଭୟଙ୍କର ଆପଦ ବିପଦର ସମ୍ମୁଖୀନ ହେଲେ ମଧ୍ୟ ଅବିଚଳିତ ହୋଇରହିବା, ଧର୍ମପଥକୁ କଦାପି ପରିତ୍ୟାଗ ନ କରିବା ।

ଭଗବାନ୍ ଶ୍ରୀକୃଷ୍ଣ ଭଗବଦ୍‌ଗୀତାର ଅଷ୍ଟାଦଶ ଅଧ୍ୟାୟରେ ଏ ସଂପର୍କରେ କହିଛନ୍ତି-

**ଶମୋ ଦମସ୍ତପଃ ଶୌଚ୍ଂ କ୍ଷାନ୍ତିରାର୍ଜବମେବ ଚ୍ ।**
**ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜମ୍ ॥** (୧୮-୪୨)

ଅର୍ଥାତ୍ ଶମଃ-ଶାନ୍ତି, ଦମଃ-ମନକୁ ନିଜ ଅଧୀନରେ ରଖିବା, ତପଃ-ଶୀତ, ଗରମ ସବୁକୁ ସହ୍ୟକରି ଧର୍ମକାର୍ଯ୍ୟରେ ସର୍ବଦା ଲିପ୍ତ ହୋଇ ରହିବା, ଶୌଚ୍ମ୍-ପରିଷ୍କାର ପରିଛନ୍ନତା, ଯାବତୀୟ ପ୍ରକାରର ପବିତ୍ରତା, କ୍ଷାନ୍ତିଃ-କ୍ଷମା ଆର୍ଜବମ୍-ସରଳତା, ହୃଦୟର ବିଗ୍ରହଧାରାକୁ ପ୍ରକାଶକରି ତଦନୁସାରେ କାମ କରିବା, ଜ୍ଞାନମ୍-ଉତ୍ତମ ଜ୍ଞାନକୁ ଆହରଣ କରିବା, ବିଜ୍ଞାନମ୍ -ଆତ୍ମା, ପରମାତ୍ମା ସଂପର୍କୀୟ ବିଶେଷ

ଜ୍ଞାନ ଅର୍ଜନ କରିବା ଏସବୁ ହେଉଛି ବ୍ରାହ୍ମଣମାନଙ୍କ ସ୍ୱାଭାବିକ କର୍ମ, ଏହାରି ଅଭାବରେ କେହି ବ୍ରାହ୍ମଣ ହୋଇପାରିବେ ନାହିଁ ।

ପ୍ର :- ବ୍ରାହ୍ମଣ ଉପମା ଶରୀରର କେଉଁ ଅଙ୍ଗ ସହିତ ଦିଆଯାଇପାରେ ? ଯା'ଫଳରେ ସେହି ଧର୍ମର ଜ୍ଞାନ ହୋଇପାରିବ ?

ଉ :- ବେଦର ଅତିପ୍ରସିଦ୍ଧ ପୁରୁଷ ସୂକ୍ତରେ କୁହାଯାଇଛି :-

**"ବ୍ରାହ୍ମଣୋଽସ୍ୟ ମୁଖମାସୀତ୍"** (ଯଜୁ ୩୧-୧୧)

ଅର୍ଥାତ୍ ମନୁଷ୍ୟ ସମାଜକୁ ଜଣେ ପୁରୁଷ ରୂପରେ ଯଦି ବିବେଚନା କରାଯାଏ ତେବେ ବ୍ରାହ୍ମଣ ସେହି ପୁରୁଷର ମୁଖସଦୃଶ ହେବ । ଯେପରି ମୁଖମଣ୍ଡଳରେ ଆଖି, ନାକ, କାନ ପ୍ରଭୃତି ଜ୍ଞାନେନ୍ଦ୍ରିୟ ଗୁଡ଼ିକ ଅବସ୍ଥିତ ପୁଣି କର୍ମେନ୍ଦ୍ରିୟ ମଧ୍ୟରୁ ବାଣୀ ବିଦ୍ୟମାନ, ସେହିପରି ମନୁଷ୍ୟ ସମାଜରେ ଯେଉଁ ଲୋକ ଉତ୍ତମ ଜ୍ଞାନରେ ବିଭୂଷିତ ହୋଇ ବାଣୀଦ୍ୱାରା ସେସବୁକୁ ପ୍ରଚାର କରେ, ଯେଉଁ ବ୍ୟକ୍ତି ମୁଖ ଅଂଶ ପରି ସ୍ୱାର୍ଥ ତ୍ୟାଗୀ ଓ ତପସ୍ୱୀ ହୁଏ ତାକୁ ବ୍ରାହ୍ମଣ କହନ୍ତି । ମୁଖକୁ ଯାହାକିଛି ଦିଆଯାଏ ତାକୁ ସେ ନିଜ ନିକଟରେ ନରଖି ଅପର ନିକଟରେ ପହଞ୍ଚାଇ ଦିଏ । ତେଣୁ ସେ ପ୍ରକୃତ ସ୍ୱାର୍ଥତ୍ୟାଗୀ । ଅତି ଭୟଙ୍କର ଶୀତ ହେଲେ ମଧ୍ୟ ମୁଖଭାଗ ସର୍ବଦା ଖୋଲା ରହେ, ତେଣୁ ଶରୀର ମଧ୍ୟରେ ଯଥାର୍ଥରେ ସେ ତପସ୍ୱୀ ଅଟେ । ସେହିପରି ବ୍ରାହ୍ମଣ ଭୟଙ୍କର ଶୀତ-ଗରମ ପ୍ରଭୃତିକୁ ସହ୍ୟ କରିବା ପାଇଁ ଅଭ୍ୟାସ କରିବା ଆବଶ୍ୟକ ।

ପ୍ର :- କ୍ଷତ୍ରିୟର ଧର୍ମ କ'ଣ କ୍ଷତ୍ରିୟ ଶବ୍ଦର ଅର୍ଥ କ'ଣ ?

ଉ :- କ୍ଷତ୍ରିୟ ଶବ୍ଦର ଅର୍ଥ । କ୍ଷତାତ୍ ତ୍ରାୟତେ ଇତି । ଅର୍ଥାତ୍ କ୍ଷତବିକ୍ଷତ ବା ଆପଦ ବିପଦରୁ ରକ୍ଷା କରିବା ପାଇଁ ଯିଏ ସମର୍ଥ । ଏହି ଧର୍ମକୁ ପାଳନ କରିବା ପାଇଁ ତା ନିକଟରେ ଅପରିମିତ ଶକ୍ତିସାମର୍ଥ୍ୟ ରହିବା ଏକାନ୍ତ ଆବଶ୍ୟକ । ସେ ଅତ୍ୟନ୍ତ ବଳଶାଳୀ, ଶ୍ରେଷ୍ଠବୀର, ସାହସୀ ତଥା ନିର୍ଭୀକ ହେବା ଆବଶ୍ୟକ । ବେଦରେ କ୍ଷତ୍ରିୟର ଉପମା ବାହୁ ସହିତ ଦିଆଯାଇଛି :-

**"ବାହୂ ରାଜନ୍ୟଃ କୃତଃ"** (ଯଜୁ ୩୧-୧୧)



ଯେପରି ଶରୀର ମଧ୍ୟରେ ଥିବା ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରୁ ବାହୁ ଦୁଷ୍ଟମାନଙ୍କ କବଳରୁ ଆମକୁ ରକ୍ଷାକରେ, ଠିକ୍ ସେହିପରି ଯେଉଁ ବୀର ପୁରୁଷ ଦୁଷ୍ଟମାନଙ୍କ କବଳରୁ ସମାଜ ଓ ଦେଶକୁ ରକ୍ଷାକରିବାରେ ସମର୍ଥ, ଆବଶ୍ୟକହେଲେ ଯୁଦ୍ଧକରେ କିମ୍ବା ଦେଶର ଶାସନ ବିଭାଗରେ ସାହାଯ୍ୟକରେ, ତାକୁ କ୍ଷତ୍ରିୟ କହନ୍ତି । କ୍ଷତ୍ରିୟମାନେ ମଧ୍ୟ ବେଦାଦି ଶାସ୍ତ୍ର ତଥା ଲୌକିକ ବିଦ୍ୟା ଗୁଡ଼ିକୁ ଶିକ୍ଷା କରିବା, ଯଜ୍ଞ କରିବା, ଦାନ ଦେବା, ଧର୍ମାତ୍ମାରୂପେ ପ୍ରଜାମାନଙ୍କୁ ରକ୍ଷଣାବେକ୍ଷଣ କରିବା, ଶ୍ରେଷ୍ଠବୀର ଧୈର୍ଯ୍ୟଧାରୀ, ତେଜସ୍ୱୀ ହେବା ଓ ଯୁଦ୍ଧକ୍ଷେତ୍ରରେ ପଳାୟନ ନକରିବା ଏ ଗୁଣଗୁଡ଼ିକ ଅତ୍ୟନ୍ତ ଆବଶ୍ୟକ । ଏସବୁ ହେଉଛି କ୍ଷତ୍ରିୟର ଶ୍ରେଷ୍ଠଧର୍ମ ଓ କର୍ମ । ପ୍ରକୃତ କ୍ଷତ୍ରିୟ ବ୍ୟତିରେକେ ରାଜକାର୍ଯ୍ୟ ପରିଚାଳନା କରିବା କଦାପି ସମ୍ଭବପର ହୋଇପାରେ ନାହିଁ ।

ପ୍ର :- ବୈଶ୍ୟ ଶବ୍ଦର ଅର୍ଥ କ'ଣ ?

ଉ :- ବୈଶ୍ୟ ଶବ୍ଦର ଅର୍ଥ ହେଉଛି :-

**"ବିଶତିଦେଶାଦ୍ ଦେଶାନ୍ତରମ୍ ଇତି"**

ଅର୍ଥାତ୍ ଯେଉଁ ବ୍ୟକ୍ତି ବାଣିଜ୍ୟ ବ୍ୟବସାୟ ପାଇଁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନ, ଗୋଟିଏ ଦେଶରୁ ଅନ୍ୟଦେଶକୁ ଗମନ କରେ, ତାକୁ ବୈଶ୍ୟ କହନ୍ତି । ଯିଏ ବାଣିଜ୍ୟ ବ୍ୟବସାୟ, କୃଷିକର୍ମ ପ୍ରଭୃତି ଧର୍ମମାର୍ଗରେ ଅର୍ଥ ଉପାର୍ଜନ କରି ତାକୁ ସମାଜ ଓ ଦେଶର ଉନ୍ନତି ପାଇଁ ବିନିଯୋଗ କରେ ପଶୁପକ୍ଷୀଙ୍କର ସୁରକ୍ଷାକରେ ତଥା ବେଦାଦି ଶାସ୍ତ୍ର ପ୍ରଭୃତି ଅଧ୍ୟୟନ କରି ଉତ୍ତମ ଜ୍ଞାନ ଅର୍ଜନ କରେ, ପ୍ରାଦେଶିକ ଭାଷାଗୁଡ଼ିକୁ ଶିକ୍ଷା କରେ ଯଜ୍ଞ କରେ ଓ ଦାନ ଦିଏ, ତାକୁ ବୈଶ୍ୟ କହନ୍ତି ।

ପ୍ର :- ବୈଶ୍ୟର ଉପମା ଶରୀରର କେଉଁ ଅଙ୍ଗସହିତ ଦିଆଯାଇଛି ?

ଉ :- ବୈଶ୍ୟର ଉପମା ଶରୀରର ମଧ୍ୟଭାଗ ଯେଉଁଠି ପେଟ, ଜଙ୍ଘ ପ୍ରଭୃତି ରହିଛି ତାସହିତ ଦିଆଯାଇପାରେ । ତେଣୁ ବେଦରେ କଥିତ ହୋଇଛି :-

**"ମଧ୍ୟଂ ତଦସ୍ୟ ଯଦ୍ ବୈଶ୍ୟଃ "** ଅଥର୍ବ ୧୯-୧-୬, ଅଥବା **"ଊରୁ ତଦସ୍ୟ ଯଦ୍**

**ବୈଶ୍ୟଃ"** ଯଜୁ ୩୧-୧୧ ।

ଶରୀରର ମଧ୍ୟଭାଗରେ ଅବସ୍ଥିତ ଉଦରାଦିରେ ସମସ୍ତ ରସ ଏକତ୍ରିତ ହୁଏ । ସେହିଠାରୁ ସେହିରସ ଶରୀରର ଅନ୍ୟ ଅଂଶକୁ ପ୍ରେରିତ ହୋଇଥାଏ । ସେହିପରି ବୈଶ୍ୟ ସକଳ ଧନ ସମ୍ପତ୍ତିକୁ ଏକତ୍ରିତ କରି, ଦେଶ ଓ ସମାଜର ଉନ୍ନତି ନିମିତ୍ତ ଯେକୌଣସି ସ୍ଥାନରେ ଆବଶ୍ୟକ ପଡ଼େ, ସେହି ସ୍ଥାନରେ ତାକୁ ବିନିଯୋଗ କରିବା ଆବଶ୍ୟକ । ଦେଖିବାକୁ ଗଲେ ବୈଶ୍ୟହିଁ ସମାଜର ବହୁପରିମାଣରେ ସେବା କରିଥାଏ । କାରଣ ଅର୍ଥ ବ୍ୟତୀତ ଯେକୌଣସି ଉତ୍ତମସଂସ୍ଥା, ପାଠଶାଳା, ଅନାଥାଳୟ ପ୍ରଭୃତି କେବେମଧ୍ୟ ପରିଚାଳିତ ହୋଇପାରିବ ନାହିଁ ।

ପ୍ର :- ଶୂଦ୍ର କିଏ ଓ ତାର ଧର୍ମ କ'ଣ ?

ଉ :- ଯାହାର ବୁଦ୍ଧିବୃତ୍ତି ପ୍ରଖର ହୋଇ ନ ଥିବାରୁ, ବେଦଶାସ୍ତ୍ର ପ୍ରଭୃତିର ଯଥାର୍ଥ ତଥ୍ୟକୁ ବୁଝିପାରେ ନାହିଁ, ଯାହାଠାରେ ଶୋକ, ମୋହ ଆଦି ନୀଚ ଲୋକଙ୍କ ଲକ୍ଷଣ ଦେଖିବାକୁ ମିଳେ, ଉଦର ପରିପୋଷଣ ପାଇଁ ଯାହାକୁ ବାରଦ୍ୱାର ଯିବାକୁ ପଡ଼େ ସେ ଯେଉଁ କୁଳରେ ଜନ୍ମ ହୋଇଥାଉନା କାହିଁକି ତାକୁ ଶୂଦ୍ର ବୋଲି କୁହାଯାଏ । **(ଶୁଚା ଦ୍ରବତୀତି ଶୂଦ୍ରଃ ଅଥବା ଶୁଆଶୁ ଦ୍ରବତୀତି ଶୂଦ୍ରଃ)** । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟଙ୍କର ଯାବତୀୟ ସେବା କରିବା ହେଉଛି ଶୂଦ୍ରର କାମ । ଶୂଦ୍ର ନିଜଭିତରେ କୌଣସ ପ୍ରକାର ଅଭିମାନ ନରଖି ରୋଷେଇ ପ୍ରଭୃତି ସେବାକାର୍ଯ୍ୟରେ ସର୍ବଦା ଲିପ୍ତହୋଇ ରହିବା ଆବଶ୍ୟକ । ପ୍ରକୃତ ଶୂଦ୍ର ବ୍ୟତୀତ ସମାଜ ମଧ୍ୟ କେବେ ସୂଚାରୁରୂପେ ପରିଚାଳିତ ହୋଇପାରିବ ନାହିଁ । ତେଣୁ ସେମାନଙ୍କ ସହିତ ଅନ୍ୟମାନେ ସୁବ୍ୟବହାର କରିବା ଆବଶ୍ୟକ । ତାଙ୍କୁ ଉପରକୁ ଉଠାଇବାପାଇଁ ଯତ୍ନକରିବା ଉଚିତ । ଫଳରେ ତାଠାରେ ପରିଷ୍କାର ପରିଚ୍ଛନ୍ନତା, ସଙ୍କୋଚତା ପ୍ରଭୃତି ସୁଗୁଣ ପରିଲକ୍ଷିତ ହେବ ଓ ଖରାପଅଭ୍ୟାସ ତ୍ୟାଗ କରିବାକୁ ସେ ଯତ୍ନ କରିବ ।

ପ୍ର :- ଶୂଦ୍ରର ଉପମା, ଶରୀରର କେଉଁ ଅଂଶ ସହିତ ଦିଆଯାଇଛି ?

ଉ :- **"ପଦ୍‌ଭ୍ୟାଂ ଶୂଦ୍ରୋ ଅଜାୟତ"**



ଯଜୁର୍ବେଦ ୩୧ ଅଧ୍ୟାୟ ଏକାଦଶ ମନ୍ତ୍ରରେ ଶୂଦ୍ରର ଉପମା ପାଦସହିତ ଦିଆଯାଇଛି ।ଯେପରି ଆମେ ପାଦ ବ୍ୟତୀତ ଯାତାୟାତ କରିପାରିବା ନାହିଁ, ସେହିପରି ସଚ୍ଚୋଟ ଶୂଦ୍ର ବା ସେବକଙ୍କ ବିନା ମନୁଷ୍ୟସମାଜ କ୍ଷଣେମାତ୍ର ଚଳିପାରିବ ନାହିଁ । ଯେଉଁ ମନୁଷ୍ୟମାନେ ବିଶେଷ ଜ୍ଞାନ ଓ ଉଚ୍ଚବିଚାରଧାରାର ଅଭାବରେ ଜୀବିକା ନିର୍ବାହ ପାଇ ପାଦ ସାହାଯ୍ୟରେ ଏପଟେସେପଟେ ଯାଇ ପ୍ରସନ୍ନତାପୂର୍ବକ ସମସ୍ତଙ୍କର ସେବାକରନ୍ତି, ସେମାନଙ୍କୁ ଶୂଦ୍ର କହନ୍ତି । ସେବାକରିବା ପାଇଁ ତପସ୍ୱୀ ହେବା, ଅର୍ଥାତ୍ ଶୀତ-ଗରମ ପ୍ରଭୃତିକୁ ସହ୍ୟକରିବା ପାଇଁ ଶକ୍ତିଥିବା ଏକାନ୍ତ ଆବଶ୍ୟକ । ତେଣୁ ବର୍ଣ୍ଣଧର୍ମଗୁଡ଼ିକୁ ସଂକ୍ଷେପରେ ପରିଚୟ ଦେବାକୁ ଯାଇ ଯଜୁର୍ବେଦରେ କୁହାଯାଇଛି :-

**"ବ୍ରହ୍ମଣେ ବ୍ରାହ୍ମଣମ୍ । କ୍ଷତ୍ରାୟ ରାଜନ୍ୟମ୍ । ମରୁଦ୍‌ଭ୍ୟୋ ବୈଶ୍ୟମ୍ ତପସେ ଶୂଦ୍ରମ୍" ।**

(ଯଜୁ ଅ ୩୦-ମ୫)

ଅର୍ଥାତ୍ ଜ୍ଞାନବିଜ୍ଞାନର ପ୍ରଚାରପାଇଁ ବ୍ରାହ୍ମଣକୁ ନିଯୁକ୍ତି କର । ବଳଶାଳୀ କାମପାଇଁ କ୍ଷତ୍ରିୟକୁ ନିଯୁକ୍ତି କର । ପ୍ରତ୍ୟେକ ବ୍ୟକ୍ତିଙ୍କପାଇଁ ଧନ ଆବଶ୍ୟକ ତେଣୁ ଧନାର୍ଜନପାଇଁ ବୈଶ୍ୟକୁ ଏବଂ ଶୀତୋଷ୍ଣକୁ ସହ୍ୟକରି ସେବାକରିବା କାମରେ ଶୂଦ୍ରକୁ ନିଯୁକ୍ତି କର ।

ପ୍ର :- ମନୁଷ୍ୟ ସମାଜକୁ ଏପରି ଚାରୋଟି ବିଭାଗରେ ବଣ୍ଟନ କରିବାର ଓ ସେମାନଙ୍କୁ ଶରୀରର ଅଂଶ ସହିତ ଉପମା ଦେବାର ତାତ୍ପର୍ଯ୍ୟ କ'ଣ ?

ଉ :- ପ୍ରତ୍ୟେକ ମନୁଷ୍ୟ ମିଳିମିଶି ନିଜନିଜ ଶକ୍ତିସାମର୍ଥ୍ୟ ଅନୁଯାୟୀ ସମାଜର ଯେପରି ସେବାକରିବେ, ସମସ୍ତଙ୍କ ମଧ୍ୟରେ ଯେପରି ସଦ୍‌ଭାବ ରହିବ, କେହି କେବେ ନିଜକୁ ଶ୍ରେଷ୍ଠ ଓ ଅନ୍ୟମାନଙ୍କୁ ନୀଚ୍ ବା ଛୋଟବୋଲି ବିବେଚନା କରିବେ ନାହିଁ, ସେହି ଉଦ୍ଦେଶ୍ୟରେ ଏପରି ବର୍ଣ୍ଣନା କରାଯାଇଛି । ମନୁଷ୍ୟ ସମାଜର ଯଥାଯଥ ଉନ୍ନତିପାଇଁ ବର୍ଣ୍ଣବ୍ୟବସ୍ଥା ଏକାନ୍ତ ଆବଶ୍ୟକ । କୌଣସି ଗୋଟିଏ ବର୍ଣ୍ଣ ବ୍ୟତୀତ ସୁଖାବହ ଜୀବନଯାପନ କରିବା ସମ୍ଭବପର ନୁହେଁ । ଶରୀରର ପ୍ରତ୍ୟେକ ଅଙ୍ଗ ମୁହଁ, ହାତ, ପେଟ ଓ ପାଦ ଆଦି ସବୁଗୁଡ଼ିକ ଯେପରି ନିତାନ୍ତ ଆବଶ୍ୟକ, ସମସ୍ତେ

ଉଚ୍ଚନୀଚ଼ ଭାବନା ନରଖି ନିଜନିଜ କାମକୁ ସୁଚାରୁରୂପେ ସଂପାଦନ କରନ୍ତି ସମାଜରେ ମଧ୍ୟ ସେପରି ବ୍ୟବସ୍ଥା ଏକାନ୍ତ ଆବଶ୍ୟକ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଚାରିବର୍ଣ୍ଣ ପରସ୍ପର ସହିତ ସଦ୍‌ଭାବ ରଖି, ଉଚ୍ଚନୀଚ଼ ଭାବନା ନରଖି ଚଳପ୍ରଚଳ ହେଲେ ସମାଜରେ ଶାନ୍ତି ପ୍ରତିଷ୍ଠିତ ହେବ ଓ ସମସ୍ତେ ସୁଖସମୃଦ୍ଧିମୟ ଜୀବନ ଯାପନ କରିବାକୁ ସମର୍ଥ ହୋଇପାରିବେ ।

ପ୍ର :- ବର୍ଣ୍ଣ କେବଳ ଚାରୋଟି ଅଛି ନା ଅଧିକ ? ଆଜିକାଲି ଆମଦେଶରେ ଚାରି-ପାଞ୍ଚ ହଜାର ଜାତି, ଉପଜାତି ଦେଖିବାକୁ ମିଳେ । ସେସବୁକୁ କଣ ସ୍ୱୀକାର କରାଯିବ ?

ଉ :- ବେଦଶାସ୍ତ୍ରରେ କେବଳ ଚାରୋଟି ବର୍ଣ୍ଣର ଉଲ୍ଲେଖ ଅଛି । ତେଣୁ କାହାକୁ ପଞ୍ଚମ ବିଚାରି ଅସ୍ପୃଶ୍ୟ ବିବେଚନା କରିବା, ଅଥବା ଘୃଣାଦୃଷ୍ଟିରେ ଦେଖିବା ଏସବୁ ବିଷୟ ଯେପରି ବେଦବିରୁଦ୍ଧ, ସେପରି କ୍ଷତିକାରକ ମଧ୍ୟ । ମନୁସ୍ମୃତିରେ ମଧ୍ୟ ସ୍ପଷ୍ଟରୂପେ ଚାରୋଟି ବର୍ଣ୍ଣର ନିର୍ଦ୍ଦେଶ ଦିଆଯାଇ କୁହାଯାଇଛି :-**"ନାସ୍ତିତୁ ପଞ୍ଚମଃ"** ୧୦-୪ କୌଣସି ପଞ୍ଚମ ବର୍ଣ୍ଣ ନାହିଁ । ପାଞ୍ଚ ଛଅ କୋଟି ଭାଇଙ୍କୁ ପଞ୍ଚମ ବିବେଚ଼ନା କରିବା ପରିତାପର ବିଷୟ ନୁହେଁ କି ? ଏ ବିଷୟ ଚାରି-ପାଞ୍ଚହଜାର ଜାତି-ଉପଜାତି ସଂପର୍କରେ ମଧ୍ୟ ଉଲ୍ଲେଖ କରାଯାଇପାରେ ।

ପ୍ର :- ବର୍ଣ୍ଣ ଓ ଜାତି ଶବ୍ଦର ଅର୍ଥ କ'ଣ ଏକ ? ବେଦାଦି ସତ୍‌ଶାସ୍ତ୍ର ଗୁଡ଼ିକରେ ଚାରୋଟି ଜାତିକୁ କଣ ସ୍ୱୀକାର କରାଯାଇଛି ଯଦି ନୁହେଁ ତେବେ ବର୍ଣ୍ଣ ଓ ଜାତି ମଧ୍ୟରେ ପ୍ରଭେଦ କ'ଣ ରହିଛି ?

ଉ :- ବର୍ଣ୍ଣ ଓ ଜାତି ଶବ୍ଦ କଦାପି ଏକାର୍ଥ ବୋଧକ ନୁହେଁ । ଜାତି ଜନ୍ମରୁ ହୁଏ, ଯେପରି ମନୁଷ୍ୟଜାତି, ପଶୁଜାତି ଆଦି । କିନ୍ତୁ ମନୁଷ୍ୟର ବ୍ରାହ୍ମଣାଦି ବର୍ଣ୍ଣ ପରିବର୍ତ୍ତନଶୀଳ ଅଟେ ଅର୍ଥାତ୍ ତାହା ଗୁଣକର୍ମ ଅନୁସାରେ ପରିବର୍ତ୍ତନ ହୁଏ । ମନୁଷ୍ୟ ଜାତିକୁ ପୁଣି ପୁରୁଷଜାତି ଓ ସ୍ତ୍ରୀ ଜାତି ଏପରି ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଆକୃତିରୁ ଜାତିକୁ ଚିହ୍ନି ହୁଏ । ତେଣୁ ଗୌତମ ମୁନି ନ୍ୟାୟଶାସ୍ତ୍ର ୨-୨-୭୦ରେ ଜାତିର ଲକ୍ଷଣ ସଂପର୍କରେ କହିଛନ୍ତି :- **"ଆକୃତିର୍ଜାତି ଲିଙ୍ଗାଖ୍ୟା"** ଏହାର ଅର୍ଥ



ଆଗରୁ ପ୍ରକାଶ କରାଯାଇଛି । ଏହି ଜାତିକୁ ଆମେ କେବେ ମଧ୍ୟ ପରିବର୍ତ୍ତନ କରିପାରିବା ନାହିଁ । ଘୋଡ଼ା, ଗଧ, ବଳଦ, ଛେଳି ପ୍ରଭୃତିକୁ ପଶୁଜାତି କହନ୍ତି । କାରଣ ଏ ସମସ୍ତଙ୍କୁ ଆକୃତିରୁ ଚିହ୍ନି ହୁଏ ଓ ପୃଥକ ପୃଥକ୍ ଗୋଷ୍ଠୀରେ ରଖାଯାଇପାରେ । ଏ ଜନ୍ମରେ ସେମାନଙ୍କଜାତି କଦାପି ପରିବର୍ତ୍ତନ ହୋଇପାରିବ ନାହିଁ । ଘୋଡ଼ା ଯେପରି ଗଧ ହୋଇନପାରେ, ଗଧ ମଧ୍ୟ ସେପରି ଘୋଡ଼ା ହୋଇ ନପାରେ । କିନ୍ତୁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରମାନଙ୍କ ଭିତରେ ଏପରି କୌଣସି ଭେଦ ନାହିଁ ଯଦ୍ୱାରା ସେମାନଙ୍କ ଆକୃତିକୁ ଦେଖି ଚିହ୍ନି ହେବ ବା ପୃଥକ୍ ପୃଥକ୍ କରାଯାଇପାରିବ ।ସମସ୍ତଙ୍କ ଶରୀର ଓ ଅଙ୍ଗପ୍ରତ୍ୟଙ୍ଗ ତଥା ସେମାନଙ୍କ କାର୍ଯ୍ୟକଳାପ ପ୍ରାୟ ଏକପ୍ରକାର ହୋଇଥାଏ, ତେଣୁ ଘୋଡ଼ା, ଗଧ, ବଳଦ, ଛେଳି ପ୍ରଭୃତିଙ୍କ ପରି ଆକୃତିରୁ ସେମାନଙ୍କୁ ଚିହ୍ନିବା କଦାପି ସମ୍ଭବପର ନୁହେଁ । ପୁରୁଷ ଓ ସ୍ତ୍ରୀ ଜାତିକୁ ପୃଥକ୍ ପୃଥକ୍ ଜାତି କୁହାଯାଇପାରେ, କାରଣ ସେମାନଙ୍କ ଆକୃତିକୁ ଦେଖି ଚିହ୍ନିହୁଏ । ଇହ ଜନ୍ମରେ ପୁରୁଷ ସ୍ତ୍ରୀ ହୋଇପାରେ ନାହିଁ କିମ୍ବା ସ୍ତ୍ରୀ ମଧ୍ୟ ପୁରୁଷ ହୋଇ ନପାରେ । ଚାରିବର୍ଣ୍ଣ ମଧ୍ୟରେ ଯେଉଁ ଭେଦ ରହିଛି ତାହା କେବଳ ଗୁଣ କର୍ମ କାରଣରୁ ହୋଇଛି । ଜନ୍ମ କାରଣରୁ ସେପରି ହୋଇନାହିଁ । ଏଣୁ ବ୍ରାହ୍ମଣ, କ୍ଷତ୍ରିୟ ପ୍ରଭୃତିଙ୍କୁ ବର୍ଣ୍ଣ କହିବା ଯଥାର୍ଥ ହେବ, ଜାତି କହିବା ଅସମୀଚୀନ ଅଟେ ।

ପ୍ର :- ତେବେ କଣ ଶୂଦ୍ରକୁଳରେ ଜାତବ୍ୟକ୍ତି ବ୍ରାହ୍ମଣ ହୋଇପାରେ ? ଏବଂ ବ୍ରାହ୍ମଣ କୁଳରେ ଜାତବ୍ୟକ୍ତି ଶୂଦ୍ର ହୋଇପାରେ ?

ଉ :- ନିଶ୍ଚୟ, ଯଦି ଶୂଦ୍ରକୁଳରେ ଜାତ ବ୍ୟକ୍ତି ନିକଟରେ ବ୍ରାହ୍ମଣୋଚିତ ଗୁଣ, କର୍ମ ସ୍ୱଭାବ ଦେଖିବାକୁ ମିଳେ, ଅର୍ଥାତ୍ ଯେଉଁ ବ୍ୟକ୍ତି ବିଦ୍ୱାନ୍, ଧାର୍ମିକ, ସଦାଚାରୀ, ତ୍ୟାଗୀ, ତପସ୍ୱୀ ହୋଇ ଅଧ୍ୟାପକ, ଉପଦେଶକ ଆଦିଙ୍କ କାର୍ଯ୍ୟକରେ, ସେ ଇହଜନ୍ମରେ ପ୍ରକୃତ ବ୍ରାହ୍ମଣ ବୋଲାଇଥାଏ । ଠିକ୍ ତାର ବିପରୀତ ଯିଏ ବ୍ରାହ୍ମଣ କୁଳରେ ଜାତ ହୋଇ ମଧ୍ୟ ବୁଦ୍ଧିବିବେକ ଶୂନ୍ୟ ହୋଇଥାଏ, ଯାର ଜୀବନ ପବିତ୍ର ନୁହେଁ, ରୋଷେଇ ପ୍ରଭୃତି କାମକରି ବା ଚାକିରି କରି ଜୀବିକା ନିର୍ବାହକରେ

ଯାହାଠାରେ ବ୍ରାହ୍ମଣୋଚିତ ସତ୍ୟ, ଶାନ୍ତି, କ୍ଷମା ସରଳତା, ସଂଯମ ପ୍ରଭୃତି ଗୁଣ ନଥାଏ, ସେ ବ୍ରାହ୍ମଣ ନ ହୋଇ ଶୂଦ୍ର ହୋଇଥାଏ ।

ପ୍ର :- ଲୋକେ ଆଜିକାଲି ଏହି ଶାସ୍ତ୍ରୀୟ ସିଦ୍ଧାନ୍ତକୁ ସ୍ୱୀକାର କରୁନାହାନ୍ତି, କିମ୍ବା ସେପରି ଆଚରଣ କରୁନାହାନ୍ତି, ତେଣୁ ସେ ବିଷୟକୁ ସ୍ପଷ୍ଟ ଓ ପୁଷ୍ଟ କରିବା ପାଇଁ କୌଣସି ପ୍ରମାଣ ଦେବେ କି ?

ଉ :- ମହାଭାରତରେ ଠିକ୍ ଏପରି ଏକପ୍ରଶ୍ନ ଯକ୍ଷ ଯୁଧିଷ୍ଠିରଙ୍କୁ ଓ ଭରଦ୍ୱାଜ ଭୃଗୁଋଷିଙ୍କୁ ପଚାରିଥିଲେ । ଉଭୟେ ଚାର ଉତ୍ତର ଦେବାକୁଯାଇ କହିଥିଲେ :-

**ଶୂଦ୍ରେ ଚୈତଦ୍ ଭବେଲ୍ଲକ୍ଷ୍ମ ଦ୍ୱିଜେ ତଚ୍ଚ ନ ବିଦ୍ୟତେ ।**
**ନ ବୈ ଶୂଦ୍ରୋ ଭବେଚ୍ଛୂଦ୍ରୋ, ବ୍ରାହ୍ମଣୋ ବ୍ରାହ୍ମଣୋ ନ ଚ ॥**
(ବନପର୍ବ ଅ ୧୮୦ ଶାନ୍ତିପର୍ବ ଅ ୧୮୯)

**ନ କୁଳେନ ନ ଜାତ୍ୟା ବା, କ୍ରିୟାଭିର୍ବ୍ରାହ୍ମଣୋ ଭବେତ୍ ।**
**ଚାଣ୍ଡାଳୋଽପି ହି ବୃତ୍ତସ୍ଥୋ ବ୍ରାହ୍ମଣ ଯକ୍ଷପୁଙ୍ଗବ ॥** (ବନପର୍ବ ୩୧୩)

ଅର୍ଥାତ୍ ବ୍ରାହ୍ମଣ କୁଳରେ ଜନ୍ମିଥିବା ବ୍ୟକ୍ତି ନିକଟରେ ଯଦି ସତ୍ୟ, ଦାନ, କ୍ଷମା, ସଚ୍ଚରିତ୍ର ଆଦିର ଅଭାବ ଥାଏ, ଶୂଦ୍ର କୁଳରେ ଜନ୍ମିଥିବା ବ୍ୟକ୍ତି ନିକଟରେ ଏ ସବୁଗୁଣ ବିଦ୍ୟମାନ, ତେବେ ସେହି ବ୍ରାହ୍ମଣ ବ୍ରାହ୍ମଣନୁହେଁ, କିମ୍ବା ସେହି ଶୂଦ୍ର ଶୂଦ୍ରନୁହେଁ । ଅପର ପକ୍ଷରେ ଏସବୁଗୁଣ ଯେଉଁମାନଙ୍କଠାରେ ଦେଖିବାକୁ ମିଳେ ସେମାନେ ପ୍ରକୃତ ବ୍ରାହ୍ମଣ ଯେଉଁମାନଙ୍କଠାରେ ଏଗୁଣଗୁଡ଼ିକର ଅଭାବଥାଏ ସେମାନେ ହେଉଛନ୍ତି ଶୂଦ୍ର । ବ୍ରାହ୍ମଣ କୁଳରେ ଜନ୍ମହେଲେ କେହି କେବେ ବ୍ରାହ୍ମଣ ହୁଏ ନାହିଁ, ଯେଉଁମାନେ ବ୍ରାହ୍ମଣପାଇଁ ଉଦ୍ଦିଷ୍ଟ, ଗୁଣ, କର୍ମ, ସ୍ୱଭାବକୁ ଧାରଣ କରନ୍ତି ସେମାନେ କେବଳ ବ୍ରାହ୍ମଣ ହୁଅନ୍ତି । ଚାଣ୍ଡାଳକୁଳରେ ଜନ୍ମିଥିବା କୌଣସି ବ୍ୟକ୍ତି ନିକଟରେ ବ୍ରାହ୍ମଣର ଗୁଣଗୁଡ଼ିକ ଯଦି ଦେଖିବାକୁ ମିଳେ, ତେବେ ସେ ନିଶ୍ଚିତରୂପେ ବ୍ରାହ୍ମଣ ବୋଲାଏ । ଏ ସଂପର୍କରେ ମନୁସ୍ମୃତିରେ କଥିତ ହୋଇଛି :-

**ଶୂଦ୍ରୋ ବ୍ରାହ୍ମଣତାମେତି , ବ୍ରାହ୍ମଣଶ୍ଚୈତି ଶୂଦ୍ରତାମ୍ ।**



**କ୍ଷତ୍ରିୟାଜ୍ଜାତମେବଂତୁ ବିଦ୍ୟାଦ୍ୱୈଶ୍ୟାତ୍ତଥୈବଚ୍ ॥** (ମନୁ ଅ ୧୦—ଶ୍ଳୋ ୬୫)

ଏହାର ଅଭିପ୍ରାୟ, ଯେ କୌଣସି ଶୂଦ୍ରକୁଳରେ ଜାତ ବ୍ୟକ୍ତି ବ୍ରାହ୍ମଣର ଗୁଣ, କର୍ମ, ସ୍ୱଭାବକୁ ଯଦି ଧାରଣ କରେ ତେବେ ସେ ବ୍ରାହ୍ମଣ ହୋଇଥାଏ । ବ୍ରାହ୍ମଣକୁଳରେ ଜନ୍ମିଥିବା ବ୍ୟକ୍ତିର ସେଗୁଣଗୁଡ଼ିକ ଯଦି ଅଭାବଥାଏ, ତେବେ ସେ ଶୂଦ୍ରରେ ପରିଗଣିତ ହୁଏ । ସେପରି କ୍ଷତ୍ରିୟ, ବୈଶ୍ୟପ୍ରଭୃତି ଗୁଣକର୍ମ କାରଣରୁ ସେମାନଙ୍କ ବର୍ଣ୍ଣ ପରିବର୍ତ୍ତିତ ହୁଏ । ଏପରି ଶହଶହ ଉଦାହରଣ ଦିଆଯାଇପାରେ, ଯେଉଁଥିରୁ ସ୍ପଷ୍ଟରୂପେ ପ୍ରତୀୟମାନ ହେବ ଯେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏ ଚାରୋଟି କଦାପି ଜାତି ନୁହେଁ, ଯେଉଁମାନେ କି ଜନ୍ମକୁ ଆଶ୍ରୟ କରି ରହନ୍ତି ଓ କେବେ ପରିବର୍ତ୍ତନ ହୁଅନ୍ତି ନାହିଁ । ଯେଉଁମାନେ ଗୁଣ କର୍ମ ସ୍ୱଭାବକୁ ଆଶ୍ରୟ କରନ୍ତି ଓ ଇହଜନ୍ମରେ ଯେଉଁ ମାନଙ୍କର ପରିବର୍ତ୍ତନ ସମ୍ଭବ ତାହାହିଁ ହେଉଛି ବର୍ଣ୍ଣ ।

ପ୍ର :- କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ବ୍ରାହ୍ମଣରେ ପରିଗଣିତ ହେବାର ଓ ବ୍ରାହ୍ମଣ ଶୂଦ୍ରରେ ପରିଣତ ହେବାର ପ୍ରାଚୀନ କାଳର ଉଦାହରଣ କିଛି ଦେବେ କି ?

ଉ :- ଏପରି ଅସଂଖ୍ୟ ଉଦାହରଣ ରହିଛି, ତନ୍ମଧ୍ୟରୁ କୋଟୋଟି ଏଠାରେ ଉଦ୍ଧାର କରୁଛୁ । ବିଶ୍ୱାମିତ୍ର କ୍ଷତ୍ରିୟକୁଳରେ ଜାତ ହୋଇ ମଧ୍ୟ ବିଦ୍ୟା, ତପସ୍ୟା ଓ ପରାକାଷ୍ଠା କାରଣରୁ ବ୍ରାହ୍ମଣ ହୋଇଥିଲେ । ବଶିଷ୍ଠ ଏକ ବେଶ୍ୟାର ପୁତ୍ର ହୋଇ ମଧ୍ୟ ପ୍ରସିଦ୍ଧ ଋଷି ହେବା ସଙ୍ଗେ ସଙ୍ଗେ ସୂର୍ଯ୍ୟବଂଶୀ ରାଜାମାନଙ୍କ କୁଳଗୁରୁ ମଧ୍ୟ ହୋଇଥିଲେ । ବେଦବ୍ୟାସଙ୍କ ପିତା ପରାଶରମୁନି ଜଣେ ଚାଣ୍ଡାଳୀର ପୁତ୍ର ହୋଇଥିଲେ ମଧ୍ୟ ପ୍ରସିଦ୍ଧ ଋଷି ହୋଇପାରିଥିଲେ । ମହାଭାରତ ଓ ବେଦାନ୍ତଶାସ୍ତ୍ରର ପ୍ରଣେତା ବେଦବ୍ୟାସ କୈବର୍ତ୍ତକନ୍ୟା ସତ୍ୟବତୀଙ୍କର ପୁତ୍ର ହୋଇଥିଲେ ମଧ୍ୟ ସମଗ୍ର ସଂସାରରେ ପ୍ରସିଦ୍ଧିଲାଭ କରିଥିଲେ ଓ ସମସ୍ତଙ୍କ ଠାରୁ ପୂଜା ପାଇଥିଲେ ।

**ଜାତୋ ବ୍ୟାସସ୍ତୁ କୈବର୍ତ୍ତ୍ୟାଃ ଶ୍ୱପାକ୍ୟାଶ୍ଚ ପରାଶରଃ ।**
**ମୃଗିଜୋଽଥର୍ଷଶୃଙ୍ଗୋଽପି ବଶିଷ୍ଠୋ ଗଣିକାତ୍ମଜଃ ॥**
**ବହବୋଽନ୍ୟେଽପି ବିପ୍ରତ୍ୱଂ ପ୍ରାପ୍ତ ଯେ ପୂର୍ବମଦ୍ୱିଜାଃ ।**

(ଭବିଷ୍ୟପୁରାଣ ଅ ୪୩ ର ଶ୍ଳୋକଗୁଡ଼ିକ ଏ ବିଷୟକୁ ସ୍ପଷ୍ଟ କରୁଛି ।

ମାତଙ୍ଗ ଚାଣ୍ଡାଳକୁଳରେ ଜାତ ହୋଇଥିଲେ ମଧ୍ୟ ନିଜ ଗୁଣଗାରିମା ଦ୍ୱାରା ଋଷି ହୋଇଥିଲେ । କଣ୍ୱ ଓ କଶ୍ୟପ ଋଷିଙ୍କ ଉପଦେଶ ଶୁଣି ମିଶ୍ର ଦେଶର (ବର୍ତ୍ତମାନ ଯାହାକୁ ଇଜିପ୍‌ଟ୍ କୁହାଯାଉଛି) ଏକହଜାର ମ୍ଳେଚ୍ଛ ଶୁଦ୍ଧପୂତ ହୋଇ ବ୍ରାହ୍ମଣ ହୋଇଥିଲେ । ଭବିଷ୍ୟପୁରାଣ ପ୍ରତିସର୍ଗ ପର୍ବ ୩-୪-୨୦ରେ ଏପରି ଉଲ୍ଲେଖ କରାଯାଇଛି :-

**ମିଶ୍ରଦେଶୋଦ୍‌ଭବା ମ୍ଳେଚ୍ଛାଃ , କାଶ୍ୟପେନୈବ ଶାସିତାଃ ।**
**ସଂସ୍କୃତାଃ ଶୂଦ୍ରବର୍ଣ୍ଣେନ, ବ୍ରହ୍ମବର୍ଣ୍ଣମୁପାଗତାଃ ।**
**ଶିଖାସୂତ୍ରଂ ସମାଦାୟ ପଠିତ୍ୱା ବେଦମୁତ୍ତମମ୍ ।**
**ଯଜ୍ଞୈଶ୍ଚ ପୂଜୟାମାସୁଃ ଦେବଦେବଂ ଶଚୀପତିମ୍ ।**
**ସହସ୍ରଂତୁ ସ୍ମୃତା ସଂଖ୍ୟା ପୁରୁଷାଣାଂ ଦ୍ୱିଜନ୍ମନାମ୍ ।**

ଅନ୍ୟ ଉଦାହରଣ ମଧ୍ୟ ଏସଂପର୍କରେ ଦିଆଯାଇପାରେ, କିନ୍ତୁ କଳେବର ବୃଦ୍ଧିଭୟରୁ ଦେବା ସମ୍ଭବପର ନୁହେଁ । କ୍ଷତ୍ରିୟ କୁଳରେ ଜାତ ପୃଷଧଙ୍କୁ ଗୁରୁ ଓ ଗୋବଧ କାରଣରୁ ଶୂଦ୍ର କରାଯାଇଥିଲା :-

**ପୃଷଧସ୍ତୁ ଗୁରୁଗୋବଧାଚ୍ଛୂଦ୍ରତ୍ୱମଗମତ୍ ।** (ମାର୍କଣ୍ଡେୟ ପୁରାଣ ୧୧-୨-୨୫)

ଶୌନକ ଓ ଅଙ୍ଗିରା ଋଷିଙ୍କ ପୁତ୍ରମାନେ ନିଜନିଜ କାର୍ଯ୍ୟକଳାପ ଦ୍ୱାରା କେତେକ ବ୍ରାହ୍ମଣ, କେତେକ କ୍ଷତ୍ରିୟ, କେତେକ ବୈଶ୍ୟ ଓ କେତେକ ଶୂଦ୍ର ହୋଇଥିଲେ । ତେଣୁ କୁହାଯାଇଛି :-

**ପୁତ୍ରୋ ଗୃତ୍ସମଦସ୍ୟାସୀଚ୍ଛୁନକୋ ଯସ୍ୟ ଶୋନକଃ ।**
**ବ୍ରାହ୍ମଣାଃ କ୍ଷତ୍ରିୟାଶ୍ଚୈବ, ବୈଶ୍ୟାଃ ଶୂଦ୍ରାସ୍ତଥୈବଚ୍ ।**
**ଏତସ୍ୟ ବଂଶସମ୍ଭୂତା ବିଚିତ୍ରାଃ କର୍ମଭିର୍ଦ୍ୱିଜାଃ ।** (ବାୟୁ ପୁ. ଉ୩-୫)

ବ୍ରାହ୍ମଣ, କ୍ଷତ୍ରିୟ ପ୍ରଭୃତି ପ୍ରକୃତରେ ଯଦି ଜାତି ହୋଇଥାନ୍ତେ, ତେବେ ଏପ୍ରକାର ପରିବର୍ତ୍ତନ କଦାପି ହୋଇନଥାନ୍ତା ।



ପ୍ର :- ଗୁଣ, କର୍ମ, ସ୍ୱଭାବକୁ ନେଇ ବର୍ଣ୍ଣବ୍ୟବସ୍ଥା ପ୍ରଚଳିତ, ତା ପରିବର୍ତ୍ତେ ଜାତିଭେଦ ପ୍ରଥା ପ୍ରଚଳନ କଲେ, କ୍ଷତି କ'ଣ ହୁଅନ୍ତା ?

ଉ :- ଦେଶରେ ଏପରି ଜାତିପ୍ରଥା ପ୍ରଚଳନ ହେତୁ ଲୋକଙ୍କ ମଧ୍ୟରେ ବିରୋଧ ମନୋଭାବ, ଭେଦଭାବ ବହୁପରିମାଣରେ ବୃଦ୍ଧିପାଉଛି, ନିଜ ନିଜ ଭିତରେ ଥିବା ଏକତା ନଷ୍ଟହୋଇ ତିକ୍ତତା ଦେଖାଯାଉଛି । ଉଚ୍ଚଜାତିରେ ଯେଉଁମାନେ ଜନ୍ମ ଗ୍ରହଣ କରିଛନ୍ତି ସେମାନଙ୍କ ହୃଦୟରେ ଗର୍ବ, ଅହମିକା ବୃଦ୍ଧିପାଉଛି । ଯେଉଁମାନେ ବ୍ରାହ୍ମଣକୁଳରେ ଜନ୍ମଗ୍ରହଣ କରୁଛନ୍ତି, ସେମାନେ ବ୍ରାହ୍ମଣୋଚିତ କର୍ମ ନ କରି ମୂର୍ଖ ହେଲେ ମଧ୍ୟ ବ୍ରାହ୍ମଣହୋଇ ରହିବେ । ସମସ୍ତେ ସେମାନଙ୍କୁ ଉଚ୍ଚଜାତି ବୋଲି ପୂଜା କରିବେ । ଏପରି ମନୋଭାବ ଥିବାରୁ ଲୋକଙ୍କ କର୍ତ୍ତବ୍ୟବୁଦ୍ଧି ନଷ୍ଟହୋଇ ଯାଉଛି ଅର୍ଥାତ୍ ଶୂଦ୍ରଜଣେ ଯେତେଉତ୍ତମ କର୍ମ କଲେ ମଧ୍ୟ ଶୂଦ୍ର ହୋଇ ରହିବ । ଏପରି ମନୋଭାବ ଲୋକଙ୍କୁ ଶୁଦ୍ଧପୂତ କାମ କରିବାପାଇଁ ପ୍ରେରଣା ଦେଇପାରୁନାହିଁ । ଏହାଫଳରେ ବର୍ତ୍ତମାନ ଲୋକେ ହଜାର ହଜାର ଜାତିରେ ବିଭକ୍ତ ହୋଇଗଲେଣି । ପରିସ୍ଥିତି ଏପରି ଭୟାବହ ହେଲାଣି କେହି କାହାସହିତ ମିଳିମିଶି ରହିବାକୁ କିମ୍ବା କାମକରିବାକୁ ଇଚ୍ଛା କରୁନାହାନ୍ତି । ତେଣୁ ଏ ଯେଉଁ ମିଥ୍ୟା ଜାତିପାତି ପ୍ରଥା ପ୍ରଚଳିତ ତାକୁ ଲୋପକରି ନିଜନିଜର ଯୋଗ୍ୟତା ଓ ଶକ୍ତିସାମର୍ଥ୍ୟ ଅନୁଯାୟୀ ବର୍ଣ୍ଣବ୍ୟବସ୍ଥା ସମସ୍ତେ ଯଦି ପାଳନ କରନ୍ତେ ତେବେ ଦେଶର ଏକତା ନଷ୍ଟନହୋଇ ସମସ୍ତେ ସୁଖ-ଶାନ୍ତିରେ କାଳାତିପାତ କରିପାରନ୍ତେ ।

--- ୦୦୦ ---

**ବ୍ରାହ୍ମଣୋଽସ୍ୟ ମୁଖମାସୀଦ୍ ବାହୂରାଜନ୍ୟଃ କୃତଃ ।**
**ଉରୁସ୍ତଦସ୍ୟ ଯଦ୍‌ବୈଶ୍ୟଃ ପଦ୍‌ଭ୍ୟାଂ ଶୂଦ୍ରୋଽଜାୟତ ॥**

ଶରୀରର ମୁଖ ହେଉଛି ବ୍ରାହ୍ମଣ, ବାହୁ ହେଉଛି କ୍ଷତ୍ରିୟ, ପେଟ ହେଉଛି ବୈଶ୍ୟ ସେହିପରି ପାଦଦ୍ୱୟ ହେଉଛନ୍ତି ଶୂଦ୍ର ସଦୃଶ ॥

## ଷଷ୍ଠ ପାଠ

## -: ଆଶ୍ରମ ଧର୍ମ :-

ପ୍ର :- ସାଧାରଣତଃ ମନୁଷ୍ୟର ଆୟୁଷକୁ କେତେବର୍ଷ ବୋଲି, ଶାସ୍ତ୍ରରେ ସ୍ୱୀକାର କରାଯାଇଛି ?

ଉ :- ଶହେବର୍ଷ ବୋଲି ସ୍ୱୀକାରକରାଯାଇଛି । ତେଣୁ ପ୍ରତିଦିନ ସନ୍ଧ୍ୟୋପାସନାରେ ପ୍ରାର୍ଥନା କରାଯାଏ **"ଜୀବେମ ଶରଦଃ ଶତମ୍ "।** ଅର୍ଥାତ୍ ଆମେ ଅତିକମ୍‌ରେ ଶହେବର୍ଷ ପର୍ଯ୍ୟନ୍ତ ବଞ୍ଚିରହୁଁ । ତେଣୁ କୁହାଯାଇଛି । **"ଶତାୟୁ ର୍ବୈ ପୁରୁଷଃ"** ଅର୍ଥାତ୍ ପୁରୁଷର ଆୟୁଷ ହେଉଛି ଶହେବର୍ଷ ବା ଶହେବର୍ଷ ହେବା ଉଚିତ ।

ପ୍ର :- ଏହି ବୟସକୁ କେତେ ଭାଗରେ ବିଭକ୍ତ କରାଯାଇଛି ?

ଉ :- ଚାରି ଭାଗରେ ।

ପ୍ର :- ସେହି ଚାରିଭାଗର ନାମକରଣ କଣ କରାଯାଇଛି ?

ଉ :- ସେହି ଚାରିଭାଗକୁ ଆଶ୍ରମ କହନ୍ତି ।

ପ୍ର :- ଆଶ୍ରମ କାହାକୁ କହନ୍ତି ? ସେହି ଚାରୋଟି ଆଶ୍ରମର ନାମ କଣ ?

ଉ :- ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ମନୁଷ୍ୟର ସ୍ୱାଭାବିକ ଜୀବନ ଚାରୋଟି ଅବସ୍ଥା ଦେଇ ଗତିକରେ । ବର୍ଣ୍ଣ ବ୍ୟବସ୍ଥା ଯେପରି ସମାଜ ନିର୍ମାଣପାଇଁ ପରିକଳ୍ପିତ, ଆଶ୍ରମ ବ୍ୟବସ୍ଥା ସେହିପରି ବ୍ୟକ୍ତିଗତ ଜୀବନର ଉନ୍ନତି ପାଇଁ ଉଦ୍ଦିଷ୍ଟ । ପ୍ରତ୍ୟେକ ନର-ନାରୀ ଏହି ଆଶ୍ରମର ମହତ୍ୱ ଉପଲବ୍ଧିକରି ଜୀବନକୁ ମଧୁମୟ କରିବାପାଇଁ ଚେଷ୍ଟିତ ହେବା ଆବଶ୍ୟକ । ଆଶ୍ରମର ନାମ ଯଥାକ୍ରମେ ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ ।

ପ୍ର :- ଏପରି ଚାରୋଟି ଆଶ୍ରମରେ ଜୀବନକୁ ବଣ୍ଟନ କରିବାର ଉଦ୍ଦେଶ୍ୟ ଓ ଲାଭ କ'ଣ ?

ଉ :- ମନୁଷ୍ୟ ନିଜେ ନିଜକୁ ଯେପରି ଉପରକୁ ଉଠାଇ ପାରିବ, ଜୀବନକାଳ ମଧ୍ୟରେ ଯାବତୀୟ ପ୍ରକାରର ଉନ୍ନତି ଯେପରି ସେ କରିପାରିବ । କେତେବର୍ଷ ପର୍ଯ୍ୟନ୍ତ କେଉଁ



କାର୍ଯ୍ୟ ବା ଉନ୍ନତି କରିବାକୁ ହେବ ଏହିସବୁ ମହତ୍ ଉଦ୍ଦେଶ୍ୟକୁ ଆଖିଆଗରେ ରଖି ଜୀବନକାଳକୁ ଚାରୋଟି ଆଶ୍ରମରେ ବଣ୍ଟନ କରାଯାଇଛି । ଯେପରି କୌଣସିବ୍ୟକ୍ତି ଦୂରଦେଶକୁ ଯେତେବେଳେ ଯାତ୍ରାକରେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ କେଉଁ କେଉଁ ସ୍ଥାନରେ ବିଶ୍ରାମ ବା ଅବସ୍ଥାନ କରି ଯିବାକୁ ପଡ଼ିବ, ପ୍ରଥମେ ସେତାହା ଠିକ୍ କରେ ଓ ସେପରି ବିଶ୍ରାମ କରି କରିକା ଗଲେ ଲକ୍ଷ୍ୟସ୍ଥଳରେ ଅନାୟାସରେ ପହଞ୍ଚୁଥାଏ । ଜୀବନର ଯେଉଁ ଅନ୍ତିମ ଉଦ୍ଦେଶ୍ୟ ଅଛି, ସେଠାକୁ ପହଞ୍ଚିବାପାଇଁ ଚାରୋଟି ଆଶ୍ରମକୁ ଚାରୋଟି ବିଶ୍ରାମସ୍ଥଳୀବୋଲି ବିବେଚନା କରିବା ଉଚିତ ।

ପ୍ର :- ମନୁଷ୍ୟ ଜୀବନର ଅନ୍ତିମ ଉଦ୍ଦେଶ୍ୟ କଣ ?

ଉ :- ଯାବତୀୟ ଦୁଃଖ, ଅଶାନ୍ତି ଓ ଅଜ୍ଞାନାନ୍ଧକାରକୁ ଦୂରେଇ ଦେଇ, ପରମ ଆନନ୍ଦରୂପକ ମୋକ୍ଷକୁ ଲାଭକରିବା, ଏହାହିଁ ହେଉଛି ମନୁଷ୍ୟ ଜୀବନର ଅନ୍ତିମ ଉଦ୍ଦେଶ୍ୟ । କାରଣ ସେହି ମୋକ୍ଷରେ ସର୍ବଦା ପ୍ରକୃତ-ସୁଖ-ଶାନ୍ତି ଓ ଆନନ୍ଦ ମିଳେ, ତହିଁରେ ଅନ୍ୟ କୌଣସି ପ୍ରକାର ବନ୍ଧନ ମଧ୍ୟ ନଥାଏ ।

ପ୍ର :- ବ୍ରହ୍ମଚର୍ଯ୍ୟର ଅର୍ଥ କ'ଣ ? କେତେବର୍ଷ ବ୍ରହ୍ମଚର୍ଯ୍ୟାଶ୍ରମରେ ରହିବାକୁ ହେବ ?

ଉ :- ବ୍ରହ୍ମ-ଈଶ୍ୱର ଓ ବେଦ । ଚର୍ଯ୍ୟ-ଜ୍ଞାନଲାଭକରିବା, ତହିଁରେ ବିଚରଣ କରିବା ବା ମଗ୍ନହୋଇ ରହିବା ତେଣୁ ବ୍ରହ୍ମଚର୍ଯ୍ୟର ଅର୍ଥ ହେଉଛି ଈଶ୍ୱରଙ୍କୁ ଓ ବେଦଜ୍ଞାନକୁ ଲାଭକରିବା, ଈଶ୍ୱରଙ୍କୁ ସ୍ମରଣକରି ପ୍ରତ୍ୟେକ କାର୍ଯ୍ୟ ସମ୍ପାଦନ କରିବା । ସାଧାରଣ ଭାଷାରେ ବୀର୍ଯ୍ୟ ସଂରକ୍ଷଣକୁ ମଧ୍ୟ ବ୍ରହ୍ମଚର୍ଯ୍ୟ କୁହାଯାଏ । ସର୍ବଦା ମନେ ରଖିବାକୁ ହେବ ଯେ, ଅଶି କିଲୋ ଭୋଜନରୁ ଏକକିଲୋ ରକ୍ତ ଓ ଏକକିଲୋ ରକ୍ତରୁ ଦୁଇଭରି ବୀର୍ଯ୍ୟ ଶରୀରରେ ଉତ୍ପନ୍ନ ହୁଏ । ବୀର୍ଯ୍ୟ ନଷ୍ଟ କରିବାଦ୍ୱାରା ଶାରୀରିକ ଓ ମାନସିକ ରୋଗ ଜାତ ହୁଏ । ତେଣୁ ଶାସ୍ତ୍ରରେ କଥିତ ହୋଇଛି । "ବ୍ରହ୍ମଚର୍ଯ୍ୟ ହିଁ ଜୀବନ" । ନିଜ ଇନ୍ଦ୍ରିୟମାନଙ୍କୁ ସଂଯମରେ ରଖି ପବିତ୍ର ଜୀବନଯାପନ କରିବା ଉଚିତ । ପ୍ରତ୍ୟେକ ବାଳକ ଅନ୍ୟୁନ ୨୫ବର୍ଷ , ଓ ପ୍ରତ୍ୟେକ ବାଳିକା ୧୬ବର୍ଷ ପର୍ଯ୍ୟନ୍ତ ବ୍ରତ ପାଳନ କରିବା ବିଧେୟ । ତାପୂର୍ବରୁ ବିବାହ ବନ୍ଧନରେ ଆବଦ୍ଧହେବା କଦାପି ଉଚିତ ନୁହେଁ ।

ପ୍ର :- ବ୍ରହ୍ମଚାରୀମାନଙ୍କ ମୁଖ୍ୟ ଧର୍ମ ଓ କର୍ମ କ'ଣ ?

ଉ :- ବ୍ରହ୍ମଚାରୀ ଓ ବ୍ରହ୍ମଚାରିଣୀମାନେ ନିଜ ଶରୀର, ମନ ଓ ଆତ୍ମାକୁ ଶକ୍ତିଶାଳୀ କରିବାପାଇଁ ସତତ ଧ୍ୟାନ ଦେବେ । କାୟମନୋବାକ୍ୟରେ ସର୍ବଦା ପବିତ୍ର ରହିବେ । ପ୍ରତ୍ୟହ ସ୍ନାନ କରି ଶରୀରକୁ ଶୁଦ୍ଧପୂତ ରଖିବେ । ପ୍ରିୟ, ମଧୁର, ସତ୍ୟବଚନ ବ୍ୟବହାର କରି ବାଣୀକୁ ପବିତ୍ର ରଖିବେ । ହୃଦୟରୁ କଳୁଷିତ ଭାବନାକୁ ଦୂରେଇ ଦେଇ ଶୁଦ୍ଧ, ଉତ୍ତମ ବିଚାରଧାରାଦ୍ୱାରା ମନକୁ ପବିତ୍ର ରଖିବେ । ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟାତ୍ୟାଗ ପୂର୍ବକ ଶ୍ରଦ୍ଧାର ସହିତ ବ୍ୟାୟାମ, ସ୍ନାନ, ସନ୍ଧ୍ୟୋପାସନା ହବନ କରିବେ । ଶୁଦ୍ଧ ସାତ୍ୱିକ ଭୋଜନକରିବେ । ମାଛ, ମାଂସ, ନାଲିମରିଚ, ଅଧିକ କଟୁ, ତିକ୍ତ, କଷାୟ, ବାସିଜିନିଷ, କିମ୍ବା ମଦ, ଗଞ୍ଜେଇ, ଅଫିମ, ଭଙ୍ଗ, ଚରସ ପ୍ରଭୃତି ମାଦକଦ୍ରବ୍ୟ କେବେ ସେବନ କରିବେ ନାହିଁ । ବେଦ, ବେଦାଙ୍ଗ, ଆର୍ଷଗ୍ରନ୍ଥ ପ୍ରଭୃତିର ଜ୍ଞାନ ଅର୍ଜନ କରିବେ ସ୍ତ୍ରୀମାନଙ୍କୁ ନିଜମାଆ, ଭଉଣୀ ଦୃଷ୍ଟିରେ ଦେଖିବେ । ନାଟକ, ଚଳଚ୍ଚିତ୍ର, ସହରର କଳୁଷିତ ବାତାବରଣରୁ ଦୂରେଇ ରହିବେ । ନିରଳସ, ନିରାଡ଼ମ୍ବର ଓ ତପସ୍ୱୀ ଜୀବନ ଯାପନ କରିବେ । ଗୁରୁକୁଳରେ ଅବସ୍ଥାନ କରି ଆଚାର୍ଯ୍ୟଙ୍କୁ ପିତା ଓ ବିଦ୍ୟାକୁ ମାତା ବିବେଚନା କରିବେ । ପିତା-ମାତା, ଆତ୍ମୀୟସ୍ୱଜନଙ୍କ ମୋହ ତ୍ୟାଗ କରିବେ । କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ଭୟ, ଶୋକ,ଆଳସ୍ୟାଦି ଦୁର୍ଗୁଣକୁ ଦୂର କରିବେ । ସତ୍ୟବାଦୀ, ତ୍ୟାଗୀ, ତପସ୍ୱୀ ଜ୍ଞାନୀ, ଧାର୍ମିକ, ଈଶ୍ୱରବିଶ୍ୱାସୀ ଓ ଜିତେନ୍ଦ୍ରିୟ ହେବାପାଇଁ ତୀକ୍ଷ୍ଣ ଦୃଷ୍ଟି ଦେବେ ।

ପ୍ର :- ବ୍ରହ୍ମଚର୍ଯ୍ୟଦ୍ୱାରା କି କି ଲାଭ ହୁଏ ?

ଉ :- ପିତାମହ ଭୀଷ୍ମ, ଶ୍ରୀମତ୍ ଶଙ୍କରାଚାର୍ଯ୍ୟ, ସ୍ୱାମୀ ଆନନ୍ଦତୀର୍ଥ, ମହର୍ଷି ଦୟାନନ୍ଦ ସରସ୍ୱତୀ ପ୍ରଭୃତି ମହାପୁରୁଷମାନେ ଆଜୀବନ ବ୍ରହ୍ମଚର୍ଯ୍ୟବ୍ରତ ପାଳନ କରିଥିଲେ । ସେମାନଙ୍କ କାର୍ଯ୍ୟକଳାପରୁ ସ୍ପଷ୍ଟ ଅନୁମତି ହୁଏ ଯେ, ବ୍ରହ୍ମଚର୍ଯ୍ୟ ବ୍ରତଦ୍ୱାରା ଶାରୀରିକ, ମାନସିକ ଓ ଆତ୍ମିକବଳ ବହୁପରିମାଣରେ ବୃଦ୍ଧିପାଏ ଏପରିକି ବ୍ରହ୍ମଚର୍ଯ୍ୟ ପ୍ରଭାବରୁ ମନୁଷ୍ୟର ମୃତ୍ୟୁଭୟ ମଧ୍ୟ ରହେନାହିଁ । ମୃତ୍ୟୁ ଉପରେ ସେ ବିଜୟ ଲାଭକରେ ।



ବେଦରେ ଶିକ୍ଷା ଦିଆଯାଇଛି :-

**"ବ୍ରହ୍ମଚର୍ଯ୍ୟେଣ ତପସା ଦେବା ମୃତ୍ୟୁମୁପାଘ୍ନତ"**

(ଅଥର୍ବ ୧୧୦-୫-୧୬)

ଅର୍ଥାତ୍ ବ୍ରହ୍ମଚର୍ଯ୍ୟ ଓ ତପସ୍ୟା ବଳରେ ସତ୍ୟନିଷ୍ଠ ବିଦ୍ୱାନ୍ ଲୋକ ମୃତ୍ୟୁକୁ ଜୟ କରିଥାନ୍ତି ।

ପ୍ର :- ଗୃହସ୍ଥାଶ୍ରମରେ ପ୍ରବେଶ କରିଥିବା ଲୋକଙ୍କ ମୁଖ୍ୟ କାର୍ଯ୍ୟ କ'ଣ ?

ଉ :- ପତି-ପତ୍ନୀ ଉଭୟେ ପରସ୍ପର ମଧ୍ୟରେ ସଦ୍‌ଭାବ ରଖି କାର୍ଯ୍ୟ କରିବେ । ସମସ୍ତେ ମିଳିମିଶି ଉତ୍ତମକାର୍ଯ୍ୟ ସଂପାଦନ କରିବାରେ ତତ୍ପର ରହିବେ । ପତି ଏକପତ୍ନୀ ବ୍ରତର ଓ ପତ୍ନୀ ଏକପତିବ୍ରତର ଧର୍ମ ପାଳନ କରିବେ । ନିଜର ଯାବତୀୟ କାର୍ଯ୍ୟକଳାପ ମର୍ଯ୍ୟାଦା, ନୀତିନିୟମ ଓ ସଂଯମରେ ରହି ଯଥା ସମୟରେ ଶେଷ କରିବେ । ପତି-ପତ୍ନୀ ଦିଜଣ ଗୋଟିଏ ଶରୀରର ଦିଓଟି ଅଂଶ ବିଚାରି ପ୍ରୀତିପୂର୍ବକ ରହିବେ । ଧାର୍ମିକ କାର୍ଯ୍ୟକଳାପ ସଂପାଦନ କରିବାରେ ଜଣେ ଅନ୍ୟକୁ ସାହାଯ୍ୟ କରିବେ । ସନ୍ତାନ ସନ୍ତତିଙ୍କୁ ସଦ୍‌ବିଦ୍ୟା ଶିକ୍ଷା ଦେବାର ବ୍ୟବସ୍ଥା କରିବେ । ସେମାନେ ଯେପରି ଧାର୍ମିକ, ସଦାଚାରୀ ଓ ପରୋପକାରୀ ହେବେ ତାପାଇଁ ଯତ୍ନ କରିବେ । ସ୍ୱାର୍ଥକୁ ପରିତ୍ୟାଗକରି ସମୂହସ୍ୱାର୍ଥପାଇଁ କାମ କରିବେ । ଏଗୁଡ଼ିକ ହେଉଛି ଗୃହସ୍ଥାଶ୍ରମର ମୁଖ୍ୟ କର୍ତ୍ତବ୍ୟ ।

ପ୍ର :- କେତେବର୍ଷ ବୟସରେ ବାନପ୍ରସ୍ଥାଶ୍ରମରେ ପ୍ରବେଶ କରିବାକୁ ହେବ ? ବାନପ୍ରସ୍ଥୀଙ୍କ କର୍ତ୍ତବ୍ୟ କ'ଣ ?

ଉ :- ନିଜପୁତ୍ରର ସନ୍ତାନସନ୍ତତି ଯେତେବେଳେ ହୋଇଯିବେ, ଅର୍ଥାତ୍ ନିଜକୁ ପଚାଶବର୍ଷ ବୟସ ହୋଇଯିବାପରେ ବାନପ୍ରସ୍ଥାଶ୍ରମରେ ପ୍ରବେଶ କରିବାକୁ ହେବ । ପ୍ରତ୍ୟେକ ପୁରୁଷ ଏବଂ ସ୍ତ୍ରୀ ଗୃହସ୍ଥାଶ୍ରମର ଅନୁଭୂତିକୁ ସମାପ୍ତକରି ବାନପ୍ରସ୍ଥାଶ୍ରମରେ ପ୍ରବେଶ କରିବେ । କୌଣସି ଗୁରୁକୁଳରେ ଅବସ୍ଥାନ କରି ନିଜର ମାନସିକ, ଆତ୍ମିକଶକ୍ତିକୁ ବୃଦ୍ଧିକରିବାପାଇଁ ତତ୍ପର ରହିବେ । ଗୁରୁକୁଳର ବ୍ରହ୍ମଚାରୀମାନଙ୍କୁ ଶିକ୍ଷାଦେବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ସେବାମୂଳକ କାର୍ଯ୍ୟ ମଧ୍ୟ କରିବେ ।

ଈଶ୍ୱରଭକ୍ତି, ଧ୍ୟାନ, ଯୋଗ ଓ ବେଦାଦି ସତ୍‌ଶାସ୍ତ୍ର ଅଧ୍ୟୟନକରି ସମୟର ସଦୁପଯୋଗ କରିବେ । ଅହିଂସା, ସତ୍ୟ, ବ୍ରହ୍ମଚର୍ଯ୍ୟ, ତପସ୍ୟା, ଶାନ୍ତି, ଇନ୍ଦ୍ରିୟନିଗ୍ରହ, ପ୍ରତି ବିଶେଷ ଧ୍ୟାନ ଦେବେ । ନିଜ ଅର୍ଜିତ ଜ୍ଞାନ ଓ ଅନୁଭୂତିଦ୍ୱାରା ଅନ୍ୟମାନେ ଯେପରି ଉପକୃତ ହେବେ ତାପାଇଁ ଯତ୍ନଶୀଳ ହେବେ ।

ପ୍ର :- ଆଜିକାଲି ବାନପ୍ରସ୍ଥାଶ୍ରମର ଆବଶ୍ୟକତା ବା କ'ଣ ଅଛି ? ତଦ୍ଧ୍ୱାରା ଲାଭ କ'ଣ ହେବ ?

ଉ :- ପ୍ରାଚୀନ କାଳୀନ ଲୋକଙ୍କପରି ଆଜିକାଲି ଯଦି ଲୋକେ ପଚାଶବର୍ଷ ବୟସପରେ ବାନପ୍ରସ୍ଥ ଦୀକ୍ଷା ଗ୍ରହଣ କରନ୍ତେ, ତେବେ ଗୁରୁକୁଳ, ଦାତବ୍ୟ ଚିକିତ୍ସାଳୟ, ଅନ୍ୟାନ୍ୟ ଜନକଲ୍ୟାଣକର ଅନୁଷ୍ଠାନଗୁଡ଼ିକୁ ପରିଚାଳନା କରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ନ୍ତା ନାହିଁ । ବିଦ୍ୱାନ୍, ଅନୁଭବୀ, ତ୍ୟାଗୀ, ଲୋକଙ୍କ ବ୍ୟତିରେକେ ଏପରି ସଂସ୍ଥାଗୁଡ଼ିକର କାର୍ଯ୍ୟକଳାପକୁ ନେଇ ଆଣି ଥୋଇବା ଦୁରୂହ ବ୍ୟାପାର ହୋଇପଡୁଛି । ପୁଣି ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ବିଷୟକ କାର୍ଯ୍ୟ ସୁଚାରୁରୂପେ ପରିଚାଳିତ ହୁଅନ୍ତା । ବୃଦ୍ଧଲୋକେ ଏପରି କାର୍ଯ୍ୟକଳାପ କଲେ ଜୀବନରେ ଯେଉଁ ଶାନ୍ତି ପାଇପାରିବେ ତାଭାଷାରେ କଦାପି ପ୍ରକାଶ କରି ହେବନାହିଁ ।

ପ୍ର :- ସନ୍ନ୍ୟାସୀ ଶବ୍ଦର ଅର୍ଥ କ'ଣ ? ଏବଂ ସନ୍ନ୍ୟାସୀମାନଙ୍କର କର୍ତ୍ତବ୍ୟ କ'ଣ ?

ଉ :- ଯେଉଁ ବ୍ୟକ୍ତିମାନେ ପୁତ୍ରୈଷଣା-ସନ୍ତାନ ସନ୍ତତିଙ୍କ ଆକର୍ଷଣ, ବିତ୍ତୈଷଣା, ଧନ-ଐଶ୍ୱର୍ଯ୍ୟର ଲୋଭ, ଲୋକୈଷଣା-ଯଶ, ପ୍ରଶଂସାରେ ଆସକ୍ତି ସର୍ବଥା ପରିତ୍ୟାଗ କରି ସମସ୍ତ ପ୍ରାଣୀଙ୍କ ପ୍ରତି ମମତା ଓ ପ୍ରୀତି ରଖନ୍ତି ତାଙ୍କୁ ସନ୍ନ୍ୟାସୀ କହନ୍ତି । ସନ୍ନ୍ୟାସୀ ମାତ୍ରକେ ଯାବତୀୟ ଦୁର୍ଭାବନା, ଦୁଷ୍କର୍ମକୁ ଦୂରେଇ ଦେଇ, ନିଜ ସ୍ୱାର୍ଥକୁ ପରିତ୍ୟାଗ କରି ସର୍ବଦା ସାମାଜିକ କଲ୍ୟାଣକର କାର୍ଯ୍ୟରେ ବ୍ରତୀ ରହି, ଈଶ୍ୱରଙ୍କ ଧ୍ୟାନରେ ମଗ୍ନ ରହିବେ । ଅନ୍ୟାୟ, ଅତ୍ୟାଗ୍ର, ଅଧର୍ମ ବିରୁଦ୍ଧରେ ଲଢ଼େଇ କରି ନିର୍ଭୀକ ଭାବେ ଧର୍ମର ପ୍ରଚ୍ୟର ପ୍ରସାର କରିବେ । ଛୋଟ ବଡ଼ ସମସ୍ତଙ୍କ ପ୍ରତି ସମଦୃଷ୍ଟି ରଖିବେ, କେବେ ପକ୍ଷପାତ କରିବେ ନାହିଁ । ଚକ୍ରବର୍ତ୍ତୀ ରାଜା ହେଲେ ମଧ୍ୟ ସେ ଯଦି ଅନ୍ୟାୟ ଆଚ଼ରଣ କରନ୍ତି ତେବେ ତାର ତୀବ୍ର ବିରୋଧ କରିବେ । ଜଗତରେ ଏପରି ସନ୍ନ୍ୟାସୀଙ୍କ ସଂଖ୍ୟା ବୃଦ୍ଧି ହେଲେ, ଜଗତର ନିଶ୍ଚୟ ମଙ୍ଗଳ ସାଧିତ ହେବ ।

--- ୦୦୦ ---

## ସପ୍ତମ - ପାଠ

## -: ବୈଦିକ ଧର୍ମର୍ ଶ୍ରେଷ୍ଠ ଶିକ୍ଷା :-

ପ୍ରଶ୍ନ :- ବୈଦିକଧର୍ମ ଈଶ୍ୱରଙ୍କ ସଂପର୍କରେ କଣ ସବୁ ଶିକ୍ଷା ଦିଏ ?

ଉ :- ବୈଦିକଧର୍ମ ଈଶ୍ୱରଙ୍କ ସଂପର୍କରେ ଯାହା କିଛି ଶିକ୍ଷା ଦିଏ, ସେସବୁ ପ୍ରଥମ ପାଠରେ ଉଲ୍ଲେଖ କରାଯାଇଛି । ତେବେ ସେହି ସର୍ବବ୍ୟାପକ, ସର୍ବଜ୍ଞ, ସର୍ବଶକ୍ତିମାନ୍ ପରମେଶ୍ୱରଙ୍କୁ କେବଳ ପୂଜା କରିବା ଉଚିତ, ଅନ୍ୟ କାହାକୁ ପୂଜା କରିବା ଅନାବଶ୍ୟକ । ବୈଦିକ ଧର୍ମର ଏହା ହେଉଛି ଏକ ବିଶେଷ ଶିକ୍ଷା । ସେ ସଂପର୍କରେ ବେଦରେ କୁହାଯାଇଛି :-

**"ଯ ଏକ ଏବ ନମସ୍ୟୋ ବିକ୍ଷ୍ୱୀଡ୍ୟଃ"** (ଅଥର୍ବ-୨-୨-୧)

ଯେଉଁ ପରମେଶ୍ୱର ଏକ, ସେ ହିଁ ପୂଜାର ଯୋଗ୍ୟ ଅଟନ୍ତି ।

ପ୍ର :- ବିଦ୍ୱାନ୍‌ମାନେ ମତ ଦିଅନ୍ତି :- ବେଦରେ ଇନ୍ଦ୍ର, ଅଗ୍ନି, ମିତ୍ର, ବରୁଣ ପ୍ରଭୃତି ଅନେକ ଦେବତାଙ୍କ ପୂଜାର ବିଧାନ ରହିଛି । ସେହି ମତାମତ କେତେଦୂର ସତ୍ୟ ?

ଉ :- ସେପରି ମତାମତ ଠିକ୍ ନୁହେଁ । ବେଦରେ ଉଲ୍ଲେଖ କରାଯାଇଥିବା ଅଗ୍ନି, ମିତ୍ର, ବ୍ରହ୍ମା, ବିଷ୍ଣୁ, ଶିବ ଆଦି ଏକ ଅଦ୍ୱିତୀୟ ପରମାତ୍ମାଙ୍କ ଭିନ୍ନ ଭିନ୍ନ ନାମ ମାତ୍ର । ପରମାତ୍ମା ଅନନ୍ତ ଗୁଣ ସଂପନ୍ନ । ସେହି ଗୁଣ ପାଇଁ ଗୋଟିଏ ଗୋଟିଏ ନାମ ରହିଛି । ଏହାର ବୈଦିକ ପ୍ରମାଣ ଯଥା :-

**ଇନ୍ଦ୍ରଂ ମିତ୍ରଂ ବରୁଣମଗ୍ନିମାହୁରଥୋ ଦିବ୍ୟଃ ସ ସୁପର୍ଣ୍ଣୋ ଗରୁତ୍ମାନ୍ ।**
**ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତ୍ୟଗ୍ନି ଯମଂ ମାତରିଶ୍ୱାନମାହୁଃ ।**

(ଋକ୍ ୧-୧୬୪-୪୬)

ବିଦ୍ୱାନ୍‌ମାନେ ଏକ ସନାତନ ପରମାତ୍ମାଙ୍କୁ ବହୁ ନାମରେ ନାମିତ କରନ୍ତି ।

ନିଖିଳ ଐଶର୍ଯ୍ୟବାନ୍ ହେତୁ ସେ ଇନ୍ଦ୍ର, ସମସ୍ତଙ୍କ ସ୍ନେହୀ ଓ ମୃତ୍ୟୁପରେ ମଧ୍ୟ ରକ୍ଷକ ହୋଇଥିବାରୁ ମିତ୍ର, ବରଣୀୟ ଓ ଦୁଃଖ ନାଶକ ହେତୁ ବରୁଣ, ସର୍ବ ପ୍ରକାଶକ ହେତୁ ଅଗ୍ନି, ତେଜୋମୟ ହେତୁ ଦିବ୍ୟ, ସର୍ବ ନିୟନ୍ତା ଯୋଗୁଁ ଯମ ଅଟନ୍ତି । ସାଧାରଣଭାବେଦେଖିବାକୁ ମିଳେ ଯେ, ଜଣେ ସାଧାରଣ ବ୍ୟକ୍ତିର ମଧ୍ୟ କେତେଗୁଡ଼ିଏ ନାମ ରହିଛି, କାରଣ ତାର ଭାଇ ଭଉଣୀ ତାକୁ ଭାଇବୋଲି , ପିତା ପୁତ୍ର ବୋଲି ଭଣଜା ମାମୁଁ ବୋଲି ସମ୍ବୋଧନ କରେ, ଠିକ୍ ସେହିପରି ବିଶ୍ୱବ୍ରହ୍ମାଣ୍ଡର କର୍ତ୍ତା ପରମେଶ୍ୱରଙ୍କ ଶତ-ସହସ୍ର ଗୁଣଥିବା କାରଣରୁ ବିଦ୍ୱାନ୍‌ମାନେ ତାଙ୍କୁ ଶତସହସ୍ର ନାମରେ ଆହ୍ୱାନ କରିଥାନ୍ତି ବା ନାମିତ କରିଥାନ୍ତି ।

ପ୍ର :- ବେଦରେ ମୂର୍ତ୍ତିପୂଜାର ବିଷୟ ଉଲ୍ଲେଖ ଅଛି କି ?

ଉ :- ବେଦର କୌଣସି ସ୍ଥାନରେ ମୂର୍ତ୍ତିପୂଜାର ଉଲ୍ଲେଖ ନାହିଁ । ଏକମାତ୍ର ସର୍ବବ୍ୟାପକ, ସର୍ବଜ୍ଞ, ସର୍ବଶକ୍ତିମାନ୍, ପରମେଶ୍ୱରଙ୍କ ପୂଜାର ବିଧାନ ରହିଛି । ଯଜୁର୍ବେଦରେ ଚାଳିଶ ଅଧ୍ୟାୟ ଅଷ୍ଟମ ମନ୍ତ୍ରରେ ତାଙ୍କୁ **"ଅକାୟମ୍, ଅବ୍ରଣମ୍, ଅସ୍ନାବିରମ୍"** ବୋଲି କୁହାଯାଇଛି, ତେଣୁ ସେ ନିରାକାର, ତାଙ୍କର କୌଣସି ଶରୀର ନାହିଁ । ଶରୀରଧାରୀ ମାତ୍ରକେ କଦାପି ପୂର୍ଣ୍ଣ ବା ସର୍ବବ୍ୟାପକ ହୋଇପାରିବେ ନାହିଁ । ଶରୀର ନଥିବାରୁ ଈଶ୍ୱରଙ୍କ ମୂର୍ତ୍ତି କିପରି ବା ଗଠନ କରାଯିବ ? ବେଦରେ କୁହାଯାଇଛି:-

**"ନ ତସ୍ୟ ପ୍ରତିମା ଅସ୍ତି ଯସ୍ୟ ନାମ ମହଦ୍‌ଯଶଃ" ॥** (ଯଜୁ ଅ ୩୨-ମ୩)

ଯେଉଁ ପରମେଶ୍ୱରଙ୍କ ଅପାର ମହିମା, ସେହି ସର୍ବବ୍ୟାପକ ପରମାତ୍ମାଙ୍କ ମୂର୍ତ୍ତି କଦାପି ସମ୍ଭବପର ନୁହେଁ ।

ପ୍ର :- ମୂର୍ତ୍ତିକୁ ଦେଖି ପରମେଶ୍ୱରଙ୍କୁ ସ୍ମରଣ କରାଯାଏ, ଏହା ସତ୍ୟ କି ?

ଉ :-ପରମେଶ୍ୱର ସର୍ବବ୍ୟାପକ ଓ ନିରାକାର ଅଟନ୍ତି । ତେଣୁ ତାଙ୍କ ମୂର୍ତ୍ତିର କଳ୍ପନା କରାଯାଇନପାରେ । ଯଦି ସୃଷ୍ଟିର ପୃଥିବୀ, ଚନ୍ଦ୍ରସୂର୍ଯ୍ୟ, ଗ୍ରହନକ୍ଷତ୍ର, ପାହାଡ଼, ପର୍ବତ, ନଦ-ନଦୀ, ଜୀବଜନ୍ତୁ ଆଦି ପଦାର୍ଥକୁ ଦେଖି ସ୍ରଷ୍ଟାଙ୍କୁ ସ୍ମରଣ କରିହୁଏ ନାହିଁ ତେବେ ତାଙ୍କ ରଚିତ ପଦାର୍ଥରୁ ମନୁଷ୍ୟ ରଚନା କରିଥିବା ମୂର୍ତ୍ତିକୁ ଦେଖି ତାଙ୍କୁ ସ୍ମରଣ



କରିବା ଅଯୌକ୍ତିକ ଓ ଅବାନ୍ତର ଅଟେ । ଦ୍ୱିତୀୟତଃ ମୂର୍ତ୍ତିକୁ ଦେଖିଲେ ଯଦି ପରମାତ୍ମାଙ୍କ ସ୍ମରଣ ହୁଏ, ତେବେ ମୂର୍ତ୍ତି ନଥିବା ସ୍ଥାନରେ "ଈଶ୍ୱର ନାହାନ୍ତି" ବୋଲି ବିଚାରି ମନୁଷ୍ୟ କୁମର୍କ କରିବାକୁ ପଶ୍ଚାତ୍‌ପଦ ହେବ ନାହିଁ । ବିଚାରିବାକୁ ଗଲେ ସମଗ୍ର ବିଶ୍ୱ ଏକ ବିରାଟ ମନ୍ଦିର ଓ ଈଶ୍ୱର ସର୍ବତ୍ର ବିଦ୍ୟମାନ ।

ପ୍ର :- କେତେକ ଲୋକ ମତ ଦିଅନ୍ତି.....ଈଶ୍ୱର ନିରାକାର ହେଲେହିଁ ଧର୍ମର ସୁରକ୍ଷା ଓ ଅଧର୍ମର ବିନାଶ ପାଇଁ ସମୟ ସମୟରେ ଅବତାର ଗ୍ରହଣ କରନ୍ତି । ଏହା ବେଦାନୁକୂଳ ଓ ସତ୍ୟକି ?

ଉ :- ଏହା କଦାପି ବେଦାନୁକୂଳ କିମ୍ବା ସତ୍ୟ ନୁହେଁ । କାରଣ ପରମପିତା ପରମାତ୍ମା ହେଉଛନ୍ତି ସର୍ବଶକ୍ତିମାନ୍, ସେ କେବେ ଶରୀର ଧାରଣ ନକରି ମଧ୍ୟ ସବୁକାର୍ଯ୍ୟକୁ ଯଥାଯଥଭାବେ ସଂପାଦନ କରିଥାନ୍ତି । ତେଣୁ ଧର୍ମର ସୁରକ୍ଷା ଓ ଅଧର୍ମର ବିନାଶପାଇଁ, କାହିଁକି ତାଙ୍କୁ ଶରୀର ଧାରଣ କରିବାକୁ ପଡ଼ିବ ? ଈଶ୍ୱର କେବେ ଜନ୍ମ ଗ୍ରହଣ କରନ୍ତି ନାହିଁ କିମ୍ବା ମୃତ୍ୟୁବରଣ ମଧ୍ୟ କରନ୍ତି ନାହିଁ । ସର୍ବଦା ସେ ଏକ ରୂପରେ ଓ ଏକରସରେ ଥାଆନ୍ତି । ବେଦରେ ତାଙ୍କୁ 'ଅଜ' ବୋଲି ବର୍ଣ୍ଣନା କରାଯାଇଛି । 'ଅଜ'ର ଅର୍ଥ ଯାହାର ଜନ୍ମ ନାହିଁ ବା ଯିଏ କେବେ ଜନ୍ମ ଗ୍ରହଣ କରନ୍ତି ନାହିଁ । ବେଦରେ ତାଙ୍କ ସଂପର୍କରେ ପୁଣି କୁହାଯାଇଛି :-

**"ସ୍ୱର୍ଯସ୍ୟ ଚ୍ କେବଳଂ ତସ୍ମୈ ଜ୍ୟେଷ୍ଠାୟ ବ୍ରହ୍ମଣେ ନମଃ"** (ଅଥର୍ବ -୧୦-୮-୧)

ଯେଉଁ ଈଶ୍ୱର ତସବୁଠାରୁ ବା ସମସ୍ତଙ୍କ ଅପେକ୍ଷା ବଡ଼, ଯା ନିକଟରେ ସୁଖ କେବଳ ପୂର୍ଣ୍ଣମାତ୍ରାରେ ରହିଛି, ଦୁଃଖର ଚିହ୍ନବର୍ଣ୍ଣ ସୁଦ୍ଧା ନାହିଁ, ସେହି ଈଶ୍ୱରଙ୍କୁ ଆମ୍ଭେ ନମସ୍କାର କରୁଛୁ । ଦୁନିଆଁର ଯେତେ ବଡ଼ ଲୋକ ହେଲେ ମଧ୍ୟ ତାଙ୍କ ସଂପର୍କରେ ଏପରି ମନ୍ତବ୍ୟ ଦେବା କଦାପି ସମ୍ଭବପର ନୁହେଁ । ତେବେ ପ୍ରକୃତ ରସହ୍ୟ ହେଲା - ସେହି ପରମ ଦୟାଳୁ ପରମାତ୍ମାଙ୍କ ଅପାରକରୁଣା ଲାଭକରି ସଂସାରରେ ଏପରି କେତେକ ମହାତ୍ମା ମହାପୁରୁଷ ଜନ୍ମଗ୍ରହଣ କରନ୍ତି, ଯେଉଁମାନେ ଆଶ୍ଚର୍ଯ୍ୟାନ୍ୱିତ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଜନତା ଜନାର୍ଦ୍ଦନଙ୍କ ଆଗରେ ଏପରି ଉଚ୍ଚ

ଆଦର୍ଶମାନ ଉପସ୍ଥାପନ କରି ଦିଅନ୍ତି, ସେସବୁକୁ ଦେଖି ଲୋକେ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିର ସହିତ ସେମାନଙ୍କୁ ଈଶ୍ୱରଙ୍କ ଅବତାର ବୋଲି କହିବାକୁ କୁଣ୍ଠବୋଧ କରନ୍ତି ନାହିଁ । କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ ଈଶ୍ୱର କେବେ ଶରୀର ଧାରଣ କରନ୍ତି ନାହିଁ । ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର, ଯୋଗେଶ୍ୱର ଭଗବାନ୍ ଶ୍ରୀକୃଷ୍ଣ ପ୍ରଭୃତି ଈଶ୍ୱରଙ୍କ ଅବତାର ନୁହନ୍ତି, ସେମାନେ ହେଉଛନ୍ତି ଅତି ଉଚ୍ଚକୋଟିର ଆଦର୍ଶ ମହାପୁରୁଷ ।

ପ୍ର :- ଈଶ୍ୱରଙ୍କ ପୂଜା କେଉଁଠାରେ ଓ କିପରି କରାଯିବ ?

ଉ :- ଈଶ୍ୱର ହେଉଛନ୍ତି ନିରାକାର, ତେଣୁ ତାଙ୍କର ମୂର୍ତ୍ତି ତିଆରି କରି ଘଣ୍ଟି ବଜାଇ ଡାକିବା, ଫୁଲ ଚଢ଼ାଇବା, ଚନ୍ଦନ ଲଗାଇବା, ଆଳତି କରିବା, ଭୋଗରାଗ ଦେବା, ଏ ସବୁ ପ୍ରହସନ ବ୍ୟତୀତ ଅନ୍ୟକିଛି ନୁହେଁ । ହୃଦୟରେ ସେ ପରିବ୍ୟାପ୍ତ ହୋଇ ରହିଛନ୍ତି, ତେଣୁ ହୃଦୟ ମଧ୍ୟରେ କେବଳ ତାଙ୍କର ପୂଜା କରାଯାଇପାରେ । ଈଶ୍ୱରଙ୍କୁ ନିଜର ପ୍ରକୃତ ପିତାମାତା ବିଗ୍ରହି ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିର ସହିତ ତାଙ୍କୁ ଧ୍ୟାନ କରିବା ତାଙ୍କରି ଭଜନ କୀର୍ତ୍ତନ କରି ତଦନୁସାରେ ନିଜକୁ ଗଠନ କରିବା, ଏହାହିଁ ହେଉଛି ତାଙ୍କର ପ୍ରକୃତ ପୂଜା । ଦ୍ୱିତୀୟତଃ ଈଶ୍ୱର ଯେଉଁ ଜୀବଜଗତ୍ ସୃଷ୍ଟି କରିଛନ୍ତି, ସେ ସମସ୍ତଙ୍କ ସହିତ ସଦ୍ଭାବ ରଖି ସେମାନଙ୍କୁ ଆଦର କରିବା, ଦୀନ-ଦୁଃଖୀ, ଅନାଥ-ଅସହାୟ, ଲୋକ ଦେଖି ସେମାନଙ୍କୁ ସାହାଯ୍ୟ କରିବା, ଏଗୁଡ଼ିକ ମଧ୍ୟ ଈଶ୍ୱରଙ୍କର ପ୍ରକୃତ ପୂଜା ଅଟେ । ଭଗବାନ୍ ଶ୍ରୀକୃଷ୍ଣ ସେ ସମ୍ପର୍କରେ ଶ୍ରୀମଦ୍‌ଭଗବତ୍‌ଗୀତାରେ କହିଛନ୍ତି :-

''**ସ୍ୱକର୍ମଣା ତମଭ୍ୟର୍ଚ୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ**" (ଗୀତା ଅ ୧୮-ଶ୍ଳୋ ୪୬)

ମନୁଷ୍ୟ ନିଜ ଶ୍ରେଷ୍ଠ ବା ଉତ୍ତମ କର୍ମ ଦ୍ୱାରା ଭଗବାନଙ୍କୁ ପୂଜା କରି ମୋକ୍ଷ ବା ପରମାନନ୍ଦ ଲାଭକରିବାରେ ସମର୍ଥ ହୋଇଥାଏ ।

ପ୍ର :- ବୈଦିକ ଧର୍ମର ଦ୍ୱିତୀୟ ଶିକ୍ଷା କ'ଣ ?

ଉ :- ପରମେଶ୍ୱରଙ୍କୁ ପିତା-ମାତା ବିଗ୍ରହି ତାଙ୍କ ସୃଷ୍ଟ ପ୍ରତ୍ୟେକ ନର-ନାରୀଙ୍କୁ ଭାଇ-ଭଉଣୀ ମନେକରି ସେସମସ୍ତଙ୍କ ମଙ୍ଗଳ ନିମିତ୍ତ ଶ୍ରଦ୍ଧାର ସହିତ ଯତ୍ନକର । ଏହା ହେଉଛି ବୈଦିକ ଧର୍ମର ଦ୍ୱିତୀୟ ଶିକ୍ଷା । ଉଚ୍ଚ କୁଳରେ ଜାତ ହେଲେ ନିଜକୁ ଶ୍ରେଷ୍ଠ ବିଗ୍ରହି ଅଭିମାନ କରିବା, କିମ୍ବା ନୀଚ କୁଳରେ ଜାତ ବ୍ୟକ୍ତିକୁ ହେୟ ମନେକରି ଘୃଣା କରିବା ଓ ଅସ୍ପୃଶ୍ୟ ବିଗ୍ରହି ତା ନିକଟରୁ ଦୂରେଇ ରହିବା, ଏହା ବୈଦିକ ଧର୍ମର ନିୟମ ବା ଆଦର୍ଶ ନୁହେଁ ।



ପ୍ର :- ବୈଦିକ ଧର୍ମର ତୃତୀୟ ଶିକ୍ଷା କ'ଣ ?

ଉ :- ବୈଦିକ ଧର୍ମର ତୃତୀୟ ଶିକ୍ଷା ହେଉଛି :-କର୍ମ ଫଳାଫଳ ଭୋଗ । ଯିଏ ଯେଉଁପରି କାମ କରିବ ଠିକ୍ ସେହିପରି ଫଳମଧ୍ୟ ଭୋଗ କରିବ । ଉପନିଷଦ୍‌ରେ କଥିତ ହୋଇଛି ଗାଈ ଗୋଠ ମଧ୍ୟରେ ଗୋଟିଏ ବାଛୁରୀକୁ ଛାଡ଼ିଦେଲେ ସେ ଖୋଜି ଖୋଜି ତା ମାଆ ନିକଟରେ ପହଞ୍ଚି ଯାଏ । ସେହିପରି କର୍ତ୍ତା ନିକଟରେ କର୍ମଫଳ ଆସି ପହଞ୍ଚିଯାଏ । ବେଦ ଉପଦେଶ ଦିଅନ୍ତି :-

"**ପକ୍ତାରଂ ପକ୍ୱଂ ପୁନରାବିଶତି** " (ଅଥର୍ବ ୧୨-୩-୪୮)

ଅର୍ଥାତ୍ ପରିପକ୍ୱ ଅନ୍ନ ପୁଣି ପାଚକ ପାଖକୁ ଆସେ । କୁକର୍ମ କଲେ ମନରେ ପଶ୍ଚାତ୍ତାପ ହୁଏ ଓ ଦୁଃଖ, ଶୋକ, ଅଶାନ୍ତି ମଧ୍ୟ ଜାତ ହୁଏ । କିନ୍ତୁ ସୁକର୍ମ କରିବା ଦ୍ୱାରା ସୁଖ, ଶାନ୍ତି ଓ ଆନନ୍ଦ ମିଳେ । ଈଶ୍ୱର ନ୍ୟାୟକାରୀ ହୋଇଥିବାରୁ, କୌଣସି ବ୍ୟକ୍ତି ସବୁଦିନ ଅନ୍ୟାୟ, ମିଥ୍ୟା, ଛଳନାର ଆଶ୍ରୟ ନେଇ ସୁଖରେ ରହିପାରିବ ନାହିଁ । ଦିନେନାଦିନେ ସେସବୁର ମୁଖା ଖୋଲିଯିବା ତେଣୁ ମୁନିଋଷିମାନେ କହିଛନ୍ତି :- **"ସତ୍ୟମେବ ଜୟତେ ନାନୃତମ୍"** ପରିଣାମରେ ସତ୍ୟର ଜୟ ସୁନିଶ୍ଚିତ । ଆପଦ-ବିପଦର ସମ୍ମୁଖୀନ ହେବାକୁ ପଡ଼ିଲେ ମଧ୍ୟ, ସତ୍ୟ ଓ ନ୍ୟାୟପଥରୁ ବିଚ୍ୟୁତହେବା କଦାପି ଉଚିତ ନୁହେଁ । ନ୍ୟାୟପଥରେ ପରିଚାଳିତ ହେଲେ ଦୟାଳୁ ଈଶ୍ୱର ନିଶ୍ଚୟ ଦିନେ ନା ଦିନେ ସୁଖ ପ୍ରଦାନ କରିଥାନ୍ତି ।

ପ୍ର :- କେବଳ ଇହଜନ୍ମରେ କର୍ମଫଳ ଭୋଗିବାକୁ ପଡ଼େ ନା ଜନ୍ମ ଜନ୍ମାନ୍ତରରେ ମଧ୍ୟ ଭୋଗିବାକୁ ହୋଇଥାଏ ?

ଉ :- ସମସ୍ତ କର୍ମଫଳ ଇହଜନ୍ମରେ ଭୋଗିବାକୁ ପଡ଼େନାହିଁ । ତାପାଇଁ କେତୋଟି ଜନ୍ମ ଗ୍ରହଣ କରିବାକୁ ପଡ଼େ । ଫଳରେ କେତେପ୍ରକାର ଅନୁଭୂତି ଜାତ ହୋଇଥାଏ । ଗୋଟିଏ ଜନ୍ମରେ ସେସବୁ ଅନୁଭୂତି ଜାତହେବା କଦାପି ସମ୍ଭବପର ନୁହେଁ ।

ପ୍ର :- ପୂର୍ବଜନ୍ମକଥା କାହାରି ମନେପଡ଼େ ନାହିଁ । ତେଣୁ ଜନ୍ମାନ୍ତର ଥିବାର ପ୍ରମାଣ କ'ଣ ?

ଉ :- ପୂର୍ବଜନ୍ମକଥା ମନେ ପଡୁନଥିବାରୁ ଜନ୍ମାନ୍ତର ନାହିଁ କହିବା ଯୁକ୍ତିଯୁକ୍ତ ନୁହେଁ । ଯଦି ଜଣକୁ ପଚରାଯାଏ, ପନ୍ଦରଦିନ ପୂର୍ବେ ତୁମେ କଣ ସବୁ ଖାଇଥିଲ ? ତେବେ ତାର ସଠିକ୍ ଉତ୍ତର ସେ ଦେଇପାରିବ ନାହିଁ । ଏଥିରୁ ଆମେ କଣ ବୁଝିବା ସେ କିଛି ଖାଇ ନ ଥିଲା । ତେବେ ଜୀବ ଅଳ୍ପଜ୍ଞ । ଯଦି ଜନ୍ମ ଜନ୍ମାନ୍ତରର ଘଟଣା ତାର ମନେ ରହନ୍ତା ତେବେ ମନୁଷ୍ୟ ଦୁଃଖୀ, କାତର, ଭୟଭୀତ ଓ ସନ୍ଦେହୀ ହୋଇପଡ଼ନ୍ତା । ଫଳରେ ଇହ ଜନ୍ମର କର୍ମଗୁଡ଼ିକୁ ସେ ସୁଚାରୁରୂପେ ସଂପାଦନ କରିପାରନ୍ତା ନାହିଁ । ଦେଖିବାକୁ ଗଲେ :- ଦୁନିଆଁରେ କେତେକଲୋକ ସୁଖ-ଶାନ୍ତି ଭୋଗକରି ନିଶ୍ଚିନ୍ତରେ ରହିଛନ୍ତି, ପୁଣି ତାର ବିପରୀତ ହଜାର ହଜାର ସଂଖ୍ୟାରେ ଦୀନ-ଦୁଃଖୀ ଲୋକ ରହିଛନ୍ତି, ଯେଉଁମାନେକି ପେଟପୂରା ମୁଠିଏ ଖାଇବାକୁ ମଧ୍ୟ ପାଉନାହାନ୍ତି । କେତେକ ଛୋଟା, କଣା, ମୂକ, ବଧିର ଅଛନ୍ତି ଯେଉଁମାନଙ୍କ ଦୁଃଖର ସୀମା ନାହିଁ । ସମସ୍ତେ ମନୁଷ୍ୟ ପୁଣି ସମସ୍ତେ ପରମେଶ୍ୱରଙ୍କ ସନ୍ତାନ ସନ୍ତତି, ତେବେ ଏପରି ତାରତମ୍ୟ କାହିଁକି ଦେଖିବାକୁ ମିଳୁଛି ? ଗଭୀରଭାବେ ଅନୁଧ୍ୟାନ କଲେ ଜାଣିପାରିବା, ଏସବୁର ଏକମାତ୍ର କାରଣ ହେଉଛି ପୂର୍ବ ଜନ୍ମକୃତ୍ ସୁକୃତ ଓ ଦୁଷ୍କୃତର ଫଳ । କେତେକ ବାଳକ ବାଳିକା ବାଲ୍ୟବୟସରେ କବି, ଗାୟକ, ବିଦ୍ୱାନ୍ ହେବାର ଦେଖାଯାଇଥାଏ । ଏହାର କାରଣ ମଧ୍ୟ ପୂର୍ବ ଜନ୍ମର ସଂସ୍କାର । ପୂର୍ବଜନ୍ମକୁ ଯଦି ସ୍ୱୀକାର କରାନଯାଏ ତେବେ ଈଶ୍ୱରଙ୍କ ପ୍ରତି ଅନ୍ୟାୟ ହେବ ଓ ସେ ପକ୍ଷପାତ ଦୋଷରେ ଦୋଷୀ ସାବ୍ୟସ୍ତ ହେବେ । ଅନେକସ୍ଥଳରେ ଦେଖିବାକୁ ମିଳିଛି, କେତେକ ବାଳକ ନିଜ ନିଜ ପୂର୍ବଜନ୍ମର ଘଟଣାକୁ ମନେ ପକାଇଥାନ୍ତି, ସେଗୁଡ଼ିକୁ ଯାଞ୍ଚ କଲାପରେ ତାହା ସତ୍ୟ ବୋଲି



ପ୍ରତିପାଦିତ ହୋଇଛି । ଏଇ କେତେ ବର୍ଷ ପୂର୍ବରୁ ଦିଲ୍ଲୀର ଶାନ୍ତି ନାମକ ଜଣେ ନଅବର୍ଷର ଝିଅ ତାର ପୂର୍ବ ଜନ୍ମର ଆଶ୍ଚର୍ଯ୍ୟ ଜନକ ଘଟଣାମାନ ପ୍ରକାଶ କରିଥିଲା ପରେ ସେସବୁ ସତ୍ୟ ବୋଲି ସିଦ୍ଧ ହୋଇଥିଲା । ନିକଟ ଅତୀତର ଏକ ଘଟଣା, ବରେଲି ମୁସ୍ଲିମ୍ ପରିବାରର କରିମୁଲ୍ଲାହ ନାମକ ଜଣେ ପାଞ୍ଚବର୍ଷର ବାଳକ ଓ ମଧ୍ୟପ୍ରଦେଶ ଚତରପୁର ଗ୍ରାମର ସ୍ୱର୍ଣ୍ଣଲତା ନାମକ ଅନ୍ୟଜଣେ ଝିଅ ପୂର୍ବଜନ୍ମର ଯେଉଁ ଘଟଣାଗୁଡ଼ିକ ବର୍ଣ୍ଣନା କରିଥିଲେ ସେସବୁ ଅକ୍ଷରେ ଅକ୍ଷରେ ସତ୍ୟ ହୋଇଥିଲା । ଏସବୁ ସମ୍ବାଦପତ୍ରରେ ମଧ୍ୟ ପ୍ରକାଶ ପାଇଥିଲା ।

ପ୍ର :- ପୂର୍ବଜନ୍ମର କର୍ମଫଳ ନିଶ୍ଚିତରୂପେ ଯଦି ଭୋଗିବାକୁ ପଡ଼େ ତେବେ ତୀର୍ଥସ୍ଥଳୀକୁ ଯାଇ ପାପ ନାଶ କରିବାର ଯଥାର୍ଥତା କ'ଣ ଅଛି ?

ଉ :- ଗଙ୍ଗା, ଯମୁନା, ସରସ୍ୱତୀ, କାବେରୀ, ଗୋଦାବରୀ ପ୍ରଭୃତି ନଦୀରେ ସ୍ନାନକଲେ କିମ୍ବା ପୁରୀ, ଦ୍ୱାରିକା, ହରିଦ୍ୱାର, କନ୍ୟାକୁମାରୀ, ରାମେଶ୍ୱରମ୍ ପ୍ରଭୃତି ତୀର୍ଥସ୍ଥଳୀଗୁଡ଼ିକୁ ଯାତ୍ରାକଲେ, ପାପରଫଳ ସବୁ ନଷ୍ଟ ହୋଇଯାଏ, ଏସବୁ ବିଚାର ହେଉଛି ବେଦବିରୁଦ୍ଧ ଓ ଅବିବେକିତାର ପରିଚାୟକ । ସମସ୍ତଙ୍କୁ ଦିନେନାଦିନେ ପାପରଫଳ ଅବଶ୍ୟ ଭୋଗିବାକୁ ପଡ଼ିବ, ତାକୁ କେହି କେବେ ଅନ୍ୟଥା କରିପାରିବେ ନାହିଁ । ପାପଫଳକୁ ଭୋଗ ନ କରିବା ପର୍ଯ୍ୟନ୍ତ ମନୁଷ୍ୟ କେବେ ଶାନ୍ତିରେ ରହିପାରିବ ନାହିଁ । ସତ୍ୟ, କ୍ଷମା, ଇନ୍ଦ୍ରିୟନିଗ୍ରହ, ମନରପବିତ୍ରତା, ଅହିଂସା, ବ୍ରହ୍ମଚର୍ଯ୍ୟ, ଜୀବପ୍ରତି ଦୟା, ଏଗୁଡ଼ିକ ହେଉଛି ପ୍ରକୃତ ତୀର୍ଥ । ଯେଣୁ ଏହାରି ସାହାଯ୍ୟରେ ମନୁଷ୍ୟ ସଂସାରରୂପକ ସାଗରକୁ ଅକ୍ଳେଶରେ ପାରି ହୋଇଥାଏ । ମହାଭାରତରେ କଥିତ ହୋଇଛି :-

**ସତ୍ୟଂ ତୀର୍ଥଂ କ୍ଷମା ତୀର୍ଥଂ, ତୀର୍ଥମିନ୍ଦ୍ରିୟନିଗ୍ରହଃ ।**
**ବ୍ରହ୍ମଚର୍ଯ୍ୟଂ ପରଂ ତୀର୍ଥଂ, ଅହିଂସା ତୀର୍ଥମୁଚ୍ୟତେ ।**
**ସର୍ବଭୂତଦୟା ତୀର୍ଥଂ, ତୀର୍ଥମାର୍ଜବମେବଚ୍ ।**
**ତୀର୍ଥାନାମୁତ୍ତମଂ ତୀର୍ଥଂ, ବିଶୁଦ୍ଧିର୍ମନସଃ ପୁନଃ ।**

ପଦ୍ମପୁରାଣ ଉତ୍ତରଖଣ୍ଡ ୨୩୭ ଅଧ୍ୟାୟରେ ମଧ୍ୟ ଠିକ୍ ଏପରି ଶ୍ଳୋକ

ଉଲ୍ଲେଖ କରାଯାଇଛି । ବର୍ଣ୍ଣିତ ସତ୍ୟ, ବ୍ରହ୍ମଚର୍ଯ୍ୟ, ଅହିଂସା, ହୃଦୟର ପବିତ୍ରତା ବ୍ୟତୀତ କେହି କେବେ ମୋକ୍ଷପାଇପାରିବ ନାହିଁ, କିମ୍ବା ଦୁଃଖରୁ ମଧ୍ୟ ଉଦ୍ଧାର ପାଇପାରିବ ନାହିଁ ।

ପ୍ର :- ବୈଦିକ ଧର୍ମର ଚତୁର୍ଥ ଶିକ୍ଷା କ'ଣ ?

ଉ :- ଶରୀର, ମନ ଓ ଆତ୍ମାର ଶକ୍ତିକୁ ସମଭାବରେ ବୃଦ୍ଧିକରିବାପାଇଁ ପ୍ରଯତ୍ନଶୀଳ ହେବା ଆବଶ୍ୟକ । ଏହା ବୈଦିକଧର୍ମର ଚତୁର୍ଥ ଶିକ୍ଷା । ଯାବତୀୟ ଶକ୍ତିକୁ ବୃଦ୍ଧିକରିବାପାଇଁ ସମସ୍ତେ ଯେପରି ଚେଷ୍ଟିତ ହେବେ, ତାପାଇଁ ବୈଦିକଧର୍ମ ଗୁରୁତ୍ୱ ଆରୋପ କରେ । ନିୟମିତ ବ୍ୟାୟାମ କଲେ ଶାରୀରିକଶକ୍ତି, ସତ୍‌ଶାସ୍ତ୍ର ଅଧ୍ୟୟନ ଓ ମନନଦ୍ୱାରା ମାନସିକ ଶକ୍ତି ଯୋଗାଭ୍ୟାସ ଓ ଈଶ୍ୱର ପ୍ରଣିଧାନଦ୍ୱାରା ଆତ୍ମିକଶକ୍ତି ବୃଦ୍ଧିହୁଏ । ଯୋଗେଶ୍ୱର ଶ୍ରୀକୃଷ୍ଣ ଭଗବାନ୍ ଶ୍ରୀରାମଚନ୍ଦ୍ର, ମହର୍ଷି ଦୟାନନ୍ଦ ସରସ୍ୱତୀ ପ୍ରଭୃତି ମହାପୁରୁଷମାନଙ୍କ ଆଦର୍ଶକୁ ଲକ୍ଷ୍ୟରେ ରଖି ନିଜର ବିକାଶ ପାଇଁ ଧ୍ୟାନଦେବା ଏକାନ୍ତ ଆବଶ୍ୟକ ।

ପ୍ର :- ବୈଦିକଧର୍ମର ପଞ୍ଚମ ଶିକ୍ଷା କ'ଣ ?

ଉ :- ବୈଦିକଧର୍ମ ପଞ୍ଚମରେ ଶିକ୍ଷା ଦିଏ :- ଯଜ୍ଞଭାବନା ଜାତକରି ତାକୁ ଉତ୍ତରୋତ୍ତର ବୃଦ୍ଧିକର । ବେଦରେ କୁହାଯାଇଛି :-

**ଯଜ୍ଞେନ ଯଜ୍ଞମୟଜନ୍ତ ଦେବାଃ** (ଯଜୁ ୩୧-୧୧)

ଧାର୍ମିକ ଓ ବିଦ୍ୱାନ୍ ଲୋକମାନେ ଯଜ୍ଞଦ୍ୱାରା ଈଶ୍ୱରଙ୍କୁ ଲାଭ କରିଥାନ୍ତି ।

ପ୍ର :- ଯଜ୍ଞ କାହାକୁ କହନ୍ତି ?

ଉ :- ଯଜ୍ ଧାତୁରୁ ଯଜ୍ଞ ଶବ୍ଦ ନିଷ୍ପନ୍ନ । ତାର ଅର୍ଥ ଦେବପୂଜା, ସଙ୍ଗତୀକରଣ ଓ ଦାନ । ଦେବପୂଜା :- ଧାର୍ମିକ, ସତ୍ୟନିଷ୍ଠ, ବିଦ୍ୱାନ୍‌ମାନଙ୍କୁ ଆଦର କରିବା ଓ ଈଶ୍ୱରଙ୍କୁ ପୂଜାକରିବା । ସଙ୍ଗତୀକରଣ :- ଏକତା, ବା ସମସ୍ତେ ମିଳିମିଶି ଉତ୍ତମରୁ ଉତ୍ତମକାମକରିବା, ଯାଫଳରେ ସମସ୍ତଙ୍କ ଉନ୍ନତି ହେବ । ଦାନ:- ଦୀନଦୁଃଖୀ, ଅସହାୟ, ଅସମର୍ଥ ଲୋକଙ୍କୁ ଓ ସାମାଜିକ କଲ୍ୟାଣକର ଅନୁଷ୍ଠାନକୁ ଯଥାଶକ୍ତି



ଅର୍ଥସାହାଯ୍ୟ କରିବା । ଯଜ୍ଞଦ୍ୱାରା ଜ୍ୟେଷ୍ଠଙ୍କ ପୂଜା, ସମସ୍କନ୍ଧଙ୍କ ସହିତ ସଙ୍ଗତିକରଣ ଓ କନିଷ୍ଠଙ୍କୁ ଦାନ ଏପରି ସମସ୍ତଙ୍କ ସହିତ ମନୁଷ୍ୟର ଯଥୋଚିତ କର୍ତ୍ତବ୍ୟ ଯଜ୍ଞଶବ୍ଦରେ ପର୍ଯ୍ୟବେଶିତ । ବ୍ରାହ୍ମଣ ଗ୍ରନ୍ଥରେ କୁହାଯାଇଛି "ଯଜ୍ଞୋ ବୈ ଶ୍ରେଷ୍ଠତମଂ କର୍ମ ।" ପୌର୍ଣ୍ଣମାସ (ପୂର୍ଣ୍ଣିମା) ଦିବସର ଶୁଭାନୁଷ୍ଠାନଠାରୁ ଆରମ୍ଭକରି ଅଶ୍ୱମେଧ (ରାଷ୍ଟ୍ରର କଲ୍ୟାଣ) ପର୍ଯ୍ୟନ୍ତ ସମସ୍ତ ପରୋପକାର କର୍ମକୁ ଯଜ୍ଞ କହନ୍ତି ।

--- ୦୦୦ ---

## ଅଷ୍ଟମପାଠ

## (ପଞ୍ଚ ମହାଯଜ୍ଞ, ସଂସ୍କାର୍ ଓ ପର୍ବ)

ପ୍ର :- ମହାଯଜ୍ଞ କ'ଣ ?

ଉ :- ମନୁଷ୍ୟର ଦୈନନ୍ଦିନ ଜୀବନରେ ନାନାବିଧ କର୍ତ୍ତବ୍ୟ ରହିଛି । ସେହି ଦୈନିକ କର୍ତ୍ତବ୍ୟକୁ ଶାସ୍ତ୍ରରେ "ମହାଯଜ୍ଞ" ବୋଲି କୁହାଯାଇଛି ।

ପ୍ର :- ପଞ୍ଚ ମହାଯଜ୍ଞ କ'ଣ ?

ଉ :- ୧- ବ୍ରହ୍ମଯଜ୍ଞ, ୨- ଦେବଯଜ୍ଞ, ୩- ପିତୃଯଜ୍ଞ, ୪- ବଳିବୈଶ୍ୱଦେବ, ବା ଭୂତଯଜ୍ଞ, ୫- ନୃଯଜ୍ଞ ବା ଅତିଥିଯଜ୍ଞ । ପ୍ରତ୍ୟେକ ଗୃହସ୍ଥ ପ୍ରତିଦିନ ଏହି ପଞ୍ଚମହାଯଜ୍ଞ କରିବେ । ବ୍ରହ୍ମଚାରୀମାନଙ୍କୁ ବ୍ରହ୍ମଯଜ୍ଞ ଓ ଦେବଯଜ୍ଞ କରିବାକୁ ହେବ ।

ପ୍ର :- ବ୍ରହ୍ମଯଜ୍ଞ କାହାକୁ କହନ୍ତି ?

ଉ :- ବ୍ରାହ୍ମ ମୁହୂର୍ତ୍ତରେ ଶଯ୍ୟା ତ୍ୟାଗକରି , ସନ୍ଧ୍ୟୋପାସନା ଓ ସ୍ୱାଧ୍ୟାୟ କରିବା ବ୍ରହ୍ମଯଜ୍ଞ ଅଟେ । ପ୍ରତ୍ୟେକ ସ୍ତ୍ରୀ-ପୁରୁଷ ପ୍ରତିଦିନ ପ୍ରାତଃ ଓ ସାୟଂକାଳରେ ନିଷ୍ଚୟ ସନ୍ଧ୍ୟୋପାସନା କରିବେ । ପ୍ରତିଦିନ କିଛି ସମୟ ଧାର୍ମିକଗ୍ରନ୍ଥ ଅଧ୍ୟୟନ କରି ଓ ସଦ୍‌ଜ୍ଞାନ ଅର୍ଜନ କରି କାର୍ଯ୍ୟରେ ପରିଣତ କରିବାପାଇଁ ଯତ୍ନଶୀଳ ହେବେ ।

ପ୍ର :- ବ୍ରହ୍ମଯଜ୍ଞଦ୍ୱାରା ଲାଭ କ'ଣ ହୁଏ ?

ଉ :- ସନ୍ଧ୍ୟା କରିବାଦ୍ୱାରା ମନ ଶାନ୍ତ ଓ ପବିତ୍ର ହୁଏ, ମନୁଷ୍ୟ ଅଭିମାନଶୂନ୍ୟ ହୁଏ । ତାର ଆତ୍ମିକଶକ୍ତି ବଢ଼ିଯାଏ । ଈଶ୍ୱରଙ୍କ ପ୍ରତି ପୂର୍ଣ୍ଣବିଶ୍ୱାସ ଥିବାରୁ ଯେତେ ବଡ଼

ଆପଦ-ବିପଦର ସମ୍ମୁଖୀନ ହେଲେ ମଧ୍ୟ ମନୁଷ୍ୟ ବିଚଳିତ ହୁଏ ନାହିଁ । ସଦ୍‌ଗ୍ରନ୍ଥ ଅଧ୍ୟୟନ ଓ ନିଜ ଜୀବନରୂପୀ ପୁସ୍ତିକାର, ତ୍ରୁଟିବିଚ୍ୟୁତିକୁ ଚିନ୍ତନ କରିବାଦ୍ୱାରା ହୃଦୟର କଳୁଷିତ ଭାବନା ଦୂର ହୁଏ । ଜୀବନକୁ ଶୁଦ୍ଧପୂତକରି ଗଠନ କରିବାରେ ସାହାଯ୍ୟ ମିଳେ । ବ୍ରହ୍ମଯଜ୍ଞଦ୍ୱାରା ପରମାତ୍ମାଙ୍କ ପ୍ରତି କୃତଜ୍ଞତା ଅର୍ପଣ କରାଯାଏ ।

ପ୍ର :- ଦେବଯଜ୍ଞ କାହାକୁ କହନ୍ତି ?

ଉ :- ହୋମ ବା ହବନକୁ ଦେବଯଜ୍ଞ କହନ୍ତି । ଚନ୍ଦନ,ଧୂପ, କର୍ପୂର ପ୍ରଭୃତି ସୁଗନ୍ଧିତ ପଦାର୍ଥର ସାମଗ୍ରୀ ପ୍ରସ୍ତୁତକରି ତାକୁ ଘିଅ ସହିତ ଅଗ୍ନିରେ ଆହୁତି ଦିଆଯାଏ । ସାଧାରଣତଃ ପ୍ରାତଃକାଳୀନ ପ୍ରାର୍ଥନାପରେ ଅଗ୍ନିହୋତ୍ର ବା ହୋମ କରାଯାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ହବନ ହେବା ଏକାନ୍ତ ଆବଶ୍ୟକ ।

ପ୍ର :- ହୋମଦ୍ୱାରା ଲାଭ କଣ ହୁଏ ? ଘୃତ ପ୍ରଭୃତି ମୂଲ୍ୟବାନ୍ ଜିନିଷକୁ ଏପରି ନଷ୍ଟ କରିବା ଉଚିତ କି ?

ଉ :- ଅଗ୍ନିହୋତ୍ର (ହୋମ) ଦ୍ୱାରା ଜଳ-ବାୟୁ ଶୁଦ୍ଧ ହୁଏ । ହୋମକୁଣ୍ଡରେ ସାମଗ୍ରୀ ଦେବାଦ୍ୱାରା ସୁଗନ୍ଧି ବିସ୍ତାରିତ ହୁଏ, ଯାବତୀୟ ଦୁର୍ଗନ୍ଧ ଦୂରହୁଏ । ରୋଗ ଉତ୍ପନ୍ନ କରଥିବା କୀଟାଣୁକୁ ନାଶକରିବା ଜିନିଷ ସାମଗ୍ରୀରେ ଥାଏ, ତାହା ନିଆଁରେ ଜଳି ଅଣୁ-ପରମାଣୁରେ ପରିଣତ ହୋଇ ବାୟୁମଣ୍ଡଳରେ ମିଶ୍ରଣ ହୁଏ, ସେହି ବାୟୁ ଶ୍ୱାସ-ପ୍ରଶ୍ୱାସଦ୍ୱାରା ଶରୀର ଭିତରକୁ ଯାଇ ବିଷାକ୍ତ କୀଟାଣୁକୁ ନଷ୍ଟ କରିଦିଏ । ତେଣୁ ହବନରେ ପ୍ରଦତ୍ତ ଘିଅ ନଷ୍ଟ ନ ହୋଇ, ନିଜର ଓ ଅନ୍ୟମାନଙ୍କର ହିତ ସାଧନ କରେ । ପ୍ରତ୍ୟେକ ବ୍ୟକ୍ତି ବିଧିବିଧାନ ଅନୁଯାୟୀ ସକାଳେ ଓ ସନ୍ଧ୍ୟାରେ ଘରେ ଯଦି ହବନ କରନ୍ତେ ତେବେ ଜନସାଧାରଣ ସୁସ୍ଥସବଳ ରହି ନୀରୋଗ ଜୀବନ ଯାପନ କରନ୍ତେ । ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ ସମସ୍ତେ ହବନ କରି ଜଗତର କଲ୍ୟାଣ କରିବା ଏକାନ୍ତ ଆବଶ୍ୟକ ।

ପ୍ର :- ବଳିବୈଶ୍ୱଦେବ ଯଜ୍ଞ କାହାକୁ କହନ୍ତି ? ତଦ୍ଦ୍ୱାରା ଲାଭ କଣ ହୁଏ ?

ଉ :- ମନୁଷ୍ୟ ଅମୃତର ସନ୍ତାନ । ଜଗତରେ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ କୃତି ହେଉଛି



ମନୁଷ୍ୟ ସମାଜ । ତେଣୁ ସେ ସମସ୍ତ ଦୁର୍ବଳ ପ୍ରାଣୀମାନଙ୍କର ଅଭିଭାବକ । ଅହଂଭାବ ନ ରଖି ଯଥାସମ୍ଭବ ସେମାନଙ୍କୁ ଅନ୍ନପାନାଦି ଦେବା ମନୁଷ୍ୟର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ । ବଳିର ଅର୍ଥ ଭାଗ ବା ଅଂଶ । ସିଦ୍ଧ ହୋଇଥିବା ଖାଦ୍ୟଦ୍ରବ୍ୟର କିଛି ଅଂଶ ନିଜେ ଭୋଜନ କରିବାପୂର୍ବରୁ ଦୀନ, ଦରିଦ୍ର, ଅସହାୟ ବ୍ୟକ୍ତିଙ୍କୁ ଅର୍ପଣ କରିବା ବଳିବୈଶ୍ୱଦେବ ଅର୍ଥାତ ଭୂତଯଜ୍ଞ ଅଟେ । ମନୁଷ୍ୟର ଉପାର୍ଜିତ ପଦାର୍ଥରେ ଦୁର୍ବଳ, ନିର୍ଦ୍ଧନ, ଅସହାୟବ୍ୟକ୍ତି ଓ ପଶୁପକ୍ଷୀଙ୍କର ମଧ୍ୟ ଭାଗ ରହିଛି । ଏହା ଅବଗତ ହେବାପାଇଁ ବଳିବୈଶ୍ୱ ଦେବଯଜ୍ଞର ବିଧାନ ରହିଛି ।

ପ୍ର :- ପିତୃଯଜ୍ଞ କାହାକୁ କହନ୍ତି, ତଦ୍ଦ୍ୱାରା କ'ଣ ଲାଭ ହୁଏ ?

ଉ :- ଧାର୍ମିକ, ବିଦ୍ୱାନ୍, ଋଷି, ମହର୍ଷି, ପିତା-ମାତା, ଆଚାର୍ଯ୍ୟ ପ୍ରଭୃତି ଗୁରୁଜନମାନଙ୍କୁ ସେମାନଙ୍କ ଜୀବିତାବସ୍ଥାରେ ପୂଜା କରିବାରନାମ ପିତୃଯଜ୍ଞ । ଏହାକୁ "ଶ୍ରାଦ୍ଧ ଓ ତର୍ପଣ" ଏପରି ଦୁଇଭାଗରେ ବିଭକ୍ତ କରାଯାଇଛି । ଜୀବିତ ଦେବ, ଋଷି, ପିତରଙ୍କୁ ଶ୍ରଦ୍ଧାପୂର୍ବକ ଆଦର, ସମ୍ମାନ ଓ ସେବା ଶୁଶ୍ରୂଷାକରିବା ଶ୍ରାଦ୍ଧ ଅଟେ । ସେମାନଙ୍କୁ ତୃପ୍ତ ଓ ପ୍ରସନ୍ନ କରିବା ତର୍ପଣ ଅଟେ ।

ପ୍ର :- କେତେ ପ୍ରକାର ପିତର ଅଛନ୍ତି ?

ଉ :- ପିତର, ର ଅର୍ଥ ରକ୍ଷକ । ଶାସ୍ତ୍ରରେ ସାଧାରଣତଃ ପାଞ୍ଚପ୍ରକାର ବ୍ୟକ୍ତିଙ୍କୁ ପିତର କୁହାଯାଏ । ଯଥା :-

**ଜନିତା ଚୋପନେତା ଚ ଯସ୍ତୁ ବିଦ୍ୟାଂ ପ୍ରୟଚ୍ଛତି ।**
**ଅନ୍ନଦାତା ଭୟତ୍ରାତା ପଞ୍ଚୈତେ ପିତରଃସ୍ମୃତାଃ ॥**

(ଚାଣକ୍ୟ ନୀତି ୫-୨୨)

ଅର୍ଥାତ୍ ପିତା, ଆଚାର୍ଯ୍ୟ, ବିଦ୍ୟାଶିକ୍ଷା ଦେଇଥିବା ଅଧ୍ୟାପକ, ଅନ୍ନଦାତା, ଭୟରୁ ରକ୍ଷାକର୍ତ୍ତା....ଏହି ପାଞ୍ଚଜଣଙ୍କୁ ପିତର କୁହାଯାଏ ।

ପ୍ର :- ପିତୃଯଜ୍ଞ ଓ ଶ୍ରାଦ୍ଧ, ଏକ ଅଟେ ନା ପୃଥକ୍ ପୃଥକ୍ ମୃତ ପିତରଙ୍କ ତୃପ୍ତିପାଇଁଶ୍ରାଦ୍ଧକରିବା ବେଦସମ୍ମତ କି ?

ଉ :- ପିତୃଯଜ୍ଞ ଓ ଶ୍ରାଦ୍ଧ ଏକାର୍ଥ ବାଚକ "ଶ୍ରଦ୍ଧା ଓ ଭକ୍ତିର ସହିତ ପିତା, ମାତା ତଥା ଗୁରୁଜନଙ୍କ ସେବାକୁ ଶ୍ରାଦ୍ଧ କୁହାଯାଏ ।" ପ୍ରତିଦିନ ଶ୍ରାଦ୍ଧ କରାଯାଏ । ମୃତ ପିତରଙ୍କ ତୃପ୍ତିବିଧାନପାଇଁ ବର୍ଷମଧ୍ୟରେ କେବଳ ପନ୍ଦର, ଷୋହଳ ଦିନ ଶ୍ରାଦ୍ଧ କରିବା, ବ୍ରାହ୍ମଣଙ୍କୁ ଭୋଜନ ଦେବାଦ୍ୱାରା ତା ପିତରଙ୍କ ନିକଟରେ ପହଞ୍ଚିବା ନତୁବା ସେମାନେ ଭୋକରେ ରହିବେ, ଏପରି ବିଚାରି ବ୍ରାହ୍ମଣମାନଙ୍କୁ ଭୋଜନଦେବା ଯେପରି ଭ୍ରମପୂର୍ଣ୍ଣ ସେପରି ବେଦବିରୁଦ୍ଧ ମଧ୍ୟ । ନିଜନିଜର କର୍ମଫଳ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଭୋଗିବାକୁ ପଡ଼େ । ବ୍ରାହ୍ମଣମାନଙ୍କ ଉଦର କଦାପି ଲେଟର୍‌ବକ୍ସ୍ ନୁହେଁ, ଯାଫଳରେ ସେମାନଙ୍କୁ ପ୍ରଦତ୍ତ ଭୋଜନ ପିତରଙ୍କ ନିକଟକୁ ପହଞ୍ଚାଇ ଦେବ ।

ପ୍ର :- ଅତିଥିଯଜ୍ଞ କାହାକୁ କହନ୍ତି ।

ଉ :- ଯେଉଁ ସାଧୁ, ସନ୍ଥ, ମହାତ୍ମା-ମହାପୁରୁଷ, ସମାଜସେବୀ ଓ ପରୋପକାରୀ ବ୍ୟକ୍ତି ମାନବସମାଜର ସେବା ଓ କଲ୍ୟାଣ ନିମିତ୍ତ ପରିବ୍ରାଜକରୂପେ ଭ୍ରମଣ କରୁକରୁ ଆକସ୍ମିକ ଭାବରେ କୌଣସି ଗୃହରେ ପହଞ୍ଚିଯାଆନ୍ତି, ସେମାନଙ୍କୁ ଅତିଥି କହନ୍ତି । ସେମାନଙ୍କ ଆଗମନର ତିଥିବାର ନିର୍ଦ୍ଦିଷ୍ଟ ନଥାଏ । ସମାଗତ ବ୍ୟକ୍ତିଙ୍କୁ ଭୋଜନାଦି ଦେଇ ସେବା କରି ସେମାନଙ୍କଠାରୁ ସଦ୍‌ଜ୍ଞାନ ଗ୍ରହଣ କରିବା ପ୍ରତ୍ୟେକ ଗୃହସ୍ଥଙ୍କ ପରମ କର୍ତ୍ତବ୍ୟ । ଏହାକୁ ଅତିଥିଯଜ୍ଞ କହନ୍ତି ।

ପ୍ର :- ଶାସ୍ତ୍ରରେ କେତୋଟି ସଂସ୍କାରର ବିଧାନ ଅଛି, ସେଗୁଡ଼ିକର ଉଦ୍ଦେଶ୍ୟ କ'ଣ ?

ଉ :- ମୁନିଋଷିମାନେ ଗବେଷଣାକରି ଶ୍ରେଷ୍ଠମନୁଷ୍ୟ ନିର୍ମାଣପାଇଁ ଯେଉଁ ପ୍ରଣାଳୀ ଆବିଷ୍କାର କରିଥିଲେ, ତାହାର ନାମ ସଂସ୍କାର । ମାତୃଗର୍ଭରୁ ଆରମ୍ଭ କରି ଶରୀରର ବୃଦ୍ଧି, ହ୍ରାସ ଓ ଶେଷରେ ଦେହତ୍ୟାଗ ପର୍ଯ୍ୟନ୍ତ ଷୋହଳଟି ସଂସ୍କାରର ବିଧାନ ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି । ସଂସ୍କାରଗୁଡ଼ିକ ମନୁଷ୍ୟର ଶାରୀରିକ, ମାନସିକ, ଆତ୍ମିକ ବଳ ସଂପାଦନ କରିଥାନ୍ତି ।

ପ୍ର :- ଷୋହଳଟି ସଂସ୍କାରର ନାମ କ'ଣ ? କେଉଁ ସମୟରେ ସେଗୁଡ଼ିକ କରାଯାଏ ?

ଉ :- ଷୋହଳ ସଂସ୍କାର ନାମ :-



**୧- ଗର୍ଭାଧାନ ସଂସ୍କାର :-** ପୁରୁଷ ଅନ୍ୟୁନ ୨୫ ଓ ସ୍ତ୍ରୀ ଷୋହଳ ବର୍ଷ ବୟସରେ ବିବାହ ପରେ ସନ୍ତାନ ପ୍ରାପ୍ତି ଉଦ୍ଦେଶ୍ୟରେ ଏ ସଂସ୍କାର କରାଯାଏ ।

**୨- ପୁଂସବନ ସଂସ୍କାର :-** ଗର୍ଭାଧାନର ଦ୍ୱିତୀୟ ବା ତୃତୀୟ ମାସରେ ।

**୩ -ସୀମନ୍ତୋନ୍ନୟନ ସଂସ୍କାର :-** ଗର୍ଭାଧାନର ଚତୁର୍ଥ, ଷଷ୍ଠ ବା ଅଷ୍ଟମ ମାସରେ ।

**୪- ଜାତକର୍ମ ସଂସ୍କାର :-** ଶିଶୁ ଜନ୍ମଗ୍ରହଣ କଲାପରେ ।

**୫- ନାମକରଣ ସଂସ୍କାର :-** ଜନ୍ମର ୧୧ଦିନ, ୧୦୧ଦିନ କିମ୍ବା ଦ୍ୱିତୀୟ ବର୍ଷର ପ୍ରଥମ ଦିନରେ ।

**୬- ନିଷ୍କ୍ରମଣ ସଂସ୍କାର :-** ଜନ୍ମର ଚ଼ତୁର୍ଥମାସରେ ।

**୭- ଅନ୍ନପ୍ରାଶନ ସଂସ୍କାର :-** ଜନ୍ମର ଷଷ୍ଠମାସରେ ।

**୮- ଚୂଡ଼ାକର୍ମ ସଂସ୍କାର :-** ପ୍ରଥମବର୍ଷ ବା ତୃତୀୟ ବର୍ଷରେ ।

**୯- କର୍ଣ୍ଣବେଧ ସଂସ୍କାର :-** ତୃତୀୟ ବା ପଞ୍ଚମ ବର୍ଷ ବୟସରେ ।

**୧୦- ଉପନୟନ ସଂସ୍କାର :-** ଜନ୍ମର ଆଠବର୍ଷରୁ ବାରବର୍ଷ ମଧ୍ୟରେ ।

**୧୧- ବେଦାରମ୍ଭ ସଂସ୍କାର :-** ଆଠରୁ ବାରବର୍ଷ ମଧ୍ୟରେ ।

**୧୨- ସମାବର୍ତ୍ତନ ସଂସ୍କାର :-** ସାଧାରଣତଃ ପଚିଶବର୍ଷ ବୟସରେ ।

**୧୩- ବିବାହ ସଂସ୍କାର :-** ଅନ୍ୟୁନ ପୁରୁଷର ପଚିଶ ଓ କନ୍ୟାର ଷୋହଳବର୍ଷ ବୟସରେ ।

**୧୪- ବାନପ୍ରସ୍ଥ ସଂସ୍କାର :-** ପୁତ୍ରର, ପୁତ୍ର ଅର୍ଥାତ୍ ପୌତ୍ର ଲାଭ କଲାପରେ ପଚାଶବର୍ଷ ବୟସ ପରେ ।

**୧୫ - ସନ୍ନ୍ୟାସ ସଂସ୍କାର :-** ବୈରାଗ୍ୟ ଭାବନା ସୁଦୃଢ଼ ହେବାପରେ କିମ୍ବା ପଞ୍ଚସ୍ତରି ବର୍ଷ ବୟସରେ ।

**୧୬- ଅନ୍ତ୍ୟେଷ୍ଟି ସଂସ୍କାର :-** ମୃତ୍ୟୁବରଣ କଲାପରେ ।

ପ୍ର :- ଆଜିକାଲି ସଂସ୍କାର ସମ୍ବନ୍ଧୀୟ ପ୍ରାମାଣିକ ପୁସ୍ତକ କାହାକୁ କୁହାଯିବ ?

ଉ :- ଉପର୍ଯ୍ୟୁକ୍ତ ଷୋହଳ ସଂସ୍କାର ସମ୍ବନ୍ଧୀୟ ପ୍ରାମାଣିକ ପୁସ୍ତକ ହେଉଛି , "ସଂସ୍କାରବିଧି" ।

ବେଦ, ବ୍ରାହ୍ମଣ, ଗୃହ୍ୟସୂତ୍ରାଦିକୁ ଆଧାରକରି ଜନସାଧାରଣଙ୍କ କଲ୍ୟାଣପାଇଁ ମହର୍ଷି ଦୟାନନ୍ଦ ସରସ୍ୱତୀ ଏହି ପୁସ୍ତକ ପ୍ରଣୟନ କରିଥିଲେ ।

ପ୍ର :- ଆର୍ଯ୍ୟମାନେ ପର୍ବପର୍ବାଣି ପାଳନ କରନ୍ତି କି ? ଯଦି କରନ୍ତି କେଉଁ କେଉଁ ପର୍ବ ଓ କାହିଁକି ପାଳନ କରନ୍ତି ?

ଉ :- "ପର୍ବ୍ପୂରଣେ" ଧାତୁରୁ ପର୍ବ ଶବ୍ଦ ନିଷ୍ପନ୍ନ । ଏହାର ଅର୍ଥ ପୂରୟତି ଜନାନ୍ ଆନନ୍ଦେନ । ଅର୍ଥାତ୍ ଯାହା ଲୋକଙ୍କୁ ଆନନ୍ଦରେ ପରିପୂର୍ଣ୍ଣ କରେ । ଏଣୁ ଆର୍ଯ୍ୟମାନେ ମନୋରଞ୍ଜନ ଓ ମହାପୁରୁଷମାନଙ୍କୁ ସ୍ମରଣକରିବା ପାଇଁ ପର୍ବଗୁଡ଼ିକ ଉତ୍ସାହର ସହିତ ପାଳନ କରିବା ଉଚିତ । ଆର୍ଯ୍ୟ ପର୍ବ ପର୍ବାଣି ମଧ୍ୟରେ ନବସମ୍ବତ୍ସରୋତ୍ସବ, ଶ୍ରୀରାମ, ନବମୀ, ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବିଜୟା ଦଶମୀ, ମହର୍ଷି ଦୟାନନ୍ଦ ବୋଧରାତ୍ରି (ଶିବରାତ୍ରି)ଋଷି ନିର୍ବାଣୋତ୍ସବ (ଦୀପାବଳୀ) ପଣ୍ଡିତ ଲେଖରାମ ତୃତୀୟ, ବସନ୍ତପଞ୍ଚମୀ, ସୀତାଷ୍ଟମୀ, ଶ୍ରାବଣୀ ଉପାକର୍ମ (ଏହା ହାଇଦ୍ରାବାଦ ଆର୍ଯ୍ୟସତ୍ୟାଗ୍ରହ ସ୍ମାରକୀ ଦିବସରୂପେ ଗତ ୧୯୩୯ ମସିହାରୁ ପାଳନ କରାଯାଉଛି) ମକର ସଂକ୍ରାନ୍ତି, ପ୍ରଭୃତି ବିଶେଷ ଉଲ୍ଲେଖନୀୟ ଅଟେ । ଦିଲ୍ଲୀ, ସାର୍ବଦେଶିକ ସଭାଦ୍ୱାରା ପ୍ରକାଶିତ । "ଆର୍ଯ୍ୟପର୍ବ ପଦ୍ଧତି" ନାମକ ପୁସ୍ତକରେ ଏସବୁର ବିସ୍ତୃତ ବିବରଣୀ ଦେଖିବାକୁ ମିଳେ ।

--- ooo ---

# ତୃତୀୟ ଭାଗ

## ନବମ ପାଠ

### (ଆର୍ଯ୍ୟସମାଜର୍ ଦଶ ନିୟମ)

ପ୍ର :- ଆର୍ଯ୍ୟ କାହାକୁ କହନ୍ତି ?

ଉ :- କର୍ତ୍ତବ୍ୟ ପରାୟଣ, ପରୋପକାରୀ, ସଦାଚାରୀ, ସତ୍ୟବାଦୀ, ବିନୟୀ, କର୍ମଠ ବ୍ୟକ୍ତିଙ୍କୁ ଆର୍ଯ୍ୟ କହନ୍ତି । ଆର୍ଯ୍ୟ ଜାତିବାଚକ ନୁହେଁ, ଏହା ହେଉଛି ଏକ ଗୁଣବାଚକ ଶବ୍ଦ । ଯେଉଁମାନେ ଉକ୍ତଗୁଣଗୁଡ଼ିକର ଅଧିକାରୀ ସେମାନେ ଯେ କୌଣସି ସ୍ଥଳର ଓ



କାଳର ବ୍ୟକ୍ତି ହୁଅନ୍ତୁ ନା କାହିଁକି ସେମାନେ ଆର୍ଯ୍ୟ ନାମଧେୟ । ବଶିଷ୍ଠ ସ୍ମୃତିରେ କୁହାଯାଇଛି :-

**"କର୍ତ୍ତବ୍ୟମାଚରନ୍ କାର୍ଯ୍ୟମ୍ ଅକର୍ତ୍ତବ୍ୟମନାଚରନ୍ ।**
**ତିଷ୍ଠତି ପ୍ରକୃତାଚାରେ ସ ତୁ ଆର୍ଯ୍ୟ ଇତି ସ୍ମୃତଃ ॥"**

ଅର୍ଥାତ୍ ଯେ ସର୍ବଦା କର୍ତ୍ତବ୍ୟ ସାଧନ କରନ୍ତି, ଦୁଷ୍କର୍ମରୁ ଦୂରେଇ ରହନ୍ତି, ସେପରି ସଦାଚାରୀ ବ୍ୟକ୍ତିଙ୍କୁ ଆର୍ଯ୍ୟ କହନ୍ତି । ଶବ୍ଦ କଳ୍ପଦ୍ରୁମ "ବାଚସ୍ପତ୍ୟ ବୃହଦଭିଧାନ" ଆଦି ସଂସ୍କୃତର ପ୍ରସିଦ୍ଧ ଅଭିଧାନରେ ଆର୍ଯ୍ୟଶବ୍ଦର ଅର୍ଥ - ପୂଜ୍ୟଃ, ଶ୍ରେଷ୍ଠଃ, ମାନ୍ୟଃ, ଉଦାରଚରିତଃ, ଶାନ୍ତଚିତ୍ତଃ, ନ୍ୟାୟପଥାବଲମ୍ବୀ, ସତତକର୍ତ୍ତବ୍ୟ, କର୍ମାନୁଷ୍ଠାତା, ଧାର୍ମିକ, ଧର୍ମଶୀଳଃ ବୋଲି ଉଲ୍ଲେଖ କରାଯାଇଛି ।

ପ୍ର :- ସମାଜ ଶବ୍ଦର ଅର୍ଥ କ'ଣ ?

ଉ :- ସମାଜ ଶବ୍ଦର ଅର୍ଥ ସମୂହ । ଯାହାକି ସମ୍ - ଆ-ଅଜ, ଅର୍ଥାତ୍ ଯେଉଁମାନେ ମିଳିମିଶି ଚତୁର୍ଦ୍ଦିଗରୁ ପ୍ରଗତିଶୀଳ ହୋଇଥାନ୍ତି, ତଥା କୁରୀତିନୀତିକୁ ଦୂରକରିବାପାଇଁ ପ୍ରଯତ୍ନଶୀଳ ଅଟନ୍ତି । ଏହିପରି ଆର୍ଯ୍ୟଙ୍କ ସମୂହକୁ ଆର୍ଯ୍ୟସମାଜ ନାମରେ ଅଭିହିତ କରାଯିଏ । ଆର୍ଯ୍ୟସମାଜ ସର୍ବଦା ସଦ୍‌ଗୁଣର ପ୍ରଚାର ଓ ଦୁର୍ଗୁଣ ତଥା କୁରୀତିନୀତିର ଦୂରୀକରଣପାଇଁ ପ୍ରୟାସ କରିଆସୁଛି ।

ପ୍ର :- ଆର୍ଯ୍ୟସମାଜ ସ୍ଥାପନ କିଏ ଓ କେବେ କରିଥିଲେ ?

ଉ :- ବୈଦିକଧର୍ମର ପ୍ରଚାର ପ୍ରସାର ଓ ଜନସମାଜର ଉପକାର ପାଇଁ ମହର୍ଷି ଦୟାନନ୍ଦ ସରସ୍ୱତୀ ସର୍ବପ୍ରଥମେ ମୁମ୍ବେଇ ନଗରୀରେ ତା :-୭-୪-୧୮୭୫ ରିଖରେ ଆର୍ଯ୍ୟସମାଜ ସ୍ଥାପନ କରିଥିଲେ ।

ପ୍ର :- ଆର୍ଯ୍ୟସମାଜର ଦଶନିୟମ କ'ଣ କ'ଣ ?

ଉ :- ୧- (ଆର୍ଯ୍ୟ ସମାଜର ଦଶ ନିୟମ)

୧ :- ସମସ୍ତ ସତ୍ୟବିଦ୍ୟା ଓ ଯାହାସବୁ ପଦାର୍ଥବିଦ୍ୟାଦ୍ୱାରା ଜଣାଯାଏ, ସେ ସବୁର ଆଦିମୂଳ ପରମେଶ୍ୱର ଅଟନ୍ତି ।

୨ :- ଈଶ୍ୱର ସଚ୍ଚିଦାନନ୍ଦ ସ୍ୱରୂପ, ନିରାକାର, ସର୍ବଶକ୍ତିମାନ୍, ନ୍ୟାୟକାରୀ, ଦୟାଳୁ, ଅଜନ୍ମା, ଅନନ୍ତ, ନିର୍ବିକାର, ଅନାଦି, ଅନୁପମ, ସର୍ବାଧାର ସର୍ବେଶ୍ୱର, ସର୍ବବ୍ୟାପକ, ସର୍ବାନ୍ତର୍ଯ୍ୟାମୀ, ଅଜର, ଅମର, ଅଭୟ, ନିତ୍ୟ, ପବିତ୍ର ଓ ସୃଷ୍ଟିକର୍ତ୍ତା ଅଟନ୍ତି । ତାଙ୍କୁହିଁ ଉପାସନା କରିବା ଉଚିତ ।

୩ :- ବେଦ ହେଉଛି ସମସ୍ତ ସତ୍ୟ ବିଦ୍ୟାର ଗ୍ରନ୍ଥ । ବେଦକୁ ପଢ଼ିବା, ପଢ଼ାଇବା ଓ ଶୁଣିବା ଶୁଣାଇବା ପ୍ରତ୍ୟେକ ଆର୍ଯ୍ୟଙ୍କର ପରମ ଧର୍ମ ଅଟେ ।

୪ :- ସତ୍ୟକୁ ଗ୍ରହଣ କରିବା ଓ ଅସତ୍ୟକୁ ତ୍ୟାଗ କରିବା ପାଇଁ ସର୍ବଦା ଉଦ୍ୟମଶୀଳ ହେବା ଆବଶ୍ୟକ ।

୫ :- ସମସ୍ତ କାର୍ଯ୍ୟ ଧର୍ମାନୁସାରେ ଅର୍ଥାତ୍ ସତ୍ୟ ଓ ଅସତ୍ୟକୁ ବିଚାର କରି କରିବା ଉଚିତ ।

୬ :- ସଂସାରର ଉପକାର କରିବା ଅର୍ଥାତ୍ ଶାରୀରିକ, ଆତ୍ମିକ ଓ ସାମାଜିକ ଉନ୍ନତି ସାଧନ କରିବା ହେଉଛି ଆର୍ଯ୍ୟସମାଜର ମୁଖ୍ୟ ଉଦ୍ଦେଶ୍ୟ ।

୭ :- ସମସ୍ତଙ୍କ ସହିତ ପ୍ରୀତିପୂର୍ବକ ଧର୍ମାନୁସାରେ ଯଥାଯୋଗ୍ୟ ବ୍ୟବହାର କରିବା ଉଚିତ ।

୮ :- ଅବିଦ୍ୟାର ବିନାଶ ଓ ବିଦ୍ୟାର ବୃଦ୍ଧି ପାଇଁ ଯତ୍ନଶୀଳ ହେବା ଆବଶ୍ୟକ ।

୯ :- ପ୍ରତ୍ୟେକ ବ୍ୟକ୍ତି କେବଳ ନିଜ ଉନ୍ନତିରେ ସନ୍ତୁଷ୍ଟ ନ ରହି, ପ୍ରତ୍ୟେକଙ୍କର ଉନ୍ନତିରେ ହିଁ ନିଜର ଉନ୍ନତି ବୋଲି ମନେକରିବା ଆବଶ୍ୟକ ।

୧୦ :- ସମସ୍ତେ ସାମାଜିକ ସର୍ବହିତକାରୀ ନିୟମ ପାଳନରେ ପରତନ୍ତ୍ର ରହିବେ ଓ ପ୍ରତ୍ୟେକ ହିତକାରୀ ନିୟମ ପାଳନରେ ସ୍ୱତନ୍ତ୍ର ରହିବେ ।

--- ୦୦୦ ---



## ଦଶମ ପାଠ

## (ଆର୍ଯ୍ୟ ସମାଜର୍ ସଂସ୍ଥାପକ ମହର୍ଷି ଦୟାନନ୍ଦ ସରସ୍ୱତୀ)

ପ୍ର :- ଆର୍ଯ୍ୟସମାଜର ସଂସ୍ଥାପକ ମହର୍ଷି ଦୟାନନ୍ଦ ସରସ୍ୱତୀ କେବେ ଓ କେଉଁ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ ?

ଉ :- ଗୁଜୁରାଟ ପ୍ରଦେଶାନ୍ତର୍ଗତ ଟଙ୍କାରା ନାମକ ଗ୍ରାମରେ ସନ୍ ୧୮୨୪ ରେ ଦୟାନନ୍ଦ ଜନ୍ମଗ୍ରହଣ କରିଥିଲେ ।

ପ୍ର :- ତାଙ୍କ ବାଲ୍ୟକାଳର ନାମ କଣ ?

ଉ :- ତାଙ୍କ ବାଲ୍ୟକାଳର ନାମ ମୂଳଶଙ୍କର ଓ ଦୟାରାମ ଥିଲା ।

ପ୍ର :- ତାଙ୍କ ପିତା-ମାତାଙ୍କ ନାମ କ'ଣ ?

ଉ :- ତାଙ୍କ ପିତାଙ୍କ ନାମ କର୍ଷଣ ତିୱାରୀ ଓ ମାତାଙ୍କ ନାମ ଅମୃତବାଈ ଥିଲା ।

ପ୍ର :- କର୍ଷଣ ତିୱାରୀ କି କାମ କରୁଥିଲେ ?

ଉ :- କର୍ଷଣ ତିୱାରୀ ବଡ଼ ଜମିଦାର, ବେଙ୍କର୍ ତଥା ମୌରବୀରାଜ୍ୟର ଜଣେ ଅଧିକାରୀ ଥିଲେ ।

ପ୍ର :- ମୂଳଶଙ୍କରଙ୍କ ହୃଦୟରେ କେବେ ଜ୍ଞାନୋଦୟ ହେଲା ? ସେ କେଉଁ ଦିନରୁ ମୂର୍ତ୍ତିପୂଜାପ୍ରତି ବୀତସ୍ପୃହ ହୋଇ ପଡ଼ିଲେ ?

ଉ :- ମୂଳଶଙ୍କରଙ୍କ ବୟସ ଚଉଦବର୍ଷ "ସେ ଦିନ ଥାଏ ଶିବରାତ୍ରି" ଶିବଭକ୍ତପିତା ପୁଅକୁ ନିର୍ଜଳା ଉପବାସରେ ରହି ଓ ଉଜାଗରରେ ରାତ୍ରି ଅତିବାହିତ କଲେ ମନସ୍କାମନା ପୂର୍ଣ୍ଣହେବ ବୋଲି ହୃଦ୍‌ବୋଧ କରାଇଥିଲେ । ସେ ଦିନ ସନ୍ଧ୍ୟାରେ ପୁଅକୁ ମନ୍ଦିରକୁ ନେଇଗଲେ । ରାତ୍ରି ଅଧିକ ହେବାରୁ ଭକ୍ତମାନେ ଜଣ ଜଣ କରି ସମସ୍ତେ ଶୋଇପଡ଼ିଲେ ।ଏପରିକି ତାଙ୍କ ପିତାମଧ୍ୟ ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେଲେ । ମୂଳଶଙ୍କରଙ୍କୁ ନିଦମାଡ଼ିଲା, କିନ୍ତୁ ସେ ଉଜାଗରରେ ରହିବାପାଇଁ ପ୍ରତିଜ୍ଞା କରିଥିଲେ । ଆଖିକୁ ପଣିଛିଟିକାମାରି ନିର୍ନିମେଷ ନୟନରେ ଚାହିଁ ରହିଲେ । ସାମାନ୍ୟ ମୂଷାଟିଏ ଆସି ଶିବଲିଙ୍ଗ ଉପରେ ଚଢ଼ି ଭୋଗରାଗ ଖାଇବାରେ ଲାଗିଲା, ମଳମୂତ୍ର ତ୍ୟାଗକଲା ।

ମହାଦେବ କାହିଁକି ପ୍ରତିକାର କରୁନାହାନ୍ତି ? ବାଳକର ସରଳ ତରଳ ହୃଦୟରେ ଶଙ୍କା ଜାତ ହେଲା । ମହାଦେବ ମହାପ୍ରତାପୀ ତ୍ରିପୁରାଦି ରାକ୍ଷସସମାନଙ୍କୁ ତ୍ରିଶୂଳରେ ମାରିଛନ୍ତି । ସାମାନ୍ୟ ମୂଷାଗୋଟିକୁ ସେ ବାଧାଦେଉନାହାନ୍ତି କାହିଁକି ? ତାର ସମାଧାନ କରିପାରିଲେ ନାହିଁ । ପିତାଙ୍କୁ ନିଦରୁ ଉଠାଇ କାରଣ ଜିଜ୍ଞାସା କଲେ । ପିତା ସମାଧାନ କରନ୍ତେ କ'ଣ, ଓଲଟି ପୁଅକୁ ଧମକଦେଲେ ଏପରି ଶଙ୍କା ତୁ କରୁଛୁ କାହିଁକି ? ପିତାଙ୍କ ନିକଟରୁ ନିରାଶ ହୋଇ, ସେ ମନେ ମନେ ପ୍ରତିଜ୍ଞା କଲେ, ଯେ ପର୍ଯ୍ୟନ୍ତ ପ୍ରକୃତ ମହାଦେବଙ୍କ ସନ୍ଧାନ ନ ପାଇବେ ସେ ପର୍ଯ୍ୟନ୍ତ ନିଶ୍ଚିନ୍ତରେ ବସି ରହିବେ ନାହିଁ । ସେହିଦିନରୁ ସରଳହୃଦୟ ବାଳକର ଚିତ୍ତ ମୂର୍ତ୍ତିପୂଜାପ୍ରତି ବିମୁଖ ହୋଇପଡ଼ିଲା ।

ପ୍ର :- ଅନ୍ୟ କେଉଁ ଘଟଣା ମୂଳଶଙ୍କରଙ୍କ ହୃଦୟରେ ବୈରାଗ୍ୟଭାବ ଜାତ କଲା ? ଯହା ଫଳରେ ବାଧ୍ୟହୋଇ ସେ ଗୃହତ୍ୟାଗ କଲେ ।

ଉ :-ସେତେବେଳେ ମୂଳଶଙ୍କରଙ୍କ ବୟସ ଚଉଦ କିମ୍ବା ପନ୍ଦର । ତାଙ୍କର ଛୋଟ ଭଉଣୀ ହଠାତ୍ ହଇଜାରେ ଅକ୍ରାନ୍ତ ହୋଇପଡ଼ିଲେ । ବିଭିନ୍ନ ଔଷଧ କରାଗଲା, କିନ୍ତୁ ସେ ଭଲ ହେଲେ ନାହିଁ । ସମସ୍ତ ମାୟା ମମତାକୁ ତ୍ୟାଗ କରି ସେ ପରଲୋକ ଗମନ କଲେ । ସମସ୍ତେ ବିକଳରେ କ୍ରନ୍ଦନ କରିବାରେ ଲାଗିଲେ, ଛାଟିପିଟି ହେଲେ । କିନ୍ତୁ ମୂଳଶଙ୍କର ଘରକୋଣରେ ଛିଡ଼ାହୋଇ "ଭୟାବହ ମୃତ୍ୟୁବକଳରୁ କିପରି ରକ୍ଷାମିଳିବ" ସେହିଚିନ୍ତାରେ ମଗ୍ନହୋଇ ରହିଲେ । ଠିକ୍ ତାର ଦୁଇବର୍ଷପରେ, ଯେଉଁ ପିତୃବ୍ୟ ତାଙ୍କୁ ଅତି ସ୍ନେହ କରୁଥିଲେ, ତାଙ୍କର ମଧ୍ୟ ମୃତ୍ୟୁହେଲା । ଏଥିରେ ତାଙ୍କର ବୈରାଗ୍ୟଭାବନା ସୁଦୃଢ଼ ହୋଇଗଲା । ମୃତ୍ୟୁ କବଳରୁ କିପରି ରକ୍ଷାପାଇବେ, କିପରି ଅମର ହେବେ ସେହି ଚିନ୍ତା ତାଙ୍କୁ ଗୃହତ୍ୟାଗ କରିବାକୁ ବାଧ୍ୟକଲା ।

ପ୍ର :- ମୂଳଶଙ୍କର କେବେ, କାହାଠାରୁ ସନ୍ନ୍ୟାସ ଦୀକ୍ଷା ନେଲେ ? ସେତେବେଳେ ତାନ ନାମ କ'ଣ ରଖାଗଲା ?

ଉ :- ମୂଳଶଙ୍କର ପ୍ରାୟ ଚବିଶବର୍ଷ ବୟସରେ, ସ୍ୱାମୀ ପୂର୍ଣ୍ଣନନ୍ଦ ସରସ୍ୱତୀ ନାମକ ଜଣେ ବିଦ୍ୱାନ୍ ସନ୍ନ୍ୟାସୀଙ୍କଠାରୁ ସନ୍ନ୍ୟାସ ଦୀକ୍ଷା ନେଇଥିଲେ । ଦୀକ୍ଷା ନେବାପରେ ତାଙ୍କ ନାମ "ଦୟାନନ୍ଦ ସରସ୍ୱତୀ" ରଖାଗଲା ।



ପ୍ର :- ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଗୁରୁ କିଏ ଥିଲେ ? ଯାହାଙ୍କର ଆଶୀର୍ବାଦ ଲାଭକରି ସେ ବୈଦିକଧର୍ମର ବିଜୟବାନା ସର୍ବତ୍ର ଉଡ଼ାଇଥିଲେ ?

ଉ :- ମଥୁରା ନିବାସୀ ପୂଜ୍ୟ ସ୍ୱାମୀ ବିରଜାନନ୍ଦ ଥିଲେ ସ୍ୱାମୀ ଦୟାନନ୍ଦଙ୍କ ଶିକ୍ଷାଗୁରୁ । ଦୟାନନ୍ଦ ତାଙ୍କଠାରୁ ବେଦ-ବେଦାଙ୍ଗଗୁଡ଼ିକ ବିଶେଷଭାବେ ଶିକ୍ଷା କରିଥିଲେ । ସବୁଦିନପାଇଁ ତୁମେ ବେଦର ପ୍ରଚାର-ପ୍ରସାର କର, ଆର୍ଷଗ୍ରନ୍ଥ ପାଠକରି ସନ୍ମାର୍ଗରେ ପରିଚାଳିତ ହେବାପାଇଁ ଲୋକଙ୍କୁ ପ୍ରେରଣା ଦିଅ, ସମାଜରୁ ବେଦବିରୁଦ୍ଧ, କୁରୀତିନୀତିର ଯେପରି ମୂଳୋତ୍ପାଟନ ହେବ, ତାପାଇଁ ପ୍ରତିଜ୍ଞାବଦ୍ଧ ହୁଅ । ଏସବୁ ଗୁରୁଦକ୍ଷିଣାରୂପେ ଦେବାପାଇଁ ବିରଜାନନ୍ଦ ଦୟାନନ୍ଦଙ୍କୁ ପ୍ରବର୍ତ୍ତାଇଥିଲେ ।

ପ୍ର :- ମହର୍ଷି ଦୟାନନ୍ଦ ଅଧ୍ୟୟନ ଶେଷକରି, ବୈଦିକ ଧର୍ମର ପ୍ରଚାର ଓ ସମାଜ ସଂସ୍କାରପାଇଁ କି କି ପଦକ୍ଷେପ ନେଇଥିଲେ ?

ଉ :- ସେ କାଶୀ ନଗରୀରେ ପ୍ରସିଦ୍ଧ ପୌରାଣିକ ପଣ୍ଡିତମାନଙ୍କ ସହିତ ମୂର୍ତ୍ତିପୂଜା ବିଷୟରେ ଶାସ୍ତ୍ରାର୍ଥ କରି ବେଦମତ ହିଁ ଯଥାର୍ଥ ବୋଲି ପ୍ରତିପାଦନ କରିଥିଲେ । ବିଭିନ୍ନ ସ୍ଥାନ ପଦବ୍ରଜରେ ପରିଭ୍ରମଣ କରି, ପ୍ରସିଦ୍ଧ କୁମ୍ଭମେଳାରେ ବୈଦିକ ଧର୍ମ ସଂପର୍କରେ ଜ୍ୱାଳାମୟୀ ଭାଷଣ ଦେଇଥିଲେ । ଜନତା ଜନାର୍ଦ୍ଦନ ଅଧିକାଧିକଭାବେ ବୈଦିକ ବାଙ୍ମୟ ସହିତ ଯେପରି ପରିଚିତ ହେବେ ତାକୁ ଲକ୍ଷ୍ୟରେ ରଖି ଅନେକ ଉପାଦେୟ ପୁସ୍ତକ ପ୍ରଣୟନ କରିଥିଲେ । ସେଗୁଡ଼ିକ ମଧ୍ୟରେ ପ୍ରସିଦ୍ଧ ପୁସ୍ତକ ହେଉଛି :-

୧- ସଂସ୍କୃତ ଭାଷାରେ ସଂପୂର୍ଣ୍ଣ ଯଜୁର୍ବେଦର ବ୍ୟାଖ୍ୟା । ପଣ୍ଡିତମାନେ ପରେ ହିନ୍ଦୀ ଭାଷାରେ ତାକୁ ଅନୁବାଦ କରିଛନ୍ତି ।

୨- ଋଗ୍‌ବେଦର ଛଅମଣ୍ଡଳ ୬୨ ସୂକ୍ତ ପର୍ଯ୍ୟନ୍ତ ସଂସ୍କୃତରେ ଭାଷ୍ୟ ।

୩- ବୈଦିକ ପ୍ରାର୍ଥନା ସମ୍ବଳିତ ପୁସ୍ତକ **"ଆର୍ଯ୍ୟାଭିବିନୟ"** ।

୪ - ସତ୍ୟାର୍ଥ ପ୍ରକାଶ ।

୫- ଋଗ୍ ବେଦାଦି ଭାଷ୍ୟ ଭୂମିକା ।

୬- ସଂସ୍କାର ବିଧି ।

୭- "ଭ୍ରମୋଚ୍ଛେଦନ" "ବେଦବିରୁଦ୍ଧ ମତ ଖଣ୍ଡନ" ପ୍ରଭୃତି କେତେକ କ୍ଷୁଦ୍ରପୁସ୍ତିକା ।

୮- ଜୀବ ସୁରକ୍ଷା ଓ ମାଂସ ଭକ୍ଷଣ ନିଷେଧ ଉଦ୍ଦେଶ୍ୟରେ "ଗୋକରୁଣାନିଧି" । ଏହି ପୁସ୍ତକ ମାଧ୍ୟମରେ ଭାରତରେ "ଗୋ-ହତ୍ୟା"କୁ ବେଆଇନ୍ କରିବାପାଇଁ ଲକ୍ଷ ଲକ୍ଷ ଲୋକଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବୀପତ୍ର ମହାରାଣୀ ଭିକ୍ଟୋରିଆଙ୍କ ନିକଟକୁ ପଠାଇ ଉଚ୍ଚ ପ୍ରଶଂସିତ ହୋଇଥିଲେ ।

ସଂସ୍କୃତ ଭାଷାର ପ୍ରଚାର କ୍ଷିପ୍ରଗତିରେ ଯେପରି ହେବ, ତାପାଇଁ ବହୁ ସ୍ଥାନରେ "ସଂସ୍କୃତ ପାଠାଶାଳା" ମାନ ସ୍ଥାପନ କରିଥିଲେ । ଅନାଥ ବାଳକ ବାଳିକାଙ୍କ ରକ୍ଷଣାବେକ୍ଷଣ ପାଇଁ ଫିରୋଜପୁରରେ ଏକ ଅନାଥାଳୟ ମଧ୍ୟ ସ୍ଥାପନ କରିଥିଲେ । ଜଡ଼ ମୂର୍ତ୍ତିପୂଜା, ଜନ୍ମଗତଜାତି, ବାଲ୍ୟବିବାହ, ମୃତ୍ୟୁ ପରବର୍ତ୍ତୀ ଶ୍ରାଦ୍ଧତର୍ପଣ, ପାପ ଦୂର କରିବାପାଇଁ ତୀର୍ଥଯାତ୍ରା, ଯୁବତୀ ବିଧବା ଆଜୀବନ ଅବିବାହିତ ହୋଇ ରହିବା, ଲୋକଙ୍କୁ ଅସ୍ପୃଶ୍ୟମନେ କରିବା ଏ ପ୍ରଥାଗୁଡ଼ିକର ବିରୁଦ୍ଧରେ ସେ ଘୋର ସଂଗ୍ରାମ କରିଥିଲେ । ଚତୁର୍ବର୍ଣ୍ଣ ଓ ଚତୁରାଶ୍ରମର ନୀତିନିୟମ ଲୋକଙ୍କ ଆଗରେ ସୁନ୍ଦରଭାବେ ଉପସ୍ଥାପନ କରିଥିଲେ । ବ୍ରହ୍ମଚର୍ଯ୍ୟର ମହିମା ସଂପର୍କରେ ଜନସାଧାରଣ ଯେପରି ଅବଗତ ହେବେ ତାପାଇଁ ଅମରଗ୍ରନ୍ଥ ସତ୍ୟାର୍ଥ ପ୍ରକାଶରେ ଗୁରୁକୁଳ ଶିକ୍ଷାର ଆଦର୍ଶ ବିଶଦ୍‌ଭାବରେ ବର୍ଣ୍ଣନା କରିଥିଲେ । ସେ ଗତ ଶତାବ୍ଦୀରେ ମଧ୍ୟ ହିନ୍ଦୀକୁ ରାଷ୍ଟ୍ର ଭାଷାର ମାନ୍ୟତା ଦେବାପାଇଁ ସର୍ବାପେକ୍ଷା ଅଧିକ ଗୁରୁତ୍ୱ ଦେଇଥିଲେ ।

ପ୍ର :- ଧର୍ମ ପ୍ରଚାର କାଳରେ ମହର୍ଷି କେଉଁସବୁ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ?

ଉ:- ବୈଦିକ ଧର୍ମର ପ୍ରଚାର ପ୍ରସାର ପାଇଁ ଦୟାନନ୍ଦଙ୍କୁ ଅନେକ ସ୍ଥାନରେ ବହୁକଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ସ୍ୱାର୍ଥପରାୟଣ, ଧର୍ମାନ୍ଧ ଅସହିଷ୍ଣୁ ବ୍ୟକ୍ତିମାନେ ତାଙ୍କ ପ୍ରତି ଅନେକଥର ବିଷ ପ୍ରୟୋଗ କରିଥିଲେ । ତାଙ୍କ ଶରୀର ଉପରେ ଇଟା, ପଥର, କାଦୁଅ, ଗୋବର ପ୍ରଭୃତି ଅନେକଥର ଫିଙ୍ଗିଥିଲେ ଓ ସେପରି କରିବାପାଇଁ ଅନ୍ୟଲୋକମାନଙ୍କୁ ମଧ୍ୟ ପ୍ରେରଣା ଦେଇଥିଲେ । ମହର୍ଷିଙ୍କୁ ଅପମାନିତ, ଲାଞ୍ଛିତ କରିବା ପାଇଁ ବହୁ ପ୍ରୟାସ କରିଥିଲେ । ଏପରି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ମଧ୍ୟ ସେ କେବେ ଧର୍ମପ୍ରଚାର କାର୍ଯ୍ୟରେ ଅବହେଳା କରି ନ ଥିଲେ । ଅପକାରୀ ଲୋକଙ୍କ କ୍ଷତି ସାଧନ କରିବାପାଇଁ ଭୁଲ୍‌ରେ ସୁଦ୍ଧା ମନରେ କେବେ ସେ ବିଚାର କରି ନ ଥିଲେ ।



ପ୍ର :- ଧାର୍ମିକ ଓ ସାମାଜିକ ସଂସ୍କାର ବ୍ୟତୀତ ମହର୍ଷି ଦୟାନନ୍ଦ ରାଜନୀତିକୁ ସୁଧାରିବାପାଇଁ କୌଣସି ପଦକ୍ଷେପ ନେଇ ନ ଥିଲେ କି ?

ଉ :- ମହର୍ଷି ଦୟାନନ୍ଦ ସରସ୍ୱତୀ ବେଦକୁ ପାଥେୟ କରି ରାଜଧର୍ମ ଓ ପ୍ରଜାଧର୍ମ ସଂପର୍କରେ ଅତି ପ୍ରାଞ୍ଜଳଭାବେ ବୁଝାଇ ଦେଇଛନ୍ତି । ସ୍ୱରାଜ୍ୟ ଶବ୍ଦର କେତେ ଅଧିକ ଗୁରୁତ୍ୱ ଅଛି ସେ ସଂପର୍କରେ ସତ୍ୟାର୍ଥ ପ୍ରକାଶର ଅଷ୍ଟମ ସମୁଲ୍ଲାସରେ କହିଛନ୍ତି - "ଯିଏ ଯାହା କହୁ ବା ଯାହା କିଛି ହେଉନା କାହିଁକି ସ୍ୱଦେଶୀ ରାଜ୍ୟ ହିଁ ସର୍ବୋତ୍ତମ ଅଟେ । ଅନ୍ୟ ପକ୍ଷରେ ମତମତାନ୍ତର ପ୍ରତି ଆଗ୍ରହ ରହିତ, ନିଜ ଓ ପରପ୍ରତି ପକ୍ଷପାତ ଶୂନ୍ୟ ପ୍ରଜାମାନଙ୍କ ପ୍ରତି ପିତା-ମାତା ସଦୃଶ ଦୟାଳୁ ତଥା ନ୍ୟାୟ ଓ ଦୟାପରବଶ ହେଲେ ସୁଦ୍ଧା ବିଦେଶୀ ଶାସନ କଦାପି ପୂର୍ଣ୍ଣରୂପେ ସୁଖଦାୟକ ହୋଇପାରେ ନାହିଁ "।

ସେପରି ସତ୍ୟାର୍ଥ ପ୍ରକାଶର ଏକାଦଶ ସମୁଲ୍ଲାସରେ ସ୍ୱଦେଶୀ ବସ୍ତ୍ର ପରିଧାନ କରିବାପାଇଁ ଅଧିକ ଗୁରୁତ୍ୱ ଆରୋପ କରିଥିଲେ । ଦେଶକୁ ଶାସନ କରୁଥିବା ରାଜାମାନଙ୍କୁ ସୁଧାରିବାପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ । ସ୍ୱାବଲମ୍ବନଶୀଳ ହେବାପାଇଁ ଜନସାଧାରଣଙ୍କୁ ପ୍ରେରଣାଦାନ କରୁଥିଲେ । ଆର୍ଯ୍ୟସମାଜର ଉପନିୟମରେ ସେ ଯେତେଦୂର ସମ୍ଭବ ନ୍ୟାୟାଳୟର ଦ୍ୱାରସ୍ଥ ନ ହୋଇ ନିଜ ନିଜ ମଧ୍ୟରେ ଥିବା ସମସ୍ୟାଗୁଡ଼ିକୁ ସମାଧାନ କରିବାପାଇଁ ଆର୍ଯ୍ୟମାନଙ୍କୁ ସତ୍‌ପରାମର୍ଶ ଦେଇଥିଲେ ।

ପ୍ର :- ମହର୍ଷି ଦୟାନନ୍ଦଙ୍କ ମୃତ୍ୟୁ କେବେ ଓ କିପରି ହୋଇଥିଲା ?

ଉ :- ମହର୍ଷି ଦୟାନନ୍ଦଙ୍କ ମୃତ୍ୟୁ ୧୮୮୩ ମସିହା ଅକ୍ଟୋବର ମାସ ତିରିଷ ତାରିଖ ଦୀପାବଳୀ ଦିନ ରାଜସ୍ଥାନର ଅଜମେର୍‌ରେ ହୋଇଥିଲା । ମୃତ୍ୟୁର କାରଣ ସଂପର୍କରେ ଶୁଣାଯାଏ ଯେ, ଯୋଧପୁର ରାଜାଙ୍କ ନନ୍‌ହୀଜାନ୍ ନାମକ ଜଣେ ବେଶ୍ୟା ସହିତ ସଂପର୍କଥିଲା । ଥରେ ସେହି ରାଜାଙ୍କ ଘରେ ଦୟାନନ୍ଦ ଅତିଥିରୂପେ ଅବସ୍ଥାନ କରିଥିଲେ । ରାଜାଙ୍କ କୁକର୍ମ ସଂପର୍କରେ ସନ୍ଧାନପାଇ ତହିଁରୁ ନିବୃତ୍ତ ହେବାପାଇଁ ରାଜାଙ୍କୁ ଧମକଚମକ ଦେଇଥିଲେ । ତେଣୁ ନନ୍‌ହୀଜାନ୍ ତାର ପ୍ରତିଶୋଧ ନେବାପାଇଁ ମହର୍ଷିଙ୍କ ସେବକ ଜଗନ୍ନାଥଙ୍କୁ ପ୍ରଲୋଭନ ଦେଖାଇବାରୁ, ସେ ଦୁଧରେ କାଚଗୁଣ୍ଡ ଗୋଳେଇ ମହର୍ଷିଙ୍କୁ ପିଇବାପାଇଁ ଦେଇଥିଲା । ଫଳରେ ତାଙ୍କ ଦେହସାରା ବ୍ରଣ, ଫୋଟକା ହୋଇଗଲା । ତେଣୁ ସେ ପରିଣାମରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁପର୍ଯ୍ୟନ୍ତ ଯେ ବେଦମନ୍ତ୍ରରେ ଭକ୍ତିଗଦ୍‌ଗଦ୍ ଚିତ୍ତରେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ । ଅନ୍ତିମକାଳରେ **"ହେ ଈଶ୍ୱର ! ତୁମରି ଇଚ୍ଛା ପୂର୍ଣ୍ଣ ହେଉ, କି ସୁନ୍ଦର ଲୀଳା କଲ"** ଏହା କହି ସହାସ୍ୟବଦନରେ ପ୍ରାଣତ୍ୟାଗ କରିଥିଲେ । ପଣ୍ଡିତ ଗୁରୁଦତ୍ତ ନାସ୍ତିକ ବିଚାରଧାରାର ଥିଲେ ମଧ୍ୟ ଏ ଅଦ୍ଭୁତ ଦୃଶ୍ୟ ଦେଖି ସେ ଖାଣ୍ଟି ଆସ୍ତିକ ପାଲଟି ଗଲେ । ନିଜ ଘାତକର ଜୀବନରକ୍ଷା ପାଇଁ ମହର୍ଷି ତା ପ୍ରତି ଦୟାଭାବ ପ୍ରଦର୍ଶନ କରିଥିଲେ । ଏପରି ଆଦର୍ଶ ପରୋପକାରୀ ଯୋଗୀବର ଦୟାନନ୍ଦଙ୍କ ଜୀବନଚରିତକୁ ପ୍ରତ୍ୟେକ ବାଳକ-ବାଳିକା, ନରନାରୀ, ପାଠକରି ସେହି ଆଦର୍ଶରେ ନିଜକୁ ଗଠନ କରିବାପାଇଁ ପ୍ରଯତ୍ନଶୀଳ ହେବା ଏକାନ୍ତ ଆବଶ୍ୟକ ।

--- ୦୦୦ ---



## ଏକାଦଶ -ପାଠ
## (ବିବିଧ ବିଷୟ ସଂପର୍କୀୟ)

ପ୍ର :- ଯୁଗ କେତୋଟି ଅଛି ? ସେଗୁଡ଼ିକର ନାମ କ'ଣ ?

ଉ :- ଯୁଗ ହେଉଛି ଚାରୋଟି । ଯଥା ସତ୍ୟ, ତ୍ରେତୟା, ଦ୍ୱାପର ଓ କଳିଯୁଗ ।

ପ୍ର :- ଯୁଗ ଗୁଡ଼ିକର ସମୟ କେତେ ବର୍ଷ ?

ଉ :- କଳିଯୁଗ ଚାରିଲକ୍ଷ ବତିଶ ହଜାର ବର୍ଷ । ଦ୍ୱାପର ତାର ଦୁଇଗୁଣ, ଅର୍ଥାତ୍ ଆଠଲକ୍ଷ ଚଉଷଠି ହଜାର ବର୍ଷ । କଳିର ତିନିଗୁଣ ତ୍ରେତୟା ଅର୍ଥାତ୍ ବାରଲକ୍ଷ ଛୟାନବେ ହଜାରବର୍ଷ । କଳିର ଚାରିଗୁଣ ସତ୍ୟଯୁଗ ଅର୍ଥାତ୍ ସତରଲକ୍ଷ ଅଠେଇଶ ହଜାର ବର୍ଷ ।

ପ୍ର :- ଚତୁର୍ଯୁଗୀ କାହାକୁ କହନ୍ତି ?

ଉ :- ଚାରିଯୁଗର ସମଷ୍ଟିକୁ ଗୋଟିଏ ଚତୁର୍ଯୁଗୀ ବୋଲି କହନ୍ତି । ତେୟାଳିଶ ଲକ୍ଷ କୋଡ଼ିଏ ହଜାର ବର୍ଷ ଗୋଟିଏ ଚତୁର୍ଯୁଗୀରେ ରହେ ।

ପ୍ର :- ଗୋଟିଏ ସୃଷ୍ଟିର ସମୟ କେତେ ?

ଉ :- ଏକହଜାର ଚତୁର୍ଯୁଗୀ ସହିତ ଗୋଟିଏ ସୃଷ୍ଟିକାଳ ସମାନ । ଅର୍ଥାତ୍ ଗୋଟିଏ ସୃଷ୍ଟିର ଆୟୁଷ ହେଉଛି "ଚାରିଶହ ବତିଶ କୋଟି ବର୍ଷ ।"

ପ୍ର :- ସୃଷ୍ଟି ପରବର୍ତ୍ତୀ ଅବସ୍ଥା କ'ଣ ?

ଉ :- ପ୍ରଳୟ ।

ପ୍ର :- ପ୍ରଳୟ କାହାକୁ କୁହାଯାଏ ?

ଉ :- ସୃଷ୍ଟିକୁ କାର୍ଯ୍ୟାବସ୍ଥା, ତଥା ପ୍ରଳୟକୁ କାରଣାବସ୍ଥା ବୋଲି କୁହାଯାଏ । ପ୍ରଳୟ କାଳରେ ପ୍ରକୃତି ଅଣୁ-ପରମାଣୁରେ ପରିଣତ ହୋଇ ଅବ୍ୟକ୍ତ ରୂପରେ ରହେ । ଜୀବଜଗତ୍ ଶରୀର ତ୍ୟାଗକରି ନିଷ୍କ୍ରିୟ ଅବସ୍ଥାରେ ରହନ୍ତି । ଦିନପରେ ରାତି ଓ ରାତିପରେ ଦିନ ଆସିବାପରି ପ୍ରଳୟପରେ ସୃଷ୍ଟି ଆସେ ।

ପ୍ର :- ମନୁଷ୍ୟ ସୃଷ୍ଟି ପ୍ରାରମ୍ଭରେ କେଉଁ ଅବସ୍ଥାରେ ଜନ୍ମଲାଭ କରେ ?

ଉ :- ଅମୈଥୁନୀ ସୃଷ୍ଟିରୁ ପ୍ରାରମ୍ଭ । ସେତେବେଳେ ସ୍ତ୍ରୀ ଓ ପୁରୁଷଙ୍କ ସଙ୍ଗମରୁ ମନୁଷ୍ୟ ଜାତ ହୁଅନ୍ତି ନାହିଁ । ସୃଷ୍ଟି ପ୍ରାରମ୍ଭରେ ଅନେକ ସ୍ତ୍ରୀ ଓ ପୁରୁଷ ଜାତ ହୁଅନ୍ତି । ଶିଶୁ ଅବସ୍ଥାରେ ଜାତହେଲେ ସେମାନଙ୍କ ଲାଳନ ପାଳନ ସମ୍ଭବ ହୁଅନ୍ତା ନାହିଁ ।

ପ୍ର :- ଯଜ୍ଞ ପ୍ରାରମ୍ଭରେ ସ୍ତୁତି, ପ୍ରାର୍ଥନା, ଉପାସନା କରାଯାଏ । ତାର ଅର୍ଥ କଣ ?

ଉ :- ପରମେଶ୍ୱରଙ୍କ ଗୁଣଗାନ କରି ତଦନୁସାରେ ନିଜ ଗୁଣ-କର୍ମକୁ ସଂଶୋଧନ କରିବାହିଁ **'ସ୍ତୁତି'** । ହୃଦୟରୁ ଗର୍ବ, ଅଭିମାନକୁ ଦୂରକରି ଉତ୍ତମ ଜିନିଷ ଲାଭପାଇଁ ଈଶ୍ୱରଙ୍କ ସାହାଯ୍ୟ କାମନା କରିବା **'ପ୍ରାର୍ଥନା'** । ଶରୀରକୁ ସୁସ୍ଥ-ସବଳ ରଖିବାପାଇଁ ଭୋଜନ, ବ୍ୟାୟମ ପ୍ରଭୃତି ଯେପରି ଆବଶ୍ୟକ, ସେହିପରି ଆତ୍ମଶୁଦ୍ଧି ନିମିତ୍ତ ପ୍ରାର୍ଥନା ମଧ୍ୟ ଏକାନ୍ତ ଆବଶ୍ୟକ । ଅନ୍ତଃକରଣରେ ପରମପିତା ପରମେଶ୍ୱରଙ୍କ ଉପଲବ୍ଧିକୁ **"ଉପାସନା"** କହନ୍ତି । ଉପାସନାଦ୍ୱାରା ଭକ୍ତ ଈଶ୍ୱରଙ୍କ ସମୀପବର୍ତ୍ତୀ ହୁଏ । ଶୀତାର୍ତ୍ତ ବ୍ୟକ୍ତି ଅଗ୍ନିନିକଟକୁ ଯାଇ ସୁଖଲାଭ କଲାପରି ଜୀବାତ୍ମା ପରମାତ୍ମାଙ୍କ ସାନ୍ନିଧ୍ୟରେ ଆସି ଆନନ୍ଦ ଉପଭୋଗକରେ ।

ପ୍ର :- ପ୍ରାର୍ଥନାର ଆବଶ୍ୟକତା କ'ଣ ଅଛି ?

ଉ :- ପ୍ରାର୍ଥନା ହେଉଛି ଆତ୍ମାର ଏକମାତ୍ର ବଳ । ସର୍ବଶକ୍ତିମାନ୍, ସର୍ବାନ୍ତର୍ଯ୍ୟାମୀ ଈଶ୍ୱରଙ୍କୁ ସ୍ମରଣକଲେ ଆତ୍ମା ସାମର୍ଥ୍ୟବାନ୍ ଓ ପବିତ୍ରତା ଲାଭକରେ । ଧନବଳ ଓ ଶସ୍ତ୍ରବଳଦ୍ୱାରା ଭୌତିକ ବିଜୟ ଲାଭକରାଯାଇପାରେ, କିନ୍ତୁ ମନୁଷ୍ୟର ଅନ୍ତର୍ନିହିତ ସୂକ୍ଷ୍ମ ବିକାରଗୁଡ଼ିକୁ ଜୟକରିବାକୁ ହେଲେ ପ୍ରାର୍ଥନା ହିଁ ଏକମାତ୍ର ସହାୟ । ପ୍ରାର୍ଥନା ଓ ଆତ୍ମନିରୀକ୍ଷଣ ଦ୍ୱାରା ଅହଙ୍କାର ଦୂର ହୁଏ । ଫଳରେ ଆତ୍ମା ବିକାଶଲାଭକରେ । ଆତ୍ମା ବିକଶିତ ହେଲେ ଘୃଣା, ଦ୍ୱେଷ, ଭୟ ଓ ଦୁର୍ବଳତା ଲୋପ ହୁଏ । ଅହଙ୍କାରର ବିନାଶରେ ଶ୍ରଦ୍ଧା, ମୈତ୍ରୀ, ପ୍ରୀତି ଓ କରୁଣା ଜାତହୁଏ ।

ପ୍ର :- ପଶୁବଳିର ବିଧାନ ବେଦରେ ଅଛି କି ?

ଉ :- ନାହିଁ । ମନୁଷ୍ୟର ହୃଦୟସ୍ଥିତ ପଶୁତ୍ୱକୁ ନାଶକରିବା ପାଇଁ ବେଦରେ ଉପଦେଶମାନ ଦିଆଯାଇଛି । ତାର ପ୍ରକୃତ ଅର୍ଥକୁ ନ ବୁଝି ବାମ ମାର୍ଗୀମାନେ ନିଜ



ଇନ୍ଦ୍ରିୟର ତୃପ୍ତି ବିଧାନପାଇଁ ପଶୁବଳିର ପ୍ରଥା ପ୍ରଚଳନ କଲେ । ବେଦରେ ଯଜ୍ଞର ବର୍ଣ୍ଣନା କରାଯାଇଛି । ଅଧ୍ୱର ହେଉଛି ଯଜ୍ଞର ଅନ୍ୟ ଏକ ନାମ । ଧ୍ୱର୍-ହିଂସାୟାମ୍, ନ-ନାହିଁ ଧ୍ୱର-ହିଂସା, ଯେଉଁଠି ହିଂସାର ମୋଟେ ସ୍ଥାନ ନାହିଁ । କୁହାଯାଇଛି :-

**"ନ କୃତ୍ୱାପ୍ରାଣୀନାଂ ହିଂସା ମାଂସମୁତ୍ପଦ୍ୟତେ କ୍ୱଚିତ୍ ।"**

ତେଣୁ ବେଦରେ ପଶୁହିଂସାର କୁତ୍ରାପି ବର୍ଣ୍ଣନା ନାହିଁ ।

ପ୍ର :- ବେଦରେ ଗୋମେଧ, ଅଶ୍ୱମେଧ, ନରମେଧ ଯଜ୍ଞର ବିଧାନ ଅଛି । ସେ ସବୁର ଅର୍ଥ କ'ଣ ?

ଉ :- ଗୌ ଶବ୍ଦର ଅର୍ଥ ବାଣୀ, ପୃଥିବୀ, ଗାଈ ଆଦି । ମେ ଶବ୍ଦର ଅର୍ଥ ବୁଦ୍ଧି, ପବିତ୍ରତା, ସଙ୍ଗଠନ, ବଧ ଇତ୍ୟାଦି । ତେଣୁ ଗୋମେଧର ଅର୍ଥ ଗୋପ୍ରଜନନ, ବାଣୀର ପବିତ୍ରତା, ପୃଥିବୀର ପରିଷ୍କରଣ । "ଅଶ୍ୱୋବୈରାଷ୍ଟ୍ରଂ" ତେଣୁ ଅଶ୍ୱମେଧର ଅର୍ଥ ରାଷ୍ଟ୍ରଗଠନ, ରାଷ୍ଟ୍ରର ଉନ୍ନତିକରଣ ଆଦି । ନର ହେଉଛନ୍ତି ଆଶ୍ରୟରୂପକ ପରମେଶ୍ୱର । ଜଗତର ସବୁକିଛି ପରମେଶ୍ୱରଙ୍କର, ଏପରି ବୋଧକରିବା "ନରମେଧ" । ତେଣୁ ବେଦରେ କଲ୍ୟାଣ କାରକ ଅର୍ଥରେ ଗୋମେଧ, ନରମେଧ, ଅଶ୍ୱମେଧ ପ୍ରଭୃତି ଉଲ୍ଲିଖିତ ହୋଇଛି ।

ପ୍ର :- ଯଜ୍ଞୋପବୀତ ଧାରଣର ଅର୍ଥ କ'ଣ ?

ଉ :- ଉପନୟନ ସଂସ୍କାର ସମୟରେ ବ୍ରହ୍ମଚାରୀ, ବ୍ରହ୍ମଚାରିଣୀମାନେ ନିଜନିଜ ଜୀବନର ମହତ୍ୱକୁ ଅବଗତ ହେବାପାଇଁ ଯେଉଁ ବ୍ରତ ନିଅନ୍ତି, ଯଜ୍ଞୋପବୀତ ହେଉଛି ତାହାର ପ୍ରତୀକ । ଜୀବନକାଳରେ ଉଚ୍ଚ ଆକାଂକ୍ଷା, ତଥା ଉଦ୍ଦେଶ୍ୟକୁ ସଂପାଦନ କରିବାପାଇଁ ଯଜ୍ଞୋପବୀତ ଧାରଣ କରାଯାଏ । ଯଜ୍ଞ ବା ପରୋପକାରକ କର୍ମରେ "ଉପବୀତ" ଅର୍ଥାତ୍ ନିଜକୁ ଆବୃତ୍ତ ରଖିବା ଯଜ୍ଞୋପବୀତ । ତେଣୁ କର୍ତ୍ତବ୍ୟ ସଂପାଦନ ନ କଲେ ଯଜ୍ଞୋପବୀତ ଧାରଣ ନିରର୍ଥକ ହୋଇପଡ଼େ ।

ପ୍ର :- ଯଜ୍ଞୋପବୀତର ସୂତ୍ର ସଂଖ୍ୟା କେତୋଟି ? ସେଗୁଡ଼ିକ ଉଦ୍ଦେଶ୍ୟ କ'ଣ ?

ଉ :- ଯଜ୍ଞୋପବୀତର ସୂତ୍ର ସଂଖ୍ୟା ତିନୋଟି । ଏହି ତିନି ସୂତ୍ର ତିନୋଟି ଋଣର

ସୂଚନା ଦେଉଛି । କଥିତ ହୋଇଛି :-

**"ଜାୟମାନୋ ବୈ ପୁରୁଷଃ ତ୍ରିଭିଃ ଋଣୈଃ ଋଣବାନ୍ ଭବତି"**

ତିନୋଟି ଋଣକୁ ଜୀବନକାଳ ମଧ୍ୟରେ ପରିଶୋଧ କରିବାପାଇଁ ତିନିସୂତ୍ର ମନୁଷ୍ୟକୁ ସାବଧାନ କରେ । ମୁନି, ଋଷି, ତ୍ୟାଗୀ, ତପସ୍ୱୀ, ମନୀଷୀମାନେ ମାନବ ସଂସ୍କୃତିର ବାହକ ଅଟନ୍ତି । ସେମାନଙ୍କ ଉପଦେଶପାଳନ ଓ ସେମାନଙ୍କ ଲିଖିତ ଗ୍ରନ୍ଥମାନ ଅଧ୍ୟୟନ ଦ୍ୱାରା "ଋଷିଋଣ" ପରିଶୋଧ ହୁଏ । ଜଳ, ଅଗ୍ନି, ବାୟୁ ପ୍ରଭୃତି ଦିବ୍ୟଶକ୍ତି ପଦାର୍ଥଗୁଡ଼ିକ ଦେବତା । ସେମାନଙ୍କ ଯୋଗୁଁ ଆମ ଜୀବନ ରହିଛି । ସେଗୁଡ଼ିକର ସଦୁପଯୋଗ କଲେ"ଦେବଋଣ" ପରିଶୋଧ ହୁଏ । ଆମ୍ଭମାନଙ୍କ ଜନ୍ମଦାତା ଓ ପାଳନକର୍ତ୍ତା ପିତାମାତାଙ୍କର ଉପଯୁକ୍ତ ସେବାଶୁଶ୍ରୂଷା, ସତ୍କାର କରିବା ଓ ଭବିଷ୍ୟତରେ ନିଜେ ଉପଯୁକ୍ତ ପିତାମାତା ହେବା ଦ୍ୱାରା "ପିତୃଋଣ" ପରିଶୋଧ ହୁଏ । ସଚେତନ ବ୍ୟକ୍ତିକୁ ଯଜ୍ଞୋପବୀତର ତିନିସୂତ୍ର ସତେ ଯେପରି ସତର୍କ କରିଦିଏ, ହେ ମନୁଷ୍ୟ ! ଋଣତ୍ରୟକୁ ପରିଶୋଧ ନକରି ସଂସାରପୃଷ୍ଠ ପରିତ୍ୟାଗ କରନାହିଁ ।

ପ୍ର :- କେଉଁ ପଦାର୍ଥ ଅନାଦି ଓ ଅନନ୍ତ ?

ଉ :- ଈଶ୍ୱର, ଜୀବ, ପ୍ରକୃତି ଏହି ତିନୋଟି ଅନାଦି ଅଟନ୍ତି । କେବେ ଏମାନେ ଜାତ କିମ୍ବା ନଷ୍ଟ ହୁଅନ୍ତି ନାହିଁ । ଏମାନେ ଯେପରି ରହିଥିଲେ ଓ ରହିଛନ୍ତି ସେହିପରି ରହିଥିବେ ମଧ୍ୟ ।

ପ୍ର :- ଜୀବର ସ୍ୱରୂପ କିପରି ?

ଉ :- ଜୀବ ଚେତନ ପଦାର୍ଥ । ସେ ଯେପରି କର୍ମକରେ ସେହିପରି ଫଳଭୋଗ କରେ । ତାହାର ଜ୍ଞାନ ଓ ଶକ୍ତିର ଏକ ସୀମା ଅଛି । ତେଣୁ ଜୀବ ଅଳ୍ପଜ୍ଞ । ସୁଖ, ଦୁଃଖ, ଇଚ୍ଛା ଦ୍ୱେଷ, ଜ୍ଞାନ ଓ ପ୍ରଯତ୍ନ ଏସବୁ ହେଉଛନ୍ତି ଜୀବର ଲକ୍ଷଣ । ଜୀବ ସର୍ବଦା ଜନ୍ମମରଣ ଚକ୍ରରେ ଆବଦ୍ଧ ହୋଇରହେ ।

ପ୍ର :- ପ୍ରକୃତିର ଲକ୍ଷଣ କ'ଣ ?

ଉ :- ପ୍ରକୃତି ହେଉଛି ଜଡ଼ ପଦାର୍ଥ । ସତ୍ତ୍ୱ, ରଜ ଓ ତମ ଏ ତିନୋଟିର ସାମ୍ୟାବସ୍ଥାକୁ



ପ୍ରକୃତି କୁହାଯାଏ । ପ୍ରଳୟପରେ ପ୍ରକୃତି ଗତିଶୀଳ ହେବା ସଙ୍ଗେ ସଙ୍ଗେ ସୃଷ୍ଟି ଆରମ୍ଭ ହୁଏ । ବର୍ତ୍ତମାନ ଆମେ ଯାହାକିଛି ଦେଖୁଛୁ ସେ ସବୁ ପ୍ରକୃତିର ବିକୃତି ରୂପ ।

ପ୍ର :- ଈଶ୍ୱର ଜୀବ ଓ ପ୍ରକୃତି ମଧ୍ୟରେ ପାର୍ଥକ୍ୟ କ'ଣ ?

ଉ :- ପ୍ରକୃତି କେବଳ ସତ୍ । ଜୀବ ହେଉଛି ସତ୍ ଓ ଚିତ୍ । କିନ୍ତୁ ପରମାତ୍ମା ସତ୍, ଚିତ୍ ଓ ଆନନ୍ଦ । ପ୍ରକୃତି ଅଜ୍ଞ, ଜୀବ ଅଳ୍ପଜ୍ଞ କିନ୍ତୁ ପରମାତ୍ମା ହେଉଛନ୍ତି ସର୍ବଜ୍ଞ । ପ୍ରକୃତି ସୃଷ୍ଟିର ଉପାଦାନ କାରଣ, ଜୀବ ସାଧାରଣ କାରଣ ପରମାତ୍ମା ନିମିତ୍ତ କାରଣ । ଜୀବାତ୍ମା ଅନେକ କିନ୍ତୁ ପରମାତ୍ମା ଏକ ।

ପ୍ର :- ପରମାତ୍ମା ସର୍ବଶକ୍ତିମାନ୍ । ସେ ଯାହା ଚାହିଁବେ ତାହା କରିପାରିବେ କି ?

ଉ :- ପରମାତ୍ମା ସର୍ବଶକ୍ତିମାନ୍, ଏହାର ପ୍ରକୃତ ଅର୍ଥ ହେଉଛି ସେ ଅନ୍ୟ କାହାର ସହାୟତା ନ ନେଇ ସୃଷ୍ଟିର ଉତ୍ପତ୍ତି ପାଳନ ଓ ପ୍ରଳୟ କରନ୍ତି । ସେ ନିଜକୁ ନଷ୍ଟ କରିପାରିବେ, ଅନ୍ୟ ଈଶ୍ୱର ନିର୍ମାଣ କରିପାରିବେ, ମନଇଚ୍ଛା ପାପ କରିବେ, ସର୍ବଶକ୍ତିମାନ୍‌ର ଅର୍ଥ ଏପରି କଦାପି କରାଯାଇପାରିବ ନାହିଁ । କାରଣ ଏସବୁ ହେଉଛି ପରମାତ୍ମାଙ୍କ ଗୁଣ, କର୍ମ ସ୍ୱଭାବର ବିରୁଦ୍ଧାଚରଣ, ନିୟମକୁ ପରିବର୍ତ୍ତନ କରିବା ବଳର ଚିହ୍ନ ନୁହେଁ ତାହା ହେଉଛି ଦୁର୍ବଳତାର ଲକ୍ଷଣ ।

ପ୍ର :- ଜୀବଗଣ ନିଜ କର୍ମଫଳ ନିଜେ ଯଦି ଭୋଗ କରନ୍ତି ତେବେ ଈଶ୍ୱରଙ୍କ ଆବଶ୍ୟକତା କ'ଣ ଅଛି ?

ଉ :- ଦୁଷ୍ଟ, ଡକାୟତ, ଚୋର ପ୍ରଭୃତି ଯେଉଁ ଦୁଷ୍କର୍ମ କରନ୍ତି, ତାପାଇଁ ନିଜଦ୍ୱାରା କେବେ ଦଣ୍ଡିତ ହୁଅନ୍ତି ନାହିଁ । ଦଣ୍ଡବିଧାନପାଇଁ ଅନ୍ୟଜଣକର ଆବଶ୍ୟକତା ଅନୁଭୂତ ହୋଇଥାଏ । ସେହିପରି ଜୀବମାନଙ୍କୁ କର୍ମଫଳ ପ୍ରଦାନପାଇଁ ଈଶ୍ୱରଙ୍କ ଆବଶ୍ୟକତା ଅନୁଭୂତ ହୁଏ । ସେ ନ୍ୟାୟାଧୀଶର କାର୍ଯ୍ୟ କରନ୍ତି ।

ପ୍ର :- ଈଶ୍ୱରଙ୍କ ସର୍ବୋତ୍ତମ ନାମ କ'ଣ ?

ଉ :- 'ଓ୩ମ୍' ହେଉଛି ଈଶ୍ୱରଙ୍କ ସର୍ବଶ୍ରେଷ୍ଠନାମ । ତାହା ଅ,ଉ,ମ୍ ଏହି ତିନି ଅକ୍ଷରରେ ଗଠିତ । 'ଅ' କାରର ଅର୍ଥ :- ବିରାଟ, ଅଗ୍ନି, ବିଶ୍ୱ ପ୍ରଭୃତି । 'ଉ' କାରର

ଅର୍ଥ :- ହିରଣ୍ୟଗର୍ଭ, ବାୟୁ, ତେଜ ଆଦି, 'ମ'କାରର ଅର୍ଥ ଈଶ୍ୱର ଆଦିତ୍ୟ, ପ୍ରାଜ୍ଞ ଇତ୍ୟାଦି । "ଓମ୍" ଶବ୍ଦରେ ଈଶ୍ୱରଙ୍କ ସମସ୍ତଗୁଣ ପର୍ଯ୍ୟବସିତ । ଅନ୍ୟ ନାମଗୁଡ଼ିକ ପୁଲିଙ୍ଗ୍, ସ୍ତ୍ରୀଲିଙ୍ଗ କିମ୍ବା କ୍ଲିବଲିଙ୍ଗ ବାଚକ । କିନ୍ତୁ "ଓମ୍" ହେଉଛି ଅବ୍ୟୟ ଶବ୍ଦ । ଅବ୍ୟୟର ଲିଙ୍ଗ୍, ବଚନ ବା ବିଭକ୍ତି ନ ଥାଏ । ସର୍ବଦା ଏକରୂପରେ ରହେ । ସେପରି ଓମ୍ ନାମଧେୟ ପରମାତ୍ମା ସନାତନ ଓ ନିର୍ବିକାର ଅଟନ୍ତି ।

ପ୍ର :- ଜୀବ ଶରୀର ମଧ୍ୟରେ ବ୍ୟାପି ରହିଥାଏ ନା କୌଣସି ସ୍ୱତନ୍ତ୍ର ସ୍ଥାନରେ ଥାଏ ?

ଉ :- ଜୀବଜାଗ୍ରତାବସ୍ଥାରେ ଶିରରେ, ସ୍ୱପ୍ନସମୟରେ କଣ୍ଠରେ ଓ ଶୟନାବସ୍ଥାରେ ହୃଦୟରେ ଥାଏ ବୋଲି ଯୋଗୀଜନମାନେ ଗବେଷଣା କରି କହିଛନ୍ତି । ଜୀବର ମୁଖ୍ୟସ୍ଥାନ ମସ୍ତିଷ୍କବୋଲି ଶାସ୍ତ୍ରମାନଙ୍କରେ କଥିତ ହୋଇଛି ।

ପ୍ର :- ଋଗ୍ବେଦରେ କେଉଁ କେଉଁ ବିଷୟ ବର୍ଣ୍ଣିତ ହୋଇଛି ?

ଉ :- ଋଗ୍ ବେଦରେ ଅଣୁ-ପରମାଣୁ ଠାରୁ ପରମେଶ୍ୱରଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ପଦାର୍ଥର ଗୁଣ ବର୍ଣ୍ଣନା କରାଯାଇଛି । ଯଜୁର୍ବେଦ ହେଉଛି କର୍ମକାଣ୍ଡ , ମନୁଷ୍ୟଙ୍କୁ କର୍ମପାଇଁ ପ୍ରେରଣା ଯୋଗାଇ ଦିଆଯାଇଛି । ସାମବେଦରେ ଉପାସନାର ବିଷୟ ଓ ଅଥର୍ବ ବେଦରେ ଜ୍ଞାନବିଜ୍ଞାନକାଣ୍ଡ ବର୍ଣ୍ଣିତ ହୋଇଛି । ଋଗ୍‌ର ଅର୍ଥ ପଦ୍ୟ, ଯଜୁଃର ଅର୍ଥ ଗଦ୍ୟ, ସାମ ହେଉଛି ଗାନ ଓ ଅଥର୍ବ ପ୍ରୋକ୍ତ ବିଦ୍ୟାତ୍ରୟର ସମାବିଷ୍ଟ ଜ୍ଞାନ ।

ପ୍ର :- ଚାରିବେଦର ମନ୍ତ୍ରସଂଖ୍ୟା କେତେ ?

ଉ :- ଚାରିବେଦର ମନ୍ତ୍ରସଂଖ୍ୟା ୨୦୩୭୯ ଅଟେ । ଋଗ୍‌ବେଦ ୧୦୫୫୨, ଯଜୁର୍ବେଦ ୧୯୭୫, ସାମବେଦ ୧୮୭୫, ଅଥର୍ବ ବେଦ ୫୯୭୭ ।

ପ୍ର :- ବେଦର ସର୍ବଶ୍ରେଷ୍ଠ ମନ୍ତ୍ର କେଉଁଟି ?

ଉ :- ଦେଖିବାକୁ ଗଲେ ବେଦର ପ୍ରତ୍ୟେକ ମନ୍ତ୍ର ସମାନ ଭାବରେ ଶିକ୍ଷାପ୍ରଦ । ତଥାପି ମୁନିଋଷିମାନେ ଗାୟତ୍ରୀ ମନ୍ତ୍ରକୁ ପ୍ରାଧାନ୍ୟ ଦେଇଛନ୍ତି । କାରଣ ଚାରି ବେଦର କୋଡ଼ିଏ ହଜାରରୁ ଉର୍ଦ୍ଧ୍ୱ ମନ୍ତ୍ରମଧ୍ୟରେ ଏକମାତ୍ର ଏହା "ମହାମନ୍ତ୍ର" ନାମରେ ଖ୍ୟାତ । ଏହାକୁ ସାବିତ୍ରୀ ଓ ଗୁରୁମନ୍ତ୍ର ବୋଲି କୁହାଯାଏ । ଉପନିଷଦ୍‌ରେ ଏହି ମନ୍ତ୍ରକୁ



"ବେଦରପ୍ରାଣ" ଓ ବେଦ ଏହାକୁ "ବରଦାତ୍ରୀ" ବୋଲି କହିଛନ୍ତି । ଏହିମନ୍ତ୍ରରେ ସଦ୍‌ବୁଦ୍ଧିର ପ୍ରେରଣାପାଇଁ ପ୍ରଭୁଙ୍କୁ ପ୍ରାର୍ଥନା କରାଯାଇଛି ।

ପ୍ର :- ବେଦ ଓ ଅନ୍ୟଶାସ୍ତ୍ରମଧ୍ୟରେ ପାର୍ଥକ୍ୟ କ'ଣ ?

ଉ :- ବେଦ ହେଉଛି ଈଶ୍ୱର ପ୍ରଦତ୍ତବାଣୀ, ଅନ୍ୟଗ୍ରନ୍ଥଗୁଡ଼ିକ ମହାପୁରୁଷମାନଙ୍କ ଉପଦେଶ ଓ ରଚନା, ବେଦ ଓ ଅନ୍ୟଶାସ୍ତ୍ରମଧ୍ୟରେ ଏହାହିଁ ପାର୍ଥକ୍ୟ ରହିଛି । ବେଦବାଣୀ ଚନ୍ଦ୍ର, ସୂର୍ଯ୍ୟପରି ସବୁସୃଷ୍ଟିରେ ସମାନ । ମନୁଷ୍ୟକୃତ ଶାସ୍ତ୍ର ବେଦ ଆଧାରିତ ହୋଇପାରେ, କିମ୍ବା ଗୋଷ୍ଠୀଗତ, ସାମ୍ପ୍ରଦାୟିକ ଓ ଅପୂର୍ଣ୍ଣ ହୋଇଥାଏ, କିନ୍ତୁ ବେଦ ସଂପୂର୍ଣ୍ଣ ଓ ସନାତନ ଜ୍ଞାନ ।

ପ୍ର :-ମନୁସ୍ମୃତି, ମହାଭାରତ ପ୍ରଭୃତି ଗ୍ରନ୍ଥରେ ମାଂସାହାର, ଜାତିବିଦ୍ୱେଷ, ନାରୀଲାଞ୍ଛନା ଆଦି ବିଷୟ ରହିଥିବାର ଶୁଣାଯାଏ । ଏହା କେତେଦୂର ସତ୍ୟ ?

ଉ :- ପୂର୍ବରୁ କଥିତ ହୋଇଛି ବେଦ ବା ଶ୍ରୁତି ହିଁ ପରମାତ୍ମାଙ୍କ ଉପଦେଶ । ବେଦରେ ଅନ୍ୟ କିଛି ମିଶ୍ରଣ କରିବା ସମ୍ଭବ ନୁହେଁ । ବେଦବ୍ୟତୀତ ଅନ୍ୟଗୁଡ଼ିକ ମନୁଷ୍ୟକୃତ କାଳକ୍ରମେ ସ୍ୱାର୍ଥାନ୍ୱେଷୀ ଲୋକେ ସେସବୁ ଗ୍ରନ୍ଥରେ ପକ୍ଷପାତ ବିଚାର ମିଶ୍ରଣ କରିଦେଇଛନ୍ତି । ତେଣୁ ସ୍ପଷ୍ଟ ଭାବରେ ମୁନିଋଷିମାନେ କହିଛନ୍ତି :- ଶ୍ରୁତି (ବେଦ) ଓ ସ୍ମୃତି (ମନୁଷ୍ୟ ରଚନା) ମଧ୍ୟରେ କୌଣସି ପ୍ରଭେଦ ଦେଖାଗଲେ ଶ୍ରୁତି ଅର୍ଥାତ୍ ବେଦର ମନ୍ତବ୍ୟ ହିଁ ଗ୍ରହଣଯୋଗ୍ୟ । ବେଦରେ କେବଳ ସର୍ବହିତକାରକ, ଯୁକ୍ତିଯୁକ୍ତ ସତ୍ୟମୂଳକ ବିଷୟମାନ କଥିତ ହୋଇଛି ।

—: ସମାପ୍ତ :—

